RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-8 ◆BHUBANESWAR ◆WEDNESDAY ◆2 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮ ◆ଭୁବନେଶ୍ୱର ◆ବୁଧବାର ◆୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଜୁଲାଇ ୩ରେ 'ରାମାୟଣ'ର ପ୍ରଥମ ଝଲକ

▶ପୃଷ୍ଠା ୧୧ ଦେଖନ୍ତୁ...

## ମନ୍ତ୍ରୀଙ୍କ ଗୁଣ୍ଡାଗିରି; ଏନ୍‌ଏଚ୍ ଅଧିକାରୀଙ୍କୁ ପିଟିଲେ

■ **ସିମ୍‌ଲା, ୧।୭ (ଏଜେନ୍ସି):** ହିମାଚଳ ପ୍ରଦେଶର ପଞ୍ଚାୟତିରାଜ ମନ୍ତ୍ରୀ ଅନିରୁଦ୍ଧ ସିଂହ ବିଚ୍ ରାସ୍ତା ଉପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜଣେ ଅଧିକାରୀଙ୍କୁ ନିସ୍ତୁକ ପିଟିଛନ୍ତି। ଗତ ୩୦ ତାରିଖରେ ସିମ୍‌ଲା ଜିଲ୍ଲା ଭାଟକୁଫର ଅଞ୍ଚଳରେ ଏକ ୫ ମହଲା ବିଶିଷ୍ଟ କୋଠା ଭୁଶୁଡିବା ଘଟଣାର ଅନୁଧ୍ୟାନ କରିବାକୁ ଯାଇଥିବାବେଳେ ମନ୍ତ୍ରୀ ଏନ୍‌ଏଚ୍‌ଏଆଇ ମ୍ୟାନେଜର (ଟେକ୍ନିକାଲ) ଅଚଳ ଜିନ୍ଦଲଙ୍କୁ ମାଡ଼ ମାରିବା ସହି ସର୍ବସମ୍ମୁଖରେ ଅପମାନିତ କରିଥିଲେ। ଘଟଣା ସମ୍ପର୍କରେ ଶ୍ରୀ ଜିନ୍ଦଲ ମନ୍ତ୍ରୀଙ୍କ ବିରୋଧରେ ଏତଲା ଦାୟର କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ



ହୋଇନଥିଲା। ତେବେ ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ହସ୍ତକ୍ଷେପ ପରେ ମନ୍ତ୍ରୀ ଶ୍ରୀ ସିଂହଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶ୍ରୀ ଜିନ୍ଦଲ ଏବଂ ସାଇଟ୍ ଇଞ୍ଜିନିୟର ଯୋଗେଶ ସୋମବାର ସକାଳେ ଏସ୍‌ଡିଏମ ମନଜିତ ଶର୍ମାଙ୍କ ସହ କୋଠା ଭୁଶୁଡ଼ିଥିବା ସ୍ଥଳରେ ପହଞ୍ଚିବା ସହ ଏହା ରାଜ୍ୟ ସରକାରଙ୍କ ଅଧିନରେ ଯାଉଥିବା କହିଥିଲେ। ଏହା ଶୁଣିବା ମାତ୍ରେ ମନ୍ତ୍ରୀ ରାଗି ଯାଇ ଇଞ୍ଜିନିୟରଙ୍କୁ ଅପମାନିତ କରିବା ସହ ନିସ୍ତୁକ ପିଟିଥିଲେ। କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ହସ୍ତକ୍ଷେପ ପରେ ତାଙ୍କ ବିରୋଧରେ ଏତଲା ଦିଆଯାଇଛି।

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ନିଲମ୍ବନ କଲେ କୋର୍ଟ

■ **ବ୍ୟାଙ୍କକ୍, ୧।୭ (ଏଜେନ୍ସି):** ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କୁ ଦେଶର ସାମ୍ବିଧାନିକ କୋର୍ଟ ନିଲମ୍ବନ କରିଛନ୍ତି। ପଡ଼ୋଶୀ ଦେଶ କାମ୍ବୋଡିଆ ସହିତ କୂଟନୈତିକ ତଥା ରାଜନୈତିକ ବିବାଦ କାରଣରୁ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହି ଘଟଣା ଥାଇଲାଣ୍ଡରେ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। କାମ୍ବୋଡ଼ିଆ ନେତାଙ୍କ ସହିତ ପ୍ରଧାନମନ୍ତ୍ରୀ ଫୋନ୍‌ରେ ହୋଇଥିବା ବାର୍ତ୍ତାଳାପ ପ୍ରଘଟ ହେବାପରେ କୋର୍ଟ ପ୍ରଧାନମନ୍ତ୍ରୀଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ନିଲମ୍ବନ କରିଛନ୍ତି। ଲିକ୍ ହୋଇଥିବା ଏହି ଟେଲିଫୋନ୍ କଲ୍‌ରେ



ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ଶାସକ ହୁନ୍ ସେନଙ୍କୁ 'ଅଙ୍କଲ' କରି ସମ୍ବୋଧିତ କରିବା ସହିତ ନିଜ ଦେଶର ଜଣେ ସାମରିକ ଅଧିକାରୀଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଏଭଳି ବାର୍ତ୍ତାଳାପ ନୈତିକତାର ଉଲ୍ଲଂଘନ ବୋଲି କୋର୍ଟ କହିଛନ୍ତି। ଦୁଇ ଦେଶ ମଧ୍ୟରେ ସୀମା ବିବାଦରୁ ନିଜ ପଦର ଫାଇଦା ଉଠାଇବା ଲାଗି ପ୍ରଧାନମନ୍ତ୍ରୀ ନୈତିକତାର ଉଲ୍ଲଂଘନ କରିଥିବାରୁ ସାମ୍ବିଧାନିକ କୋର୍ଟ ୭-୨ ବହୁମତରେ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାରେ ଅନ୍ତିମ ରାୟ ଆସିବା ପର୍ଯ୍ୟନ୍ତ ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ▶ପୃଷ୍ଠା-୭

**ବିଜେପି ନେତାଙ୍କ ଆତଙ୍କରାଜ**

# ସମୂହ ଛୁଟିରେ ଓଏଏସ୍

## ରାଜ୍ୟର ସବୁ ଜିଲ୍ଲାରେ ପ୍ରଶାସନିକ ଅଚଳାବସ୍ଥା

### ତେଜିଲା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ଗିରଫ ଦାବି

### ପୁରୀରେ ମହାପ୍ରଭୁଙ୍କ ସେବା ଭିନ୍ନ ଅନ୍ୟ କାର୍ଯ୍ୟରୁ ନିବୃତ

### ସମର୍ଥନ ଦେଲା ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ

■ **ଭୁବନେଶ୍ୱର, ୧।୭ (ସମିସ):** ସାରା ରାଜ୍ୟର ଓଏଏସ୍ ଅଧିକାରୀମାନେ ଆଜି କାର୍ଯ୍ୟବନ୍ଦ କରିଛନ୍ତି। ସମୂହ ଛୁଟିରେ ଯାଇଛନ୍ତି। ଫଳରେ ରାଜ୍ୟ ସାରା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ ବନ୍ଦ ରହିଛି। ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଅଧିକାରୀଙ୍କୁ ଘୋଷାରି ପିଟିବା ଘଟଣାରେ ସମ୍ପୃକ୍ତ ଓ ଏହାର ପୃଷ୍ଠପୋଷକ ଯେତେ ଶକ୍ତିଶାଳୀ ହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି କାଲି ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଛନ୍ତି। ଓଏଏସ୍ ସଂଘର ଏହି ନିଷ୍ପତ୍ତିକୁ ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ ବି ସମର୍ଥନ କରିଛନ୍ତି।

ସମସ୍ତ ୩୦ ଜିଲ୍ଲାରେ ସଂଘ ପକ୍ଷରୁ ଓଏଏସ୍ ଅଧିକାରୀମାନେ ଛୁଟିରେ ଯାଇଥିବା ବେଳେ କେବଳ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଓଏଏସ୍ ଅଧିକାରୀମାନେ କେବଳ ରଥଯାତ୍ରା ସମ୍ପର୍କିତ କାର୍ଯ୍ୟକୁ ଛାଡ଼ି ବାକି କୌଣସି କାମ କରି ନ ଥିବା ଜଣାପଡ଼ିଛି। ଏହା ବ୍ୟତୀତ ରାଜ୍ୟର ସମସ୍ତ ଜିଲ୍ଲାର ଓଏଏସ୍ ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଛି। ରାଜ୍ୟରେ ଓଏଏସ୍ ଅଧିକାରୀମାନ ସମୂହ ଛୁଟିରେ ଯିବା ଯୋଗୁଁ ସାରା ରାଜ୍ୟରେ ଅଚଳାବସ୍ଥା ଛୁଟି ହୋଇଛି।

ଅନ୍ୟପଟେ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଆହୂତ ଏହି ଆନ୍ଦୋଳନ ଡାକରାକୁ ରାଜ୍ୟର ବିଭିନ୍ନ କର୍ମଚାରୀ ସଂଘ ସମର୍ଥନ ଜଣାଇବା ସହିତ ସରକାରଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘ ଏହି ଘଟଣାକୁ ଘୋର ନିନ୍ଦା କରିବା ସହ ଓଏଏସ ଅଫିସର ସଂଘ ପକ୍ଷରୁ ଗ୍ରହଣ କରାଯାଇଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ଏହି ମର୍ମରେ ପତ୍ର ମାଧ୍ୟମରେ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି ଯେ ଦିନକୁ ଦିନ ନିଜର ସ୍ୱାର୍ଥ ହାସଲ କରିବା ପାଇଁ କିଛି ମୁଷ୍ଟିମେୟ ଓ ଖଳ ପ୍ରକୃତିର ବ୍ୟକ୍ତି ବିଶେଷମାନେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଆକ୍ରମଣ କରୁଛନ୍ତି। ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଏହି ଘଟଣାକୁ ରାଜ୍ୟ ସରକାର ଗମ୍ଭୀରତାର ସହିତ ଗ୍ରହଣ କରି ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ରାଜ୍ୟ ଅର୍ଥ ସେବା ସଂଘ, ଓଡ଼ିଶା ସୂଚନା ସେବା ସଂଘ ଓ ଓଡ଼ିଶା କୃଷି ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି।

ସୂଚନା ଥାଉ କି ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଓଏଏସ୍ ସଂଘ ସହିତ ଆଲୋଚନା କରିବା ସହ ଏହି ଘଟଣାରେ ସମ୍ପୃକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ଘଟଣାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ▶ପୃଷ୍ଠା-୭

**ତେଲଙ୍ଗାନା ବିସ୍ଫୋରଣ**

## ମୃତ୍ୟୁସଂଖ୍ୟା ୪୨

### ମୃତାହତଙ୍କ ମଧ୍ୟରେ ୨ ଓଡ଼ିଆ ଥିବା ସୂଚନା

■ **ଭୁବନେଶ୍ୱର, ୧।୭ (ସମିସ):** ତେଲେଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ରାସାୟନିକ କାରଖାନାରେ ଗତକାଲି ହୋଇଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୪୨କୁ ବୃଦ୍ଧିପାଇଛି। କାରଖାନା ପରିସରରୁ ବର୍ତ୍ତମାନ ସୁଦ୍ଧା ୩୧ଟି ମୃତଦେହ ଉଦ୍ଧାର କରାଯାଇଛି। ଗୁରୁତର ଆହତମାନଙ୍କ ମଧ୍ୟରୁ ଆଜି ହସ୍ପିଟାଲରେ ଆଉ ୫ ଜଣ ପ୍ରାଣ ହରାଇଛନ୍ତି। ଏହି ମୃତାହତ ଶ୍ରମିକମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା, ୟୁପି, ବିହାର ଓ ପଶ୍ଚିମବଙ୍ଗର ରହିଥିବା ଜଣାପଡ଼ିଛି। ବିସ୍ଫୋରଣରେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିବାରୁ ଏବେ ବି ଭଗ୍ନାବଶେଷ ତଳେ ଅନେକ ଶ୍ରମିକ



### ଉଦ୍ଧାର କାର୍ଯ୍ୟ ତଦାରଖ ଲାଗି ଓଡ଼ିଶାରୁ ଗଲେ ଦୁଇ ଅଧିକାରୀ

ପୋତି ହୋଇରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ଏହି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ଲାଗି ଓଡ଼ିଶାର ସରକାର ଦୁଇ ଜଣ ଅଧିକାରୀଙ୍କୁ ତେଲେଙ୍ଗାନା ପଠାଇଛନ୍ତି। ଏହି ଦୁଇ ଅଧିକାରୀ ହେଲେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ପ୍ରୀତିଶ ପଣ୍ଡା ଏବଂ ଡ. ଚନ୍ଦ୍ରଶେଖର ସାହୁ। ଦୁର୍ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିବା ସହିତ ଓଡ଼ିଆ ▶ପୃଷ୍ଠା-୭

**ବିଜେପି ନେତାଙ୍କ ଧମକ**

## ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ

■ **ବ୍ରହ୍ମପୁର, ୧।୭ (ସମିସ):** ରାଜଧାନୀର ବିଏମ୍‌ସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓଏଏସ୍ ତଥା ଅତିରିକ୍ତ କମିଶନରଙ୍କୁ ଗତକାଲି ବିଜେପି ନେତା ଓ କର୍ମୀମାନେ ନିସ୍ତୁକ ପିଟିଲେ। ନିଜ ଅଫିସରେ ଅଭିଯୋଗ ଶୁଣାଣି କରୁଥିବା ଅଧିକାରୀଙ୍କୁ ଅପହରଣ କରିବାକୁ ଘୋଷାରି ଘୋଷାରି ପାର୍ଟିକୋରେ ଗାଡ଼ି ପର୍ଯ୍ୟନ୍ତ ନେଇ ଆସିଲେ। ଏହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ସମୟରେ ଆଉ ଜଣେ ଯୁବ ନେତାଙ୍କ ଭାଇରାଲ ଅଡ଼ିଓ ବିଜେପିକୁ ଅକଳରେ ପକାଇଛି। ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ ଓ ଯାହା ଘଟିବ ତୁମେ ଦାୟୀ ରହିବ ବୋଲି ସମ୍ପୃକ୍ତ ବିଜେପି ଯୁବ ନେତା ରାଜପଥର ଗୋଟିଏ ଟୋଲଗେଟ୍ ଅଧିକାରୀଙ୍କୁ ଧମକ ଦେଉଥିବା ଅଡ଼ିଓ ଏବେ ଭାଇରାଲ ହୋଇଛି।

ରାଜ୍ୟରେ ବିଜେପି ସରକାର ଆସିବା ଦଳୀୟ ନେତାଙ୍କ ଉତ୍ପାଦ ଗଞ୍ଜାମ ଜିଲ୍ଲାରେ ବଢ଼ିବାରେ ଲାଗିଛି। ଜିଲ୍ଲାରେ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇଛି ଓ ଶାସକ ଦଳର ନେତା, କର୍ମୀ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ▶ପୃଷ୍ଠା-୭

**ଗଞ୍ଜାମ ଅଶାନ୍ତ | ଆଇନ ଶୃଙ୍ଖଳା କେଉଁଠି ?**


## ଦିନକରେ ୩ ହତ୍ୟା

■ **ଛତ୍ରପୁର/କୋଦଳା/ବ୍ରହ୍ମପୁର, ୧।୭ (ସମିସ):** ଅଶାନ୍ତ ଗଞ୍ଜାମ। କଥାକଥାକେ ବୁଲୁଛି ଖଣ୍ଡା, କାତି;ଗଡ଼ୁଛି ମୁଣ୍ଡ। ହତ୍ୟାଠାରୁ ଆରମ୍ଭ କରି ଦୁଷ୍କର୍ମ, ଗଣଦୁଷ୍କର୍ମ, ରାଜାହାନି, ଲୁଟ୍, ଡକାୟତି ଭଳି ଆପରାଧିକ ଘଟଣା ଜିଲ୍ଲାରେ ନିତିଦିନିଆ ହୋଇଗଲାଣି। ଗତ ୨୪ ଘଣ୍ଟାରେ ହତ୍ୟାକାଣ୍ଡରେ ୩ଟି

### ସଂଘବଦ୍ଧ ଆକ୍ରମଣରେ ୨ ମୃତ

### ଛୁରି ଭୁସି ପ୍ରେମିକାକୁ ହତ୍ୟା

ମୁଣ୍ଡ ଗଡ଼ିଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଛତ୍ରପୁର ଓ ବେଗୁନିଆପଡ଼ାରେ ସଂଘବଦ୍ଧ ଆକ୍ରମଣରେ ୨ ଜଣ ପ୍ରାଣ ହରାଇଥିବା ବେଳେ ବ୍ରହ୍ମପୁରରେ ପ୍ରେମିକର ଛୁରିମାଡ଼ରେ ପ୍ରେମିକାର ମୃତ୍ୟୁ ହୋଇଛି।



ଅଭିଯୁକ୍ତ ପ୍ରେମିକ | ମୃତ ଯୁବତୀ

ସୂଚନାନୁଯାୟୀ, ଛତ୍ରପୁର ଥାନା ଅଧୀନ ଗୋବା ଗ୍ରାମ ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ, ଗୋବା ଗ୍ରାମର ତୋଫାନ ସ୍ୱାଇଁ (୨୫)। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି। ମଙ୍ଗଳବାର ସକାଳୁ ଗୋବା ଗ୍ରାମ ନିକଟରେ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବାଇକ୍‌ରେ ଆସି ତୋଫାନଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ସୁଧୀର ସ୍ୱାଇଁ ଓ ଅନ୍ୟ କିଛି ▶ପୃଷ୍ଠା-୭

## ସ୍କୁଲ୍ ଶୌଚାଳୟରେ ନାବାଳିକାକୁ ଦୁଷ୍କର୍ମ

■ **ବ୍ରହ୍ମପୁର,୧।୭(ସମିସ):** ଗୋଳନ୍ଥରା ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକଜଣଙ୍କ ପୀଡ଼ିତାଙ୍କ ସଂପର୍କୀୟ ଭାଇ ଭୁବନ ପ୍ରଧାନ (୨୨) ବୋଲି ଜଣାଯାଇଛି।



ପୁଲିସ ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକାଙ୍କ ମା' ଓ ବାପା ଦିନ ମଜୁରିଆ ଭାବେ କାମ କରନ୍ତି। କାମକୁ ଗଲା ବେଳେ ସେମାନେ ନିଜର ୩ପିଲାଙ୍କୁ ଘରେ ଛାଡ଼ି ଯାଇଥାନ୍ତି। ପୀଡ଼ିତାଙ୍କ ବୟସ ମାତ୍ର ୧୧ବର୍ଷ ୬ମାସ। ଗତ ୨୮ ତାରିଖ ପୂର୍ବାହ୍ନ ପ୍ରାୟ ୯ଟାରେ ପ୍ରତିଦିନ ଭଳି ପୀଡ଼ିତାଙ୍କ ମା ଓ ବାପା କାମକୁ ଯାଇଥିବା ବେଳେ ନାବାଳିକା ଝିଅ ଘରେ ଏକୁଟିଆ ଥିଲେ। ଦିନ ପ୍ରାୟ ▶ପୃଷ୍ଠା-୭


**ହେରାପଞ୍ଚମୀରେ ମହାପ୍ରଭୁଙ୍କ ମାନବୀୟ ଲୀଳା**

## ନନ୍ଦିଘୋଷ ରଥ ଭାଙ୍ଗିଲେ ଲକ୍ଷ୍ମୀ ସାଆନ୍ତାଣୀ

■ **ପୁରୀ, ୧।୭ (ସମିସ):** ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପ ମଣ୍ଡପରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧା ବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ମହାପ୍ରଭୁଙ୍କ ନୀତିକାନ୍ତି। ଜନ୍ମବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ। ରଥଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ। ଦାରୁବିଗ୍ରହଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ। ମଙ୍ଗଳବାର ଗୁଣ୍ଡିଚା ମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି।

ମହାପ୍ରଭୁ ଏବଂ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କ ବିବାହ ସରିଥିଲା। ହେଲେ ଗଇଁଠାଳ ଫିଟି ନଥିଲା। ଅର୍ଥାତ୍ ବିବାହ କର୍ମ ଅଧାରେ ରହିଛି। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଲେ। ବିଭିନ୍ନ ପଥ୍ୟ ସେବନ କରି ଆରୋଗ୍ୟଲାଭ କଲେ। ଦ୍ୱିତୀୟା ତିଥିରେ ମହାପ୍ରଭୁ ଲକ୍ଷ୍ମୀଙ୍କୁ ସାକ୍ଷାତ୍ ନ କରି ଭାଇ-ଭଉଣୀଙ୍କୁ ସାଥୀରେ ଧରି ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ବିରହ ବେଦନାରେ ଥିବା ମା' ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଫେରାଇନେବା ଲାଗି ଆସିଥିଲେ। ମହାପ୍ରଭୁ ଦର୍ଶନ ଦେଲେ, କିନ୍ତୁ ମହାଲକ୍ଷ୍ମୀଙ୍କ ଫେରିବା ଅନୁରୋଧକୁ ରଖିଲେ ନାହିଁ। ଏଥିରେ ରୋଷ କରି ଲକ୍ଷ୍ମୀ ସାଆନ୍ତାଣୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶକୁ ଭାଙ୍ଗି ଦେଇ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ଫେରିବା ସମୟରେ ପନ୍ତି ଭୋଗ ଗ୍ରହଣ କରିଥିଲେ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ହୋଇଥିଲା। ଏହାପରେ ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀଗୁଣ୍ଡିଚା ଅଭିମୁଖେ ▶ପୃଷ୍ଠା-୭




**ରଥଯାତ୍ରା ମହାବିଭ୍ରାଟ**

# କାହାକୁ ସୁରକ୍ଷା ଦେଉଛନ୍ତି ସରକାର

## ଓପିଏସ୍, ଓଏପିଏସ୍‌ଙ୍କୁ ନିଲମ୍ବନ କରି ହାତ ଝାଡ଼ିଦେଲେ

■ **ଭୁବନେଶ୍ୱର, ୧।୭ (ସମିସ):** ରଥଯାତ୍ରା ମହା ବିଭ୍ରାଟ ଓ ଶରଧାବାଲି ଦଳାଚକଟା ମୃତ୍ୟୁକୁ ୩ ଦିନ ବିତିଲାଣି। ମାତ୍ର ଏଯାଏ ଜିଲ୍ଲାପାଳ ଓ ଏସ୍‌ପିଙ୍କ ବଦଳି, ଜଣେ ଓପିଏସ୍ ଏବଂ ଜଣେ ଓଏପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରି ସରକାର ନିଜ ଦାୟିତ୍ୱ ସାରି ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପକୁ ଏବେ ସବୁ ମହଲରେ ପ୍ରଶ୍ନ ଉଠିଛି। କେଉଁ ଅଜ୍ଞାତ ରହସ୍ୟକୁ ସରକାର ଢ଼ାଙ୍କିବାକୁ ଓ କାହାକୁ ସୁରକ୍ଷା ଦେବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ମହାପ୍ରଭୁଙ୍କ ମୋଦକ ଚୋରିଠାରୁ ଆରମ୍ଭ କରି ନନ୍ଦିଘୋଷ ରଥଟଣାରେ ଅହେତୁକ ବିଳମ୍ବ, ଦଳାଚକଟା ମୃତ୍ୟୁ ଆଦି ଏତେ ସବୁ ବିଭ୍ରାଟ ପଛରେ ମାତ୍ର ୨ ଜଣ ଓପିଏସ୍ ଅଧିକାରୀ ଦାୟୀ ବୋଲି ସରକାର ପ୍ରମାଣ କରିବାକୁ ଚାହୁଁଛନ୍ତି। ଯଦି ଏହି ଦୁଇ ଅଧିକାରୀଙ୍କ ପାଇଁ ଏତେସବୁ ଅଘଟଣ ଘଟିଛି, ତେବେ ୧୦ ହଜାରରୁ ଉର୍ଦ୍ଧ୍ୱ ପୁଲିସ କର୍ମୀ, ୨୫ ଏସ୍‌ପି ପାହ୍ୟା ଅଧିକାରୀ, ଗଣ୍ଡାଗଣ୍ଡା ମନ୍ତ୍ରୀଙ୍କୁ ନେଇ ଗଠିତ କମିଟି କ'ଣ କରୁଥିଲେ? କାହିଁକି ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଥିଲା, କାହିଁକି ଏତେ ପୁଲିସ ନିଯୁକ୍ତି ଦିଆଯାଇଥିଲା, ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ କାହିଁକି ନିଯୁକ୍ତି ପାଇଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ତେଣୁ ସରକାର ସବୁ ଅପାରଗତାକୁ ଢ଼ାଙ୍କିବାକୁ ନିଲମ୍ବନକୁ ଅସ୍ତ୍ର କରିଛନ୍ତି ଓ ସମସ୍ତଙ୍କୁ ଭୂଆଁ ବୁଲାଇବାକୁ ଉଦ୍ୟମ କରିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ସେହିପରି ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅପାରଗତା ହିଁ ୩ ଜଣ ଭକ୍ତଙ୍କ ପ୍ରାଣ ନେଇଥିବା ସାଧାରଣ ଲୋକ ଅଭିଯୋଗ କରୁଛନ୍ତି। ନିଜେ ଶୋଇବାକୁ ଯିବା ନିମନ୍ତେ ଅଧିକାରୀମାନେ ମହାପ୍ରଭୁଙ୍କ ସଅଳ ପହଡ଼ ପକାଇବାକୁ ନିର୍ଦ୍ଦେଶ ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି।

### ମହାପ୍ରଭୁଙ୍କ ଟ୍ୱିଟର ଆକାଉଣ୍ଟ ଖୋଜୁଛନ୍ତି ଭକ୍ତ

ସବୁଠାରୁ କୌତୂହଳର ବିଷୟ ହେଉଛି ଏହି ଘଟଣାରେ ସବୁଠାରୁ ବିବାଦୀୟ ହୋଇଛି ଶ୍ରୀମନ୍ଦିର ପ୍ରଶାସନ ଓ ମନ୍ତ୍ରୀସ୍ତରୀୟ କମିଟି। ରଥଯାତ୍ରା ଅଘଟଣ ପରେ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ରାଜ୍ୟବାସୀଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ମାତ୍ର ରଥଯାତ୍ରା ପରିଚାଳନା ନିମନ୍ତେ ବାସ୍ତବ ଉତ୍ତରଦାୟୀ ଶ୍ରୀମନ୍ଦିର ପ୍ରଶାସନ ଓ ମନ୍ତ୍ରୀସ୍ତରୀୟ କମିଟିର ତୁଣ୍ଡ ଫିଟୁନାହିଁ। ବିଶୃଙ୍ଖଳା ପାଇଁ ମହାପ୍ରଭୁ ଓ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାର ସାହସ ସେମାନେ ଜୁଟାଇ ପାରିନାହାନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟର କ୍ଷମାପ୍ରାର୍ଥନାକୁ ମଧ୍ୟ ସାଧାରଣରେ ସମାଲୋଚନା କରାଯାଇଛି। ବରିଷ୍ଠ ନେତା ବିଜୟ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟ୍ ମହାପ୍ରଭୁ ଜଗନ୍ନାଥଙ୍କୁ କିଏ ପଢ଼ାଇବ ବୋଲି ସରକାରଙ୍କୁ କଟାକ୍ଷ କରିଛନ୍ତି। ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀସ୍ତରୀୟ କମିଟି ବଡ଼ଦାଣ୍ଡରେ ଯୋଡ଼ହସ୍ତରେ ସବୁ ଅଘଟଣ ନିମନ୍ତେ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ▶ପୃଷ୍ଠା-୭

## ଉତ୍ତର ଗାଜାରେ ଇସ୍ରାଏଲ ଆକ୍ରମଣ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅସ୍ତ୍ରବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ ଇସ୍ରାଏଲ ପୁଣିଥରେ ଗାଜା ଉପରେ ବଡ଼ଧରଣର ଆକ୍ରମଣ କରିଛି। ସୋମବାର ହୋଇଥିବା ଏହି ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ତେବେ ଉତ୍ତର ଗାଜାରେ ଥିବା ହମାସ ଠିକଣା ଉପରେ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ଏହି ଆକ୍ରମଣରେ ଅତିକମ୍‌ରେ ୨୦ ଜଣ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ଅନ୍ୟପଟେ ଏହି ଆକ୍ରମଣରେ ଅଧିକାଂଶ ହମାସ ଆତଙ୍କବାଦୀ ମୃତ୍ୟୁ ବରଣ କରିଛନ୍ତି ବୋଲି ଇସ୍ରାଏଲ କହିଛି। ମାର୍ଚ୍ଚ ପରଠାରୁ ଯୁଦ୍ଧ ଆରମ୍ଭ ହେବା ପରେ ଉତ୍ତର ଗାଜାକୁ ଖାଲି କରିବାକୁ କୁହାଯାଇଥିଲା। ସିଜ୍ ଫାୟାର ନେଇ କ୍ଷେତ୍ର ପ୍ରସ୍ତୁତ ହୋଇଥିବା ବେଳେ ଇସ୍ରାଏଲର ଏଭଳି ଆକ୍ରମଣକୁ ନେଇ ପ୍ରଶ୍ନ ଉଠିଛି।

## ମାସେ ପାଇଁ ସୁରକ୍ଷା ପରିଷଦର ଅଧ୍ୟକ୍ଷ ହେଲା ପାକିସ୍ତାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ପାକିସ୍ତାନ ଗୋଟିଏ ମାସ ଅର୍ଥାତ ଜୁଲାଇ ମାସ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଛି। ୨୦୨୫ ଜାନୁଆରୀରୁ ପାକିସ୍ତାନ ଦୁଇବର୍ଷ ପାଇଁ ସୁରକ୍ଷା ପରିଷଦରେ ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଥିଲା। ଅଧ୍ୟକ୍ଷ ଭାବେ ପାକିସ୍ତାନ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ସହ ଅନ୍ତର୍ଜାତୀୟ ନିୟମକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିବ ବୋଲି କହିଛି। ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ଆମ୍ବାସାଡର ଅସିମ ଇଫ୍‌ତିକାର ଅହମ୍ମଦ ସୁରକ୍ଷା ପରିଷଦର ବିଭିନ୍ନ ବୈଠକରେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇବେ। ଇତିମଧ୍ୟରେ ଜୁଲାଇ ମାସର କାର୍ଯ୍ୟ ନେଇ ଅସିମ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସ୍‌ଙ୍କୁ ଭେଟି ଅବଗତ କରାଇଛନ୍ତି। ଉଲ୍ଲେଖଥାଉ କି, ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାନ ପାଇଥିବା ୧୫ ସଦସ୍ୟ ଆଲଫାବେଟିକାଲ ଅର୍ଡରରେ ପାଳିଭିତ୍ତିରେ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥାନ୍ତି। ପୂର୍ବରୁ ପାକିସ୍ତାନ ସୁରକ୍ଷା ପରିଷଦରେ ୭ଥର ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଛି।

## ବମ୍ବେ ଆଇଆଇଟିରେ ୧୪ ଦିନ କଟାଇଲେ ନକଲି ଛାତ୍ର

ମୁମ୍ବଇ, ୧।୭(ଏଜେନ୍ସି): ବମ୍ବେ ଆଇଆଇଟିରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ୨୨ ବର୍ଷୀୟ ଜଣେ ନକଲି ଛାତ୍ର ଆଇଆଇଟି କ୍ୟାମ୍ପସରେ ବେଆଇନ ଭାବେ ୧୪ ଦିନ ରହିଥିଲେ। ବିଲାଲ ଅହମ୍ମଦ ତେଲି ନାମକ ଏହି ବ୍ୟକ୍ତି କଡ଼ା ସୁରକ୍ଷା ବଳୟକୁ ଭେଦ କରି କ୍ୟାମ୍ପସ ଭିତରକୁ ପସିବାରେ ସକ୍ଷମ ହୋଇଥିଲେ। ତାଙ୍କୁ ପୁଲିସ ଗିରଫ କରିଛି। ଜୁନ୍ ୨୬ରେ କ୍ୟାମ୍ପସରେ ବିଲାଲ ଏକ ସୋଫାରେ ଶୋଇଥିବାର ଦେଖାଯାଇଥିଲା। ସୁରକ୍ଷାକର୍ମୀ ତାଙ୍କ ପରିଚୟ ପଚାରିବା ପରେ ସେ କୌଣସି ଉତ୍ତର ନ ଦେଇ ଦୌଡିବାକୁ ଲାଗିଥିଲେ। ଏହାପରେ ସିସିଟିଭି ଫୁଟେଜର ଯାଞ୍ଚ କରାଯାଇଥିଲା ଓ ସେ ନକଲି ଛାତ୍ର ଥିବା ଜଣା ପଡ଼ିଥିଲା। କିନ୍ତୁ ସେ ୧୪ ଦିନଧରି କ୍ୟାମ୍ପସରେ ବୁଲାବୁଲି କରିଥିଲା। ସେ ମଧ୍ୟ ୨୧ଟି ଇମେଲ ଆଇଡି ସୃଷ୍ଟି କରିଥିଲା। ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ଜୁଲାଇ ୭ ପର୍ଯ୍ୟନ୍ତ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। କ୍ୟାମ୍ପସରେ ସେ ନିଜକୁ ଜଣେ ପିଏଚ୍‌ଡି ଛାତ୍ରର ପରିଚୟ ଦେଉଥିଲା। ବିଲାଲ ପାଖରେ ନକଲି ଦସ୍ତାବିଜ ମଧ୍ୟ ଥିଲା। ସେ ଗତବର୍ଷ ମଧ୍ୟ କ୍ୟାମ୍ପସରେ ଗୋଟିଏ ମାସ ରହିଥିଲା ବୋଲି ପୁଲିସ୍‌କୁ କହିଛି। କିନ୍ତୁ ସେ ନକଲି ଛାତ୍ର ବୋଲି କେହି ଚିହ୍ନିପାରି ନଥିଲେ।

### ହିନ୍ଦୁ ଯୁବତୀଙ୍କୁ ଦୁଷ୍କର୍ମ
## ବାଂଲାଦେଶରେ ତେଜିଲା ବିରୋଧ

ଢ଼ାକା, ୧।୭(ଏଜେନ୍ସି): ବାଂଲାଦେଶର କୁମିଲ୍ଲାର ମୁରାଦନଗରରେ ଗତ ଜୁନ୍ ୨୬ରେ ଜଣେ ୨୧ ବର୍ଷୀୟ ହିନ୍ଦୁ ଯୁବତୀ ଦୁଷ୍କର୍ମ ଶିକାର ହେବା ପରେ ଏହାକୁ ନେଇ ଆନ୍ଦୋଳନ ଜୋର ଧରିଛି। ହିନ୍ଦୁ ଓ ମାନବାଧିକାର ସଂଗଠନ ବାଂଲାଦେଶର ବିଭିନ୍ନ ସହରରେ ଉଗ୍ର ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳରେ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାର୍ଟି ଅୱାମୀ ଲିଗ୍ ଓ ଅନ୍ୟତମ ପୂର୍ବତନ ପ୍ରଧାନମନ୍ତ୍ରୀ ଖଲିଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଅଭିଯୁକ୍ତ ଫଜର ଅଲିଙ୍କୁ ପରସ୍ପରର ନେତା ବୋଲି ଆକ୍ଷେପ କରିଛନ୍ତି। ସେପଟେ ବାଂଲାଦେଶ ପୁଲିସ୍ ଓ ମହମ୍ମଦ ୟୁନୁସ୍‌ଙ୍କ ସମର୍ଥକମାନେ ଏହି ଘଟଣାକୁ ପରକୀୟପ୍ରୀତି ବୋଲି ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏହାପରେ ସଂଖ୍ୟାଲଘୁ ହିନ୍ଦୁ ସମୁଦାୟ ମଧ୍ୟରେ ଆକ୍ରୋଶ ଖେଳିଯାଇଥିଲା। ରାତିରେ ଢାକା ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଏହାକୁ ବିରୋଧ କରି ରାଲି ବାହର କରିଥିଲେ। ତେବେ ଏହି ମାମଲା ପରକୀୟାପ୍ରୀତି ନୁହଁ ବୋଲି କୁମିଲ୍ଲା ପୁଲିସ ତରଫରୁ ସ୍ପଷ୍ଟ କରାଯାଇଛି।

## ବିନା କାମରେ ଘରୁ ବାହାରୁଛନ୍ତି କାହିଁକି?

ଭୋପାଳ, ୧।୭(ଏଜେନ୍ସି): ଗତ ଶୁକ୍ରବାର ଇନ୍ଦୋର-ଦିୱାସ୍ ରାଜପଥରେ ଅସମ୍ଭବ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା। ୮ କିମି ବ୍ୟାପୀ ୪୦ ଘଣ୍ଟାର ଏହି ଜାମ୍‌ରେ ୪, ୦୦୦ ଗାଡି ଫସି ରହିଥିଲା। ଏଥିରେ ଫସି ୩ ଜଣ ଲୋକ ପ୍ରାଣ ହରାଇଥିଲେ ଓ ହଜାର ହଜାର ଲୋକ ହନ୍ତସନ୍ତ ହୋଇଥିଲେ। କିନ୍ତୁ ଏହି ଘଟଣାରେ ନିଜର ତ୍ରୁଟି ସ୍ୱୀକାର କରିବା ବଦଳରେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଏ ନେଇ ହୋଇଥିବା କୋର୍ଟ ଶୁଣାଣିରେ ଅଜବ ଯୁକ୍ତି ଉପସ୍ଥାପନ କରିଛି। ଲୋକେ ବିନା କାର୍ଯ୍ୟରେ ଏତେ ଶୀଘ୍ର ଘରୁ କାହିଁକି ବାହାରୁଛନ୍ତି ବୋଲି ଏନ୍‌ଏଚ୍‌ଏଆଇର ଓକିଲ ପ୍ରଶ୍ନ କରିଛନ୍ତି।

# ହିମାଚଳରେ ବାଦଲଫଟା ବର୍ଷା; ୪ ମୃତ, ୧୬ ନିଖୋଜ



ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଦେଶର ଅଧିକାଂଶ ଭାଗରେ ମୌସୁମୀ ଜନିତ ପ୍ରବଳ ବର୍ଷା ଲାଗି ରହିଛି। ଭୀଷଣ ବର୍ଷା ଯୋଗୁଁ ଅନେକ ରାଜ୍ୟରେ ଭୂସ୍ଖଳନ ହେଉଛି। ବନ୍ୟା ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଫଳରେ ସ୍ଥିତି ଅଣାୟତ୍ତ ହୋଇଯାଇଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟ ବନ୍ଦ ହୋଇ ଯାଇଥିବାରୁ ଶତାଧିକ ଗାଡ଼ିମୋଟର ଅଟକି ରହିଛନ୍ତି। ଅନେକଙ୍କ ଘରେ ପାଣି ପଶିଯାଇଛି। ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ବର୍ଷା ଯୋଗୁଁ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଦୁଇ ରାଜ୍ୟରେ ତିନି ହେଲା ଭୀଷଣ ବର୍ଷା ଜାରି ରହିଛି। ହିମାଚଳ ମଣ୍ଡିର ୧୧ଟି ସ୍ଥାନରେ ବାଦଲ ଫଟା ବର୍ଷା ହୋଇଛି।

- **ଭାସିଗଲା ପୋଲ**
- **ପ୍ରୟାଗରାଜରେ ବି ବନ୍ୟା**
- **ଅଲୱରରେ ଘରେ ପଶିଲା ପାଣି**

ଏଥିଯୋଗୁଁ କୁକଲାହରେ ପୋଲ ସହିତ ଅନେକ ଗାଡ଼ି ଭାସି ଯାଇଛି। ଚାରିଆଡେ ଘର ବଦଳରେ ଅବଶେଷ ଦେଖିବାକୁ ମିଳୁଛି। ମଣ୍ଡି ସହରରେ ନାଳ ଗୁଡ଼ିକ ଫୁଲି ଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩ ଜଣ ପ୍ରାଣ ହରାଇଥିବାବେଳେ ୧୦ରୁ ଅଧିକ ନିଖୋଜ ହୋଇଯାଇଛନ୍ତି। ୧୦ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମନାଲି-ମଣ୍ଡି ଫୋରଲେନ ସଡ଼କରେ ଥିବା ସୁଡଙ୍ଗର ପ୍ରବେଶ ପଥରେ ପାହାଡ ଧସି ଅବଶେଷ ଗଦା ହୋଇଛି।

ଉତ୍ତରାଖଣ୍ଡରେ ଭୂସ୍ଖଳନ ହୋଇ ରାସ୍ତା ଉପରେ ପଡ଼ିଛି। ଏଥିଯୋଗୁଁ ଜନଜୀବନ ବ୍ୟାହତ ହୋଇଛି। କୋଟଦ୍ୱାର-ବଦ୍ରିନାଥ ମାର୍ଗରେ ଥିବା ସତପୁଲି ନିକଟରେ ଭୂସ୍ଖଳନ ହେବା ଯୋଗୁଁ ପୌଡି-ମେରଠ ରାଜପଥକୁ ବନ୍ଦ କରିଦିଆଯାଇଛି। ଉତ୍ତରକାଶୀରେ ଭୂସ୍ଖଳନ ଯୋଗୁଁ ଯମୁନୋତ୍ରି ରାସ୍ତା ବନ୍ଦ ରହିଛି। ରାଜସ୍ଥାନର ଅଲୱରରେ ସୋମବାର ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ରାସ୍ତାରେ ଦୁଇ ଫୁଟର ପାଣି ଜମା ହୋଇଛି। ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗଙ୍ଗା-ଯମୁନା ଯୋଗୁଁ ବନ୍ୟା ଆସିଛି।

# ଥମୁନି କର୍ଣ୍ଣାଟକ କଂଗ୍ରେସ କଳି



- **ପୁଣି ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ**
- **ଉପ-ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ବିଧାୟକଙ୍କ ଦାବି**
- **ଶହେ ବିଧାୟକଙ୍କ ସମର୍ଥନ ଅଛି**

ବେଙ୍ଗାଲୁରୁ, ୧।୭ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱ କଳି ଛିଣ୍ଡିବାର ନା ଧରୁନି। ରାଜ୍ୟରେ ସବୁକିଛି ଠିକ୍ ଅଛି ବୋଲି କଂଗ୍ରେସ ବାର୍ତ୍ତା ଦେବାକୁ ପ୍ରୟାସ କରୁଛି। ମୁଖ୍ୟମନ୍ତ୍ରୀ ବଦଳାଇବାର କୌଣସି ଯୋଜନା ନାହିଁ ବୋଲି ମଧ୍ୟ କୁହାଯାଉଛି। ଦିନକ ତଳେ ସିଦ୍ଧରମୈୟା ଏବଂ ଶିବକୁମାର ଏକାଠି କାମ କରିବାକୁ ସହମତି ପ୍ରକାଶ କରିଥିଲେ। ମତପାର୍ଥକ୍ୟ ଖବରକୁ ଖଣ୍ଡନ କରିଥିଲେ। ମାତ୍ର ୨୪ ଘଣ୍ଟା ନ ହେଉଣୁ ପୁଣି ସ୍ଥିତି ବଦଳି ଯାଇଛି। ଏକ ଭାଇରାଲ ଭିଡିଓ ଏହି ନିଆଁକୁ ପୁଣି ଜୋରଦାର କରିଦେଇଛି।

କର୍ଣ୍ଣାଟକ କଂଗ୍ରେସ ପ୍ରଭାରୀ ରଣଦୀପ ସୂର୍ଯେୱାଲା ବେଙ୍ଗାଲୁରୁରେ ପହଞ୍ଚି ବିଧାୟକଙ୍କ ସହ କ୍ରମାଗତ ଭାବେ ଚର୍ଚ୍ଚା କରୁଛନ୍ତି। ମାତ୍ର ଏହାର କୌଣସି ପ୍ରଭାବ ପଡୁନାହିଁ। ଏବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦ କଂଗ୍ରେସ ପାଇଁ କଣ୍ଟା ପାଲଟିବାରେ ଲାଗିଛି। ତିନି ଥରର ବିଧାୟକ ବିଆର ପାଟିଲଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ମାଣ୍ଡ୍ୟା ବିଧାୟକ କ୍ରିଷ୍ଣାରାଜ ପେଟେଙ୍କୁ ସେ କହୁଛନ୍ତି ଯେ ସିଦ୍ଧରମୈୟାଙ୍କ ଲଟେରି ଲାଗିଯାଇଛି। ମୁଁ ତାଙ୍କୁ ସୋନିଆ ଗାନ୍ଧୀଙ୍କ ସହ ନେଇ ଭେଟ କରାଇଥିଲି। ତାଙ୍କ ଭାଗ୍ୟ ଭଲ ଅଛି। ତେଣୁ ସେ ମୁଖ୍ୟମନ୍ତ୍ରୀ ହେଲେ। ମୋର କୌଣସି ଗଡ୍‌ଫାଦର କିମ୍ବା ଗଡ୍ (ଭଗବାନ) ନାହାନ୍ତି। ମୁଁ ସୂର୍ଯେୱାଲାଙ୍କୁ ଭେଟି ଯାହା କହିବାର ଥିଲା ତାହା କହିଦେଲି। ସେ ଧୈର୍ଯ୍ୟର ସହ ସବୁ ଶୁଣିଥିଲେ। ଦେଖାଯାଉ ଆଗକୁ କ'ଣ ହେଉଛି।

ବିବାଦର ସମାଧାନ କରିବାକୁ ବେଙ୍ଗାଲୁରୁ ଆସିଥିବା ସୂର୍ଯେୱାଲା ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନର ହେବାର କୌଣସି ଯୋଜନା ନାହିଁ କହିବାର କିଛି ଘଣ୍ଟା ପରେ ଏହି ଭିଡିଓ ଭାଇରାଲ ହୋଇଛି। ଶିବକୁମାରଙ୍କ ସମର୍ଥକ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରୁଛନ୍ତି। ତେବେ ଏହି ଘୋଷଣା କରିବା ସମୟରେ ସେ ସୂର୍ଯେୱାଲାଙ୍କ ପାଖରେ ବସିଥିଲେ। ପରେ ଶିବକୁମାର କହିଥିଲେ ଯେ ବିଧାୟକମାନେ ମୋ ପାଇଁ କୁହନ୍ତୁ ବୋଲି ଚାହୁଁ ନାହିଁ। ୨୦୨୮ ରେ ଦଳକୁ ପୁଣିଥରେ କ୍ଷମତାସୀନ କରିବା ପାଇଁ ମୁଁ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଶିବକୁମାରଙ୍କ ଜଣେ ଘନିଷ୍ଠ ବିଧାୟକ ଇକବାଲ ହୁସୈନ କହିଛନ୍ତି ଯେ ପ୍ରାୟ ଶହେ ବିଧାୟକ ମୁଖ୍ୟମନ୍ତ୍ରୀ ବଦଳାଯାଉ ବୋଲି ଚାହୁଁଛନ୍ତି। ଯଦି ପରିବର୍ତ୍ତନ ନ ହୁଏ ତେବେ ୨୦୨୮ରେ କଂଗ୍ରେସ ହାରିଯିବ। ସୂର୍ଯେୱାଲାଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯିବ। ଶିବକୁମାର ଦିନରାତି ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ଏବେ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ସୁଯୋଗ ଦିଆଯିବା ଉଚିତ।

ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ ।।ଯେ ମୁଖ୍ୟମନ୍ତ୍ରୀ ବଦଳାଇବା ନିଷ୍ପତ୍ତି ହାଇକମାଣ୍ଡ ନେବେ। ହାଇକମାଣ୍ଡଙ୍କ ମୁଣ୍ଡରେ କ'ଣ ଚାଲିଛି ତାହା କେହି ଜାଣି ନାହାନ୍ତି। ତେଣୁ ଏହି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି କରିବା ଅନୁଚିତ।



## ୯୦୦ ଫୁଟ୍ ତଳକୁ ଖସିଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇଦିନ ପରେ ଆଉଏକ ଏୟାର ଇଣ୍ଡିଆର ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଜୁନ୍ ୧୪ରେ ଏୟାର ଇଣ୍ଡିଆର ଏକ ବିମାନ ଅଚାନକ ୯୦୦ ଫୁଟ୍ ତଳକୁ ଖସିଆସିଥିଲା। ଦିଲ୍ଲୀରୁ ଏହି ବିମାନ ଅଷ୍ଟ୍ରିଆ ରାଜଧାନୀ ଭିଏନା ଯାଉଥିଲା। ଦିଲ୍ଲୀ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବା ପରେ ହିଁ ବିମାନ ତଳକୁ ଖସିବାରେ ଲାଗିଥିଲା। ତେବେ ଏହି ବିମାନ ୯ ଘଣ୍ଟା ୮ ମିନିଟ୍‌ର ଉଡାଣ ପରେ ଭିଏନାରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଥିଲା। ଏହି ଘଟଣା ଯାଞ୍ଚ ଆରମ୍ଭ ହୋଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ବିମାନର ଦୁଇ ପାଇଲଟଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟକ (ଡିଜିସିଏ)କୁ ଅବଗତ କରାଯାଇଛି ବୋଲି କୁହାଯାଇଛି। ରେକର୍ଡରୁ ତଥ୍ୟ ସଂଗ୍ରହ କରାଯାଇଛି ଓ ଯାଞ୍ଚ ଚାଲୁ ରହିଛି ବୋଲି କୁହାଯାଇଛି।

### ହେପାଜତରେ ଗାର୍ଡଙ୍କ ମୃତ୍ୟୁ ମାମଲା; ମାଡ୍ରାସ ହାଇକୋର୍ଟଙ୍କ ଭର୍ତ୍ସନା
# କ୍ଷମତା ନିଶାରେ ପୁଲିସ ମାତାଲ

ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁ ପୁଲିସ କ୍ଷମତା ନିଶାରେ ମାତାଲ ହୋଇଯାଇଛି। କ୍ଷମତାରେ ଅନ୍ଧ ହୋଇ ପୁଲିସ କ୍ରୂର ପାଲଟି ଯାଉଛି। ରାଜ୍ୟ ନିଜ ଲୋକଙ୍କୁ ହତ୍ୟା କରୁଛି ବୋଲି ମାଡ୍ରାସ ହାଇକୋର୍ଟ କହିଛନ୍ତି। ତାମିଲନାଡୁ ଶିବଗଙ୍ଗା ଜିଲ୍ଲାରେ ପୁଲିସ ହେପାଜତରେ ପ୍ରାଣ ହରାଇଥିବା ମନ୍ଦିର ସୁରକ୍ଷାକର୍ମୀ ଅଜିତ କୁମାର (୨୭)ଙ୍କ ମାମଲା ଉପରେ ନିଜ ଆଡୁ ବିଚାର କରି ପୁଲିସ ଏବଂ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ ଅଜିତଙ୍କ ଶରୀରରେ ୪୪ଟି କ୍ଷତ ଚିହ୍ନ ଥିବା ଜଣାପଡ଼ିଛି। ଏହା ବିଚଳିତ କରିଦେଉଛି ବୋଲି ବିଚାରପତି ଏସଏମ ସୁବ୍ରମଣ୍ୟନ କହିଛନ୍ତି। ତାଙ୍କ ଉପରେ ଚାରିଆଡୁ ଆକ୍ରମଣ କରାଯାଇଥିଲା। ଏଥିପାଇଁ ଅଜିତଙ୍କ ମୃତ୍ୟୁ ହୋଇଥିଲା। ସାଧାରଣ ହତ୍ୟାକାରୀ ବି ଏଭଳି କ୍ଷତ ଚିହ୍ନି ପାରିବ ନାହିଁ। ପୁଲିସ ମିଳିମିଶି ତାଙ୍କୁ ମାରିଥିଲେ। ସାକ୍ଷରତା ହାର କମ୍ ଥିବା କିଛି ଉତ୍ତର ଭାରତୀୟ ରାଜ୍ୟରେ ବି ଏଭଳି ଘଟଣା ଦେଖିବାକୁ ମିଳେନାହିଁ। ତାମିଲନାଡୁ ସବୁଥିରେ ଆଗରେ ଅଛି ବୋଲି ସରକାର କହୁଛନ୍ତି। ତାହେଲେ ଏଭଳି ଘଟଣା ଘଟିବାକୁ କାହିଁକି ଦିଆଯାଉଛି? କୌଣସି ଥାନାରେ ଏଭଳି ହେବା ଅନୁଚିତ। ଅଜିତଙ୍କ କୌଣସି ଆପରାଧିକ ରେକର୍ଡ ମଧ୍ୟ ନ ଥିଲା। ଏହା ସତ୍ତ୍ୱେ ତାଙ୍କୁ ମାରି ଦିଆଗଲା। ବିନା ଏତଲାରେ ଏହି ମାମଲା ସ୍ୱତନ୍ତ୍ର ଟିମ୍ ହାତକୁ କେମିତି ଗଲା? ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସୂଚନା ଅନୁଯାୟୀ ଗତ ୨୭ ତାରିଖରେ ଚୋରି ଅଭିଯୋଗରେ ଅଜିତଙ୍କୁ ଗିରଫ କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଦିନକ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ତାଙ୍କୁ ପିଟୁଥିବାର ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା। ୩୦ରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୀଡ଼ିତ ପରିବାର ହାଇକୋର୍ଟ ଯାଇଥିଲେ। ପୁଲିସ ଏହି ମାମଲାରେ ୫ ଜଣ କର୍ମଚାରୀଙ୍କୁ ଗିରଫ କରିଥିଲା। ଶିବଗଙ୍ଗା ଏସ୍‌ପିଙ୍କୁ ହଟା ଯାଇଥିଲା। ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଅଜିତଙ୍କ ମାଆଙ୍କ ଆଧାରରେ ଏତଲା କାହିଁକି ରୁଜୁ କରାଯାଇ ନ ଥିଲା? ଘଟଣାର ସିସିଟିଭି ଫୁଟେଜ କୁଆଡେ ଗଲା? ଅଜିତଙ୍କ ଭାଇଙ୍କୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଏବଂ ସରକାରୀ ଚାକିରି ଦେବାର ପ୍ରତିଶ୍ରୁତି ବିବାହ ହଲ୍‌ରେ କାହିଁକି ନିଆଯାଇଥିଲା? ଏହି ମାମଲାର ସିବିଆଇ ଯାଞ୍ଚ କରିବାକୁ କୋର୍ଟ କହିଥିଲେ। ବେଆଇନ ମୃତ୍ୟୁର କାରଣ ପାଲଟି ଥିବା ବଡ଼ ଅଧିକାରୀଙ୍କଠାରୁ ନେଇ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅବସରପ୍ରାପ୍ତ ବିଚାରପତି ଜନ୍ ସୁନ୍ଦରଲାଲ ସୁରେଶଙ୍କ ନେତୃତ୍ୱରେ ନ୍ୟାୟିକ ଯାଞ୍ଚ କରିବାକୁ କହିଛନ୍ତି।



## ଆଇଏନ୍‌ଏସ୍ ତମାଲ ନୌସେନାରେ ସାମିଲ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଭାରତୀୟ ନୌସେନାରେ ଆଉ ଏକ ଅତ୍ୟାଧୁନିକ ଗୁପ୍ତ ଯୁଦ୍ଧପୋତ ସାମିଲ ହୋଇଛି। ଏହି ଲଢୁଆ ଜାହାଜ ହେଉଛି 'ଆଇଏନ୍‌ଏସ୍ ତମାଲ'। ଏହାକୁ ରୁଷିଆର କଲିନିଗ୍ରାଡ୍‌ରେ ମଙ୍ଗଳବାର କମିଶନ କରାଯାଇଛି। କମିଶନିଂ ଉତ୍ସବରେ ଭାଇସ ଆଡମିରାଲ୍ ସଞ୍ଜୟ ଜେ ସିଂ ଅଧ୍ୟକ୍ଷତା କରିଥିଲେ। ରୁଷିଆ ହିଁ ଭାରତକୁ ଏହି ଲଢୁଆ ଜାହାଜ ପ୍ରଦାନ କରିଛି। ରୁଷ୍ ତରଫରୁ ଅଷ୍ଟମ କ୍ରିଭାକ କ୍ଲାସ ତଥା ଦ୍ୱିତୀୟ ତୁଲସି- କ୍ଲାସ ଲଢୁଆ ଜାହାଜ ଭାରତକୁ ମିଳିଛି। ୨୦୧୬ରେ ଭାରତ ଓ ରୁଷିଆ ମଧ୍ୟରେ ୨୧, ୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି ହୋଇଥିଲା ଓ ତମାଲ ହେଉଛି ଏହାର ଅଂଶବିଶେଷ। ଆଇଏନ୍‌ଏସ୍ ତମାଲରେ ୨୬ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳ ସାମିଲ ହୋଇଛି। ଏହା ଘଣ୍ଟାପ୍ରତି ୫୫ କିମି ବେଗରେ ଗତି କରିପାରିବ। ଏହାର ଓଜନ ୩, ୯୦୦ ଟନ। ଏଥିରେ ଓଜନଦାର ଅସ୍ତ୍ର ସମେତ ବିକଶିତ ସେନ୍ସର ଓ ଗୋଟିଏ ହେଲିକପ୍ଟର ନେଇ ଯିବାର ବ୍ୟବସ୍ଥା ରହିଛି। ୧୨୫ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଜାହାଜରେ ଗୋଟିଏ ଅଧା ଫୁଟବଲ ପଡ଼ିଆ ରହିପାରିବ। ଏହାକୁ ରାଡାର ଠାବ କରିବା ଅସମ୍ଭବ। ଏହା ଭାରତ ମହାସାଗର ଓ ଆରବ ସାଗରରେ ନିୟୋଜିତ ହେବା ସହ ପାକିସ୍ତାନ ସୀମାକୁ ନୀରିକ୍ଷଣ କରିବ।

## ଛାତି ଉପରେ ବସି ନର୍ସିଂ ଛାତ୍ରୀଙ୍କ ଗଳା କାଟିଲା ପ୍ରେମିକ

ଭୋପାଳ, ୧।୭(ଏଜେନ୍ସି): ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାରେ ଏକ ଅଭାବନୀୟ ତଥା ବିଚଳିତ କଲା ଭଳି ଘଟଣା ଘଟିଛି। ଜିଲ୍ଲା ହସ୍ପିଟାଲ୍‌ରେ ଅଭିଷେକ କୋଷ୍ଟି ସର୍ବସମ୍ମୁଖରେ ଜଣେ ନର୍ସିଂ ଛାତ୍ରୀଙ୍କ ଛାତି ଉପରେ ବସି ଗଳା କାଟି ତାଙ୍କୁ ହତ୍ୟା କରିଛି। ଜୁନ୍ ୨୭ରେ ହିଁ ଏହି ଘଟଣା ଘଟିଛି। ସନ୍ଧ୍ୟା ଚୌଧୁରୀ ନାମକ ଏହି ଛାତ୍ରୀ ଜଣକ ଛଟପଟ ହେଉଥିବା ବେଳେ ସେଠାରେ ଉପସ୍ଥିତ ଲୋକ ତାଙ୍କୁ ସାହାଯ୍ୟ କରିବାକୁ ଆସି ନଥିଲେ। କିନ୍ତୁ ସେ ଛଟପଟ ହୋଇ ମରିବା ପର୍ଯ୍ୟନ୍ତ ଭିଡିଓ ବନାଇଥିଲେ। ଏହି ବୀଭତ୍ସ ଘଟଣାର ଭିଡିଓ ଏବେ ସାମ୍ନାକୁ ଆସିଛି। ଯୁବକ ଜଣକ ସନ୍ଧ୍ୟାଙ୍କ ପ୍ରେମିକ ବୋଲି କୁହାଯାଉଛି। ସନ୍ଧ୍ୟା ଏହି ହସ୍ପିଟାଲରେ ଭୋକେସନାଲ ଟ୍ରେନିଂ ନେଉଥିଲେ । ଏହି ଘଟଣାକୁ ଜଣେ ଡାକ୍ତର ମୋବାଇଲରେ ରେକର୍ଡିଂ କରିଥିଲେ। କଳା ସାର୍ଟ ପିନ୍ଧିଥିବା ଅଭିଷେକ ସନ୍ଧ୍ୟାଙ୍କୁ ପ୍ରଥମେ ଚାପୁଡା ମାରି ତଳେ ପକାଇଦେଇଥିଲେ। ଏହାପରେ ଛାତି ଉପରେ ବସି ସେ ସନ୍ଧ୍ୟାଙ୍କ ଗଳା କାଟିଥିଲା। ଏହି ସବୁ ଘଟଣା ଦିନ ଦ୍ୱିପହରରେ ହସ୍ପିଟାଲର ଏମର୍ଜେନ୍ସି ୱାର୍ଡରେ ହିଁ ଘଟିଥିଲା।



# ଟ୍ରମ୍ପଙ୍କ ଧମକ; ମସ୍କଙ୍କୁ ଦକ୍ଷିଣ ଆଫ୍ରିକା ତଡ଼ିଦେବି

**ବନ୍ଧୁ ପାଲଟିଲା ବଇରୀ**

- **ବେପାର ବନ୍ଦ ହୋଇଗଲେ କିଛି କରିପାରିବେନି ମସ୍କ**
- **କାର୍ ବିକିବେ ନା ଉତ୍କ୍ଷେପଣ ହେବ ଉପଗ୍ରହ**
- **ଇଲେକ୍ଟ୍ରିକ୍ ଗାଡ଼ି କିଣିବା ପାଇଁ ସମସ୍ତଙ୍କୁ ବାଧ କରିବା ଭୁଲ୍**
- **୨୦ ବର୍ଷରେ ମସ୍କଙ୍କୁ ମିଳିଛି ୩୧ ଲକ୍ଷ କୋଟିର ସହାୟତା**



ୱାଶିଂଟନ, ୧।୭ (ଏଜେନ୍ସି): ବ୍ୟାବସାୟିକ ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି। ସ୍ଥିତି ଏପରି ବିଗିଡି ଯାଇଛି ଯେ ଉଭୟେ ପରସ୍ପରକୁ ଧମକ ଦେବାରେ ଲାଗିଛନ୍ତି। ପୁରୁଣା ବନ୍ଧୁତ୍ୱକୁ ଭୁଲି ଯାଇଛନ୍ତି। ନିର୍ବାଚନରେ ସହାୟତା କରିଥିବାର କଥା ବି ପାସୋରି ଯାଇଛନ୍ତି। ସମ୍ପର୍କ ଏତେ ଖରାପ ହୋଇଯାଇଛି ଯେ ସର୍ବ ସମ୍ମୁଖରେ ଦୁଇ ପୁରୁଣା ମିତ୍ର ପରସ୍ପର ବିରୋଧରେ ଭୟଙ୍କର ଟିପ୍ପଣୀ ଦେବାରେ ଲାଗିଛନ୍ତି। ଆମେରିକା ରାଷ୍ଟ୍ରପତି ତଥା ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପୁରୁଣା ବନ୍ଧୁ ତଥା ଷ୍ଟାରଲିଙ୍କର ମାଲିକ ଏଲନ ମସ୍କଙ୍କ କ୍ଷେତ୍ରରେ ଏଭଳି ଘଟିଛି। ଦିନେ ମସ୍କଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା ଟ୍ରମ୍ପ ଏବେ ତାଙ୍କର ଘୋର ବିରୋଧୀ ହୋଇ ଯାଇଛନ୍ତି। ସରକାରଙ୍କ ନୀତିକୁ ସମାଲୋଚନା କରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆଜି ବ୍ୟବସାୟୀ ମସ୍କଙ୍କୁ ଟ୍ରମ୍ପ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରିଆତି ବନ୍ଦ ହୋଇଗଲେ ମସ୍କଙ୍କୁ ନିଜ କମ୍ପାନୀ ବନ୍ଦ କରିବାକୁ ପଡ଼ିବ। ତାଙ୍କୁ ଦକ୍ଷିଣ ଆଫ୍ରିକା ଫେରିଯିବାକୁ ପଡିବ। ରିଆତି ବନ୍ଦ କରିଦେଲେ ଟେସ୍‌ଲା ଇଲେକ୍‌ଟ୍ରିକ କାର୍ ଉତ୍ପାଦନ କରିପାରିବନି। ସ୍ପେସ୍‌ଏକ୍ସ ରକେଟ୍ ଏବଂ ଉପଗ୍ରହ ମଧ୍ୟ ଉତ୍କ୍ଷେପଣ କରିପାରିବ ନାହିଁ।

ଟ୍ରମ୍ପ ଦାବି କରିଛନ୍ତି ଯେ ସରକାରୀ ରିଆତିରୁ ମସ୍କ ଯେତିକି ଟଙ୍କା ପାଇଛନ୍ତି ସେତିକି ଆଉ କେହି ପାଇ ନାହାନ୍ତି। ମାମଲାର ଯାଞ୍ଚ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ଦେଶର ଅର୍ଥ ସଞ୍ଚୟ ହେବ। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରପତି ପଦ ପାଇଁ ସମର୍ଥନ କରିବା ପୂର୍ବରୁ ମୁଁ ଇଭି ଯାନର ବିରୋଧୀ ବୋଲି ସେ ଜାଣିଥିଲେ। ଇଲେକ୍‌ଟ୍ରିକ ଗାଡ଼ି ଭଲ, କିନ୍ତୁ ସମସ୍ତଙ୍କୁ ଏହା କିଣିବା ପାଇଁ ବାଧ କରିବା ଭୁଲ୍। ସୂଚନାଯୋଗ୍ୟ ଯେ ଆମେରିକା ମସ୍କଙ୍କୁ ଗତ ୨୦ ବର୍ଷରେ ୩୧ ଲକ୍ଷ କୋଟି ଟଙ୍କାର ସହାୟତା ଦେଇଛି। ଏହା ପୂର୍ବରୁ ଗତ ଶନିବାର ଟ୍ରମ୍ପଙ୍କ 'ବିଗ୍ ବ୍ୟୁଟିଫୁଲ ବିଲ୍'କୁ ମସ୍କ ପୁଣିଥରେ ବିରୋଧ କରି ଏହା ଆମେରିକାର ଲକ୍ଷ ଲକ୍ଷ ଚାକିରି ଖାଇଦେବ ବୋଲି କହିଥିଲେ। ଆମେରିକାରେ ନୂଆ ଦଳ ଗଢ଼ିବେ ବୋଲି କହିଥିଲେ ମସ୍କ।

# ଆଜି ତିନିରଥର ଦକ୍ଷିଣ ମୋଡ଼



ପୁରୀ, ୧।୭ (ସମିସ): ଭାଇ-ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଏବେ ଜନ୍ମବେଦୀରେ ଲୀଳା କରୁଛନ୍ତି। ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଅଛନ୍ତି ତିନିରଥ।

■ ସରିଲା ତିନିରଥ ଯାଞ୍ଚ
■ ତାଳଧ୍ୱଜ ରଥର ୯ ଚକରେ ଲାଗିଲା ୧୮ ଖଣ୍ଡ ପ୍ଲେଟ୍

ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଏଥିପାଇଁ ବୁଧବାର ତିନିରଥର ହେବ ଦକ୍ଷିଣ ମୋଡ଼। ଅର୍ଥାତ୍ ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବୈଷୟିକ ଟିମ୍ ଦ୍ୱାରା ମଙ୍ଗଳବାର ତିନିରଥର ଯାଞ୍ଚ କରାଯାଇଛି। ତିନିରଥର ମହାରଣା ସେବକ, ଭୋଇ ସେବକ, କମାର ସେବକଙ୍କ ଉପସ୍ଥିତିରେ ଆବଶ୍ୟକ ଛୋଟମୋଟ ମରାମତି ହୋଇଛି। ରଥଯାତ୍ରାରେ ତିନିରଥ ପ୍ରାୟ ୨.୬କିମି ବଡ଼ଦାଣ୍ଡରେ ଗଡ଼ିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ରଥ ଟାଣିଥିଲେ। ତେଣୁ ରଥରେ କେଉଁଠି କ'ଣ ତ୍ରୁଟି ଥାଇପାରେ, ସେଥିଲାଗି ମଙ୍ଗଳବାର ପୂର୍ତ୍ତ ବିଭାଗ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। କେତେକ ଜାଗାରେ କଣ୍ଟା ଖସିଥିବା ବେଳେ



ତାହାକୁ ବାଡ଼ାଯାଇଛି। ଫାଟ ଜାଗାରେ ପହିପାତିଆ ଓ ଲୁହା କ୍ଲାମ୍ପ ଦିଆଯାଇ ମରାମତି ହୋଇଛି। ବଡ଼ ଠାକୁରଙ୍କର ତାଳଧ୍ୱଜ ରଥର ୯ଚକରେ ୧୮ଖଣ୍ଡ ପହିପାତିଆ (ପ୍ଲେଟ୍) ଏବଂ ନନ୍ଦିଘୋଷ ରଥରେ ୨ଖଣ୍ଡ ପହିପାତିଆ ବାଡ଼ିଆ ଯାଇଛି। ଗୋଟିଏ ପ୍ଲେଟ୍‌ର ଚଉଡ଼ା ୬ ଇଞ୍ଚ ଏବଂ ଲମ୍ବ ୨ଫୁଟ୍ ରହିଥିଲା। ଏହାକୁ ଚକ ପହି ଫାଙ୍କ ଜାଗାରେ ଦୁଇପଟେ ଦିଆଯାଇ ସେଟ୍ କରାଯାଇଛି। ସେହିପରି ଖସିଥିବା ବଳାକୁ ଠିକ୍ ଭାବେ ଲଗାଯାଇଥିବା ବେଳେ ଅନ୍ୟ ଛୋଟମୋଟ ଯାହା ବି ତ୍ରୁଟି ଥିଲା, ତାହାର ସମାଧାନ କରାଯାଇଛି। ଏଥିପାଇଁ ରେଲୱେ ଜଗ୍ ବ୍ୟବହାର କରାଯାଇଥିଲା। ଏହାସହ ବଡ଼ଦାଣ୍ଡରେ ବାଲି ବି ପକାଯାଇଛି। ଆସନ୍ତାକାଲି ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ଦକ୍ଷିଣ ମୋଡ଼ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ରଥ ଆଜ୍ଞାମାଳ ବିଜେ ପରେ ଦକ୍ଷିଣ ମୋଡ଼ ହେବ ବୋଲି ସ୍ଥିର କରାଯାଇଛି। ସୂଚନାଥାଉ କି, ଦକ୍ଷିଣୀ ମୋଡ଼ ପୂର୍ବରୁ ବୈଷୟିକ ଟିମ୍ ଦ୍ୱାରା ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏହି ଯାଞ୍ଚ କରାଯାଇଥିଲା।

## ଆଜିଠୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ରାସଲୀଳା

ପୁରୀ,୧।୭(ସମିସ): ଚତୁର୍ଦ୍ଧାବିଗ୍ରହ ଏବେ ଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ଭକ୍ତ। ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଆଗେଇ ଚାଲିଛି। ବୁଧବାରଠାରୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆରମ୍ଭ ହେବ ତିନିଦିନିଆ ରାସଲୀଳା। ଗୋପୀମାନଙ୍କ ସହିତ ରାସଲୀଳା କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସବୁ ଯୁଗର ଦେବତା। ସେ ସତ୍ୟ ଯୁଗର ନୃସିଂହ ଓ ବାମନ। ତ୍ରେତୟା ଯୁଗର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରମ ଆଉ ଦ୍ୱାପର ଯୁଗର ରସରାଜ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ସହିତ ବୃନ୍ଦାବନରେ ରାସଲୀଳା କରୁଥିଲେ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ମନ କଥା ଜାଣିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଭଗବାନଙ୍କୁ କ'ଣ ସୁଖ ଲାଗେ ସେହିଭଳି କାର୍ଯ୍ୟ କରୁଥିଲେ ଗୋପୀମାନେ। ତେଣୁ ଏଠାରେ ମଧ ଶ୍ରୀଗୁଣ୍ଡିଚା ମଣ୍ଡପ ତିନିଦିନ ଧରି ରାସମଣ୍ଡପରେ ପରିଣତ ହୁଏ। ମହାପ୍ରଭୁ ପତିତପାବନ ଯାତ୍ରା କରିବା ପାଇଁ ଜନ୍ମବେଦୀକୁ ଆସିଥିବା ସମୟରେ ଗୋପୀମାନଙ୍କ ସହିତ ଏହି ମଣ୍ଡପରେ ରାସ ରସରେ ମଗ୍ନ ହୁଅନ୍ତି। ସେଥିପାଇଁ ସାଙ୍ଗରେ ପ୍ରିୟତମା ପତ୍ନୀ ମହାଲକ୍ଷ୍ମୀଙ୍କୁ ଆଣି ନ ଥା'ନ୍ତି। ତଥାପି ହେରାପଞ୍ଚମୀ ଦିନ ଲକ୍ଷ୍ମୀ ଠାକୁରାଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥା'ନ୍ତି। ଠାକୁରଙ୍କଠାରୁ ଆଜ୍ଞାମାଳ ପାଇବା ପରେ ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଯାଇଥା'ନ୍ତି। ଏହା ପରଦିନଠାରୁ ଅର୍ଥାତ୍ ଆଷାଢ଼ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଶ୍ରୀଗୁଣ୍ଡିଚା ମଣ୍ଡପରେ ଗୋପୀମାନଙ୍କ ସହିତ ରାସଲୀଳା ଅନୁଷ୍ଠିତ ହୋଇଥାଏ। ଏହି ତିନିଦିନ ପ୍ରତ୍ୟହ ସନ୍ଧ୍ୟାଧୂପ ବଢ଼ିଲେ ମଦନମୋହନ ଜଗମୋହନ ସିଂହାସନ ଉପରେ ବିଜେ କରନ୍ତି। ସେଠାରେ ଶର୍କରା, କୋରା ଆଦି ଭୋଗ ସର୍ପାମଣୋହୀ ହୁଏ। ଏହାପରେ ବନ୍ଦାପନା କରାଯାଏ। ଏହାକୁ ରାସ ନୀତି ବୋଲି କୁହାଯାଏ। ଏହିଭଳି ଭାବେ ତିନିଦିନ ଧରି ରାସବିହାରୀ ଶ୍ରୀଜଗନ୍ନାଥ ବର୍ଷାକାଳୀନ ରାସଲୀଳା ଶ୍ରୀଗୁଣ୍ଡିଚା ମଣ୍ଡପରେ କରିଥା'ନ୍ତି। ମହାପ୍ରଭୁଙ୍କର ଏହି ରାସଲୀଳାକୁ ଯେଉଁମାନେ ଭକ୍ତିପୂର୍ବକ ଦର୍ଶନ କରନ୍ତି ସେମାନେ ଅନନ୍ତ ପୁଣ୍ୟର ଅଧିକାରୀ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

## ନଦୀ ପାର୍ ବେଳେ ଭାସି ଗଲେ; ୨ ମୃତ



ଖଇରପୁଟ,୧।୭(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ନାଳିଗୁଡ଼ା କଲୋନୀ ନଦୀରେ ଭାସି ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗାଁର ଲବ ଡେରା (୪୫) ଓ ଶୁକ୍ରି ଫଟକା(୪୦)। ଖଇରପୁଟ ଦମକଳ ବାହିନୀ ଉଭୟଙ୍କ ମୃତଦେହକୁ ଉଦ୍ଧାର କରିଛି। ସୂଚନାନୁସାରେ, ଲବ ଓ ଶୁକ୍ରୁ ଗତକାଲି ଜମିକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳେ ବର୍ଷା ଯୋଗୁଁ ନଦୀର ସୁଅ ବଢ଼ି ଯାଇଥିଲା। ଫଳରେ ଉଭୟ ନଦୀ ପାର୍ ହେବା ବେଳେ ସୁଅରେ ଭାସି ଯାଇଥିଲେ। ଗାଁଲୋକେ ଖୋଜାଖୋଜି କରି ଲବଙ୍କ ମୃତଦେହ ଉଦ୍ଧାର କରିଥିଲେ। ଆଜି ସକାଳେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଶୁକ୍ରିଙ୍କ ମୃତଦେହ ଠାବ କରିଥିଲା। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କାନ୍ଥ ବାଡ଼ରେ ସାଂସଦଙ୍କ ନିଖୋଜ ପୋଷ୍ଟର




ପୁରୀ, ୧।୭(ସମିସ): ଶରଧାବାଲିରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ଏବଂ ରଥଯାତ୍ରାରେ ବହୁ ଭକ୍ତ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଆସି ଯଦି ଜୀବନ ଚାଲିଯାଉଛି, ତେବେ ସରକାର, ପ୍ରଶାସନ କରୁଛନ୍ତି କ'ଣ। ଜନପ୍ରତିନିଧି କୁଆଡ଼େ ଗଲେ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କର ଦେଖାନାହିଁ। ଏଭଳି ଏକ ଚର୍ଚ୍ଚା ଭିତରେ ପୁରୀ ସହରର ବିଭିନ୍ନ କାନ୍ଥବାଡ଼ରେ ଲାଗିଛି ସାଂସଦଙ୍କ ନିଖୋଜ ପୋଷ୍ଟର। ପୋଷ୍ଟର୍‌ରେ ସାଂସଦ ଡ. ପାତ୍ରଙ୍କ ଫଟୋ ଥିବା ବେଳେ ସାଂସଦ ପୁରୀ ନିଖୋଜ ବୋଲି ଲେଖାଯାଇଛି। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି।

## ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ

# ଧର୍ମକୁ ଆଖିଠାର: ବିଜେପିରୁ ୫ ନିଲମ୍ବିତ

ଭୁବନେଶ୍ୱର,୧।୭(ସମିସ): ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜେ ପ୍ରତିଶ୍ରୁତି ଦେଇଥିଲେ। ଆକ୍ରମଣ ପଛରେ ମୁଖ୍ୟ ନାୟକ କୁହାଯାଉଥିବା ଜଗନ୍ନାଥ ପ୍ରଧାନଙ୍କ ସହ ସମସ୍ତ ଆକ୍ରମଣକାରୀଙ୍କ ବିରୋଧରେ ଉଭୟ ଦଳ ଏବଂ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଓଏଏସ୍ ସଂଘ ଓ ରାଜ୍ୟବାସୀ ଆଶା ରଖିଥିଲେ। ମାତ୍ର ଏପରି ସ୍ୱର୍ଶକାତର ଘଟଣାରେ ଦଳ ଯେପରି ଆଭିମୁଖ୍ୟ ରଖିଛି, ତାହା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ରାଜ୍ୟ ସଭାପତି ଆକ୍ରମଣରେ ସଂପୃକ୍ତ ଥିବା ୫ ଜଣଙ୍କୁ ନିଲମ୍ବିତ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି। ରାଜ୍ୟରେ କେବେ ଘଟି ନଥିବା ଏପରି ବର୍ବରୋଚିତ ଆକ୍ରମଣ ଘଟଣାରେ ନିଲମ୍ବନ ଯଥେଷ୍ଟ କି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବରିଷ୍ଠ ଓଏଏସ ଶ୍ରୀ ସାହୁଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ କଡ଼ା ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏପଟେ ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ଏବଂ ଓଏଏସ ସଂଘ ଆଲୋଚନା ବେଳେ ଅପରାଧୀ ଯେତେ ଶକ୍ତିଶାଳୀ ହୁଅନ୍ତୁ ନାଁ କାହିଁକି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ। ଯାହାଫଳରେ ରତ୍ନାକରଙ୍କୁ ଉଚିତ୍ ନ୍ୟାୟ ମିଳିବ ବୋଲି ଆଶା କରାଯାଉଥିଲା। ମାତ୍ର ମଙ୍ଗଳବାର ରାଜ୍ୟ ବିଜେପି ସଭାପତି ଆକ୍ରମଣକାରୀଙ୍କୁ ନିଲମ୍ବନ କରିବା ପରେ ରାଜ୍ୟ ବିଜେପିର ଉଚ୍ଚାରଣ ଏବଂ ଆଚରଣକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେବଡ଼ ଜଘନ୍ୟ କାଣ୍ଡରେ ନିଲମ୍ବନ ଯଥେଷ୍ଟ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଦଳ ଏପରି ସମ୍ବେଦନଶୀଳ ଘଟଣାକୁ ସତରେ ଗୁରୁତର ସହ ନେଇଥାନ୍ତା, ତାହେଲେ ସମସ୍ତ ଅଭିଯୁକ୍ତଙ୍କୁ ଅତିକମରେ ବହିଷ୍କାର କରିଥାନ୍ତା, ମାତ୍ର ଦଳ ସେପରି କିଛି କଲାନାହିଁ। ସେହିପରି ପରଦା ପଛରେ ଥିବା ଦଳର ନେତା ଜଗନ୍ନାଥ ପ୍ରଧାନଙ୍କ ଦେହରେ ହାତ ମାରିବାକୁ ଦଳର ସଭାପତି ସାହସ ଜୁଟାଇ ପାରିଲେ ନାହିଁ। ଯଦି ୫ ଜଣଙ୍କ ସହ ସଭାପତି ଜଗନ୍ନାଥଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ। ଗତ ସରକାର ସମୟରେ ବିଜେଡିର ଜଣେ ବିଧାୟକ ସରୋଜ ମେହେର ଜଣେ ଜେଇଙ୍କୁ ଉଠବସ କରିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତାଙ୍କୁ ଜେଲ୍ ପଠାଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଘଟିଥିବା ଘଟଣାରେ ତତ୍କାଳୀନ ବିଧାୟକଙ୍କୁ ଦଳରୁ ବହିଷ୍କାର କରିଥିଲେ। ମାତ୍ର ଗତକାଲି ଘଟଣାରେ ବିଜେପିର କାର୍ଯ୍ୟାନୁଷ୍ଠାନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପିର ନନିଲମ୍ବନ ଆଦେଶ ଧର୍ମକୁ ଆଖିଠାର ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଉ ୨ଜଣ ଗିରଫ

ଭୁବନେଶ୍ୱର,୧।୭(ସମିସ): ବିଏମ୍‌ସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ଘଟଣାରେ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ଝାରପଡ଼ାର ସଞ୍ଜୀବ ମିଶ୍ର ଓ ଲକ୍ଷ୍ମୀସାଗରର ସଚ୍ଚିକାନ୍ତ ସ୍ୱାଇଁ। ଦୁହେଁ ବିଜେପିର ଆଗଧାଡ଼ିର କର୍ମୀ ଏବଂ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି କୁହାଯାଉଛି। ଅପରପକ୍ଷେ ଗତକାଲି ଗିରଫ ହୋଇଥିବା ଅପରୂପ, ରଶ୍ମି ଓ ଦେବାଶିଷଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ମାତ୍ର ଏହି ଘଟଣାର ପ୍ରଚ୍ଛଦପଟରେ ଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନାଯୋଗ୍ୟ, ଗିରଫ ଯୁବକମାନେ ବିଏମ୍‌ସି କାର୍ଯ୍ୟାଳୟରେ ଜଗନ୍ନାଥ ପ୍ରଧାନଙ୍କ ନାମ ନେଇ ଅତିରିକ୍ତ କମିସନରଙ୍କୁ ପିଟିଥିଲେ ବୋଲି ଅଭିଯୋଗ ହୋଇଛି।

## ରଥଯାତ୍ରାକୁ ବିଜେପି ଦଳୀୟ ଉତ୍ସବ କରିଛି: କଂଗ୍ରେସ



ଭୁବନେଶ୍ୱର,୧।୭(ସମିସ): ବିଏମସିର ଅତିରିକ୍ତ କମିଶନଙ୍କୁ ବିଜେପି କର୍ମୀ ମାଡ଼ ମାରିବା ଘଟଣାକୁ ନେଇ ବର୍ଷିଲେ ପିସିସି ସଭାପତି ଭକ୍ତ ଚରଣ ଦାସ। ବିଏମସିରେ ଜନଶୁଣାଣି ଚାଲିଥିବା ବେଳେ ବିଜେପିର ଜଣେ କର୍ପୋରେଟର ଓ ୧୦ ଜଣ କର୍ମୀ ଅତିରିକ୍ତ କମିଶନରଙ୍କୁ ମାଡ ମାରିଲେ। ମାଡ଼ ମାରିଥିବା କର୍ମୀମାନେ ଭୁବନେଶ୍ୱର ମଧ୍ୟମ ବିଜେପି ବିଧାୟକ

■ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ ହେଉ ରଥଯାତ୍ରା ବିଭ୍ରାଟ
■ ମୁଖ୍ୟମନ୍ତ୍ରୀଙ୍କଠାରୁ ସାହସ ପାଇ ବିଜେପି କର୍ମୀ ଉତ୍ପାତ ହେଉଛନ୍ତି

ପ୍ରାର୍ଥୀଙ୍କ ନାଁ ନେଉଥିଲେ। ଏଭଳି ସ୍ଥିତି ଯୋଗୁଁ ସରକାରୀ ଅଧିକାରୀମାନେ ବିଜେପି ନେତାଙ୍କର ଗୋଲାମ ହୋଇଗଲେଣି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜେ ସରକାରୀ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଓ କର୍ମୀମାନଙ୍କୁ ବସାଉଛନ୍ତି। ତେଣୁ ପୂରା ଓଡ଼ିଶାରେ ଆଜି ଏପରି ପରିସ୍ଥିତି ହେଇଛି ବୋଲି ପିସିସି ସଭାପତି କହିଛନ୍ତି। ସରକାରୀ ଅଧିକାରୀଙ୍କୁ ବିଜେପିକରଣ କରିବାକୁ ଶାସକ ଦଳ ଚାହୁଁଛି ବୋଲି ଶ୍ରୀ ଦାସ ଉଲ୍ଲେଖ କରି ଏଥିରେ ଲୋକମାନେ ନ୍ୟାୟ ପାଇବେ ନାହିଁ। ପୂରା ଓଡ଼ିଶାରେ ସରକାରୀ ଅଧିକାରୀ ମାନେ ଆଜି ଅପମାନିତ ହୋଇଛନ୍ତି। ଓଡିଶାରୁ ସରକାରୀ ଅଧିକାରୀ ମାନଙ୍କୁ ସରକାର କ୍ଷମା ମାଗିବା ସହ ବିଜେପିର ପରାଜିତ ପ୍ରାର୍ଥୀଙ୍କୁ ଗିରଫ କରାଯାଉ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୁରୀ ରଥଯାତ୍ରାରେ ମହା ବିଭ୍ରାଟ ପ୍ରସଙ୍ଗରେ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ଶ୍ରୀ ଦାସ ବର୍ଷିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସରକାରୀ ପ୍ରସ୍ତୁତି କଥା କହିଥିଲେ। ହେଲେ ବିଜେପି ଦଳର ୧୫ଶହ କର୍ମକର୍ତ୍ତା ରଥରେ ସାମିଲ ହେବେ, ସେ କଥା କହି ନ ଥିଲେ। ରଥଟଣା ସମୟରେ ବିଜେପି କର୍ମୀମାନେ ଅବ୍ୟବସ୍ଥା କରିଦେଲେ। ରଥଯାତ୍ରାକୁ କେବଳ ଦଳୀୟ ଉତ୍ସବ କରିବା ପାଇଁ ବିଜେପି ଏମିତି କରିଛି। ଭିଡ଼ ନିୟନ୍ତ୍ରଣକୁ ପ୍ରଶାସନ ଗୁରୁତ୍ୱ ନ ଦେଇ ଭିଆଇପିଙ୍କୁ ଗୁରୁତ୍ୱ ଦେଇଥିବାରୁ ଏଭଳି ବିଭ୍ରାଟ ହୋଇଛି। ତେଣୁ ରଥଯାତ୍ରା ମହାବିଭ୍ରାଟ ପାଇଁ ଜଣେ କାର୍ଯ୍ୟରତ ବିଚାରପ୍ରତିଙ୍କ ଦ୍ୱାରା ତଦନ୍ତ କରାଯାଉ। ଉନ୍ନୟନ କମିଶନଙ୍କ ତଦନ୍ତରେ କିଛି ସୁଫଳ ମିଳିବନି। ଯିଏ କମିଟିର ସଦସ୍ୟ, ସେ କିପରି ତଦନ୍ତ କରିବେ। ଓଡିଆ ଅସ୍ମିତା ଓ ଓଡ଼ିଆ ପ୍ରାଣ ଦେଇଚତା କ'ଣ ନ୍ୟାୟ ପାଇବେ ଏହି ତଦନ୍ତରୁ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଚାରପତିଙ୍କ ଦ୍ୱାର ତଦନ୍ତ କରାଗଲେ ନ୍ୟାୟ ମିଳିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜା, ରାଜ୍ୟ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ଓ ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟିନେଲେ ୧୦ ଲକ୍ଷର ଗହଣା

ବୈଶିଙ୍ଗା, ୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବିଶ୍ରାମପୁର ଗ୍ରାମର ଭବଜିତ ପ୍ରଧାନଙ୍କ ଘରୁ ମଙ୍ଗଳବାର ଦୁର୍ବୃତ୍ତମାନେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ପିଉସୀଙ୍କ ଦେହ ଅସୁସ୍ଥ ଥିବାରୁ ଘରେ ତାଲା ପକାଇ ଭବଜିତ ସପରିବାରେ କେନ୍ଦୁଆଖୁଣ୍ଟା ଗ୍ରାମକୁ ଯାଇଥିଲେ। ଅପରାହ୍ନରେ ସେ ଫେରିବା ବେଳକୁ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରିଲ ଭାଙ୍ଗି ଶୋଇବା ଘର ଆଲମିରାର ଲକର୍ ଭାଙ୍ଗି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## ଜେଲ୍ ଗଲେ ଜମିଦାର ଯୁଗ୍ମ ନିର୍ଦ୍ଦେଶକ



ଆୟଠାରୁ ୨୧୨ ପ୍ରତିଶତ ଅଧିକ ସମ୍ପତ୍ତି

ଭୁବନେଶ୍ୱର,୧।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କୁ ମଙ୍ଗଳବାର ଗିରଫ କରିଛି ଭିଜିଲାନ୍ସ। ଠାବ ସମ୍ପତ୍ତିର ଉତ୍ତର ଦେଇ ନ ପାରିବାରୁ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି। ଗିରଫ ପରେ ମେଡ଼ିକାଲ ପରୀକ୍ଷା କରାଯାଇ ତାଙ୍କୁ ଭବାନୀପାଟଣା ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୟାନିଧିଙ୍କ ପାଖରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ଆୟଠାରୁ ୨୧୨ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସୂଚନାଯୋଗ୍ୟ ସୋମବାର ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ତାଙ୍କର ୮ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କର ୮୪ ଏକର ଜମି, ୪୬ ଏକରରେ ଥିବା ଦୁଇଟି ଫାର୍ମ ହାଉସ ସମେତ ବହୁ ସମ୍ପତ୍ତି ଠାବ କରିଥିଲେ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ

କଟକ, ୧।୭(ସମିସ): ଚୁକ୍ତିଭିତ୍ତିକ ନିଯୁକ୍ତି ହେତୁ ଜଣେ ମହିଳା କର୍ମଚାରୀଙ୍କୁ ପ୍ରସୂତି ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଏହା ମାନବିକତା ଓ ନାରୀତ୍ୱ ପ୍ରତି ଘୃଣ୍ୟାସ୍ପଦ। ହାଇକୋର୍ଟ ଆଜି ଏକ ମାମଲାର ବିଚାର କରି ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ସରକାରଙ୍କ ପକ୍ଷରୁ ରୁଜୁ ଏକ ରିଟ୍ ଆବେଦନକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁଠାରେ ନାରୀମାନଙ୍କୁ ସମ୍ମାନିତ କରାଯାଏ, ସେଠାରେ ଦେବତାମାନେ ବି ଆନନ୍ଦିତ ହୁଅନ୍ତି। ମହିଳା କଲ୍ୟାଣ ସମ୍ପର୍କିତ ରାଜ୍ୟ ନୀତିରେ ଏଭଳି କଥାକୁ ଗୁରୁତ୍ୱ ଦିଆଯିବା ଉଚିତ। ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧା ପ୍ରଦାନ ସଂକ୍ରାନ୍ତରେ ଜଣିକିଆ ବିଚାରପତିଙ୍କ ଆଦେଶକୁ ଦୁଇଜଣିଆ ଖଣ୍ଡପୀଠ କାଏମ ରଖିବା ସହ ଆସନ୍ତା ୮ ସପ୍ତାହ ମଧ୍ୟରେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କ ପ୍ରସୂତିକାଳୀନ ଛୁଟି ସୁବିଧା ଆବେଦନ ଖାରଜ ହେବାରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରସୂତି ଛୁଟି ସମ୍ପର୍କିତ ଆଇନ ଉପରେ ତର୍ଜମା କରି ପ୍ରତିପକ୍ଷଙ୍କୁ ପ୍ରସୂତି ଛୁଟିର ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶ ବିରୋଧରେ ଏହି ରିଟ୍ ଦାୟର କରିଥିଲେ। ସରକାରଙ୍କ ଯୁକ୍ତି ଥିଲା ଯେ ପ୍ରତିବାଦୀ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ସେ ପ୍ରସୂତି ଛୁଟିର ଲାଭ ପାଇବାକୁ ହକଦାର ନୁହଁନ୍ତି।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା

# ବ୍ରିଟିଶ ଅତ୍ୟାଚାରଠୁ ବଳିଗଲା ବିଜେପିର ଆକ୍ରମଣ: ବିଜେଡି

ଭୁବନେଶ୍ୱର,୧।୭(ସମିସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ସ୍ୱଷ୍ଟ ଦିବାଲୋକରେ ବିଜେପି ନେତାଙ୍କ ଦ୍ୱାରା ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ବ୍ରିଟିଶ ଅତ୍ୟାଚାରଠାରୁ ବଳିଯାଇଛି। କ୍ଷମତା ନିଶାରେ ବିଜେପି ନେତା ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିବାକୁ ଉଦ୍ୟମ କରୁଛନ୍ତି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ଆକ୍ରମଣକାରୀଙ୍କ ଉପରେ ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି ହୋଇଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଅଭିଯୋଗ କରିଥିଲେ ଯେ ଆକ୍ରମଣକାରୀମାନେ ହେଉଛନ୍ତି ଶାସକ ବିଜେପିର କାର୍ଯ୍ୟକର୍ତ୍ତା। ସେମାନେ କହିଥିଲେ ଯେ ବିଜେପି ନେତା ତଥା ଗତ ନିର୍ବାଚନରେ ଭୁବନେଶ୍ୱର(ମଧ୍ୟ) ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଏଭଳି କାଣ୍ଡ ଘଟିଛି। ଏହି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ନଗ୍ନ ନମୁନା ଏବଂ ଶାସକ ବିଜେପିର ଅତ୍ୟାଚାର ମନୋବୃତ୍ତିର ପରିଚୟ। ଶ୍ରୀ ପଣ୍ଡା କହିଥିଲେ ଯେ ବିଏମସିର ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଯେପରି ଆକ୍ରମଣ କରାଗଲା ତାହା ଚଳଚ୍ଚିତ୍ରରେ ପ୍ରଦର୍ଶିତ ହେଉଥିବା ଗୁଣ୍ଡାରାଜ ଦୃଶ୍ୟଠାରୁ କୌଣସି ଗୁଣରେ

■ ଶାନ୍ତିପ୍ରିୟ ଓଡ଼ିଶାକୁ କ୍ଷମତା ନିଶାରେ ଅଶାନ୍ତ କରୁଛି ବିଜେପି
■ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ

କମ୍ ନୁହେଁ। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ସ୍ୱଷ୍ଟ ଦିବାଲୋକରେ ଏଭଳି ଘଟଣା ଘଟିବା, ସମଗ୍ର ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିବା ସହ ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ରାଜ୍ୟ ଓଏଏସ୍ ସଂଘ ଏହି ଘଟଣାରେ ପ୍ରଦାନ କରିଥିବା ସ୍ମାରକପତ୍ରରେ ଗତ ଏକ ବର୍ଷରେ ବିଭିନ୍ନ ସ୍ଥାନରେ ସେମାନଙ୍କ ଉପରେ ମାନସିକ ଓ ଶାରିରିକ ନିର୍ଯାତନା ଦିଆଯାଉଛି ବୋଲି ଅଭିଯୋଗ କରିବା ସହ ସେମାନଙ୍କ ସୁରକ୍ଷା ଓ ସମ୍ମାନ ବିପଦରେ ପଡିଛି ବୋଲି ଉଲ୍ଲେଖ କରିଛନ୍ତି। ଗତ ଏକ ବର୍ଷ ଧରି ରାଜ୍ୟର ପ୍ରଶାସନିକ ଢାଞ୍ଚା ଉପରେ ଯେଉଁଭଳି ଭାବେ ଆକ୍ରମଣ କରାଯାଉଛି, ତାହା ଗ୍ରହଣୀୟ ନୁହେଁ।

ବିଏମସି ମେୟର ସୁଲୋଚନା ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିବା



ଜଣେ ବରିଷ୍ଠ ଅଧିକାରୀଙ୍କୁ ଅଫିସରୁ ଘୋଷାଡ଼ି ଆଣି ଯେଭଳି ବର୍ବରୋଚିତ ଆକ୍ରମଣ କରାଗଲା, ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଘଟଣାରେ ଛଅ ସାତ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ପୁଲିସ କେବଳ ପାଞ୍ଚ ଜଣଙ୍କୁ ଗିରଫ କରିଛି। ତେଣୁ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ଓ ଯାହାଙ୍କ ପ୍ରରୋଚନାରେ ଏହି ଘଟଣା ଘଟିଛି, ତାଙ୍କୁ ଗିରଫ କରି ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ୧୦୯ ଦଫା ଲଗାଯାଉ ବୋଲି ସେ ଦାବି କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା କହିଥିଲେ ଗତ ୩୦ ବର୍ଷ ଭିତରେ ଏଭଳି ଅମାନବୀୟ କାଣ୍ଡ କେବେ ଘଟିନଥିଲା। ଏଭଳି ଏକ ହୃଦୟ ବିଦାରକ ଘଟଣା ବ୍ରିଟିଶ ଅତ୍ୟାଚାରଠୁ ମଧ୍ୟ ବଳିଯାଇଛି। ଘଟଣାସ୍ଥଳରେ ଦୁଇ ଜଣ ମହିଳା କର୍ପୋରେଟର ବୁଝାସୁଝା କରିବାକୁ ଚେଷ୍ଟା କରିବା ବେଳେ ସେମାନେ ମଧ୍ୟ ଆକ୍ରମଣକାରୀଙ୍କ ଦ୍ୱାରା ଆହତ ହୋଇଛନ୍ତି। ବିଧାୟକ ସୁଶାନ୍ତ କୁମାର ରାଉତ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ଡେପୁଟି ମେୟର ମଞ୍ଜୁଲତା କହଁର ମଧ୍ୟ ଉପସ୍ଥିତ ଥିଲେ।

# ଅସ୍ଥାୟୀ ରାସ୍ତା ଶୋଚନୀୟ; ହନ୍ତସନ୍ତ ଅଞ୍ଚଳବାସୀ

ଅନୁଗୋଳ/ବଇଣ୍ଡା, ୧୭ (ସମିସ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତରେ ସାପଘରା-ରଙ୍ଗମାଟିଆ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଆର୍‌ଡି ବିଭାଗର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା

- ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ
- ତୁରନ୍ତ ରାସ୍ତା ମରାମତି ପାଇଁ ଦାବି

ରାସ୍ତା ବହୁ ବିଳମ୍ବ ହେଉଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଛି । ରାସ୍ତାକାମ ଅତି ନିମ୍ନମାନର ହେଉଥିବା ବେଳେ ଅଧିକାଂଶ ଅଞ୍ଚଳରେ କରାଯାଉଥିବା ପୋଲ ପାଇଁ ଅସ୍ଥାୟୀ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି । ଫଳରେ ଗାଡ଼ି, ଆମ୍ବୁଲାନ୍ସ ଯାଇ ପାରୁନଥିବା ବେଳେ ଲୋକେ ହନ୍ତସନ୍ତ ହେଉଛନ୍ତି । ଏନେଇ ରାଇନାଳୀ ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଅଞ୍ଚଳବାସୀ ତାଙ୍କ ଦାବିପତ୍ରରେ ଉଲେଖ କରିଛନ୍ତି ଯେ, ସାପଘରାରୁ ରଙ୍ଗମାଟିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ନୂତନ ପିଚୁ ରାସ୍ତା ନିର୍ମାଣ ହେଉଛି । ଏକ ବର୍ଷ ହେବ ଏହି ରାସ୍ତା କାର୍ଯ୍ୟ ଚାଲିଥିଲେ ମଧ୍ୟ ୫୦ ପ୍ରତିଶତ କାମ ସମାପ୍ତ ହୋଇନାହିଁ । ରାଇନାଳୀରେ ଏକ ପୋଲ ନିର୍ମାଣ ହେଉଛି । ବହୁମନ୍ଥର ଗତିରେ ପୋଲ କାମ ଚାଲୁଥିବା ବେଳେ ଗାଡି ଯାତାୟତ ପାଇଁ ଏକ ବିଲରେ ମୋରମ ପକାଇ ଠିକାସଂସ୍ଥା ଅସ୍ଥାୟୀ ରାସ୍ତା ନିର୍ମାଣ କରିଛି । ହେଲେ ଉକ୍ତ ରାସ୍ତା ସାମାନ୍ୟ ବର୍ଷାରେ ଧୋଇହୋଇ ଯାଇଥିବା ବେଳେ ରାସ୍ତାରେ ସାଇକେଲ ଯିବା ସମ୍ଭବପର ହେଉନାହି । ସୋମବାର ଜଣେ ରୋଗୀ ଗୁରୁତର ହୋଇପଡ଼ିଥିବା ବେଳେ ଉକ୍ତ ରୋଗୀକୁ ମେଡିକାଲକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦିଆଯାଇଥିଲା । ହେଲେ ଉକ୍ତ ରାସ୍ତାରେ ଆମ୍ବୁଲାନ୍ସ ନଯାଇ ଫେରିଯାଇଥିଲା । ଫଳରେ ରୋଗୀକୁ ଲୋକେ ବୋହିକରି ମେଡିକାଲକୁ ନେଇଥିଲେ । ଉକ୍ତ ପୋଲ କାମ ବହୁତ ବିଳମ୍ବରେ କରାଯାଉଥିବା ବେଳେ ରାସ୍ତା କାମରେ ବିଭାଗୀୟ ଯନ୍ତ୍ରୀ କିମ୍ବା ଏସଡିଓ ଉପସ୍ଥିତ ରହୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ବର୍ଷା ହେଲେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି । ରାସ୍ତା କାମ ଅତି ନିମ୍ନମାନର ହେଉଥିବା ବେଳେ ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁଁ ରାସ୍ତା କାମରେ ବ୍ୟାଘାତ ସହ ନିମ୍ନମାନର ହେଉଥିବା ରାଇନାଳୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲ୍ଲାପାଳ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଏନେଇ ଆର୍‌ଡି ବିଭାଗର କନିଷ୍ଠଯନ୍ତ୍ରୀ ଶ୍ରୀକାନ୍ତ ଗୋଇନ କୁହନ୍ତି ଉକ୍ତ ଅସ୍ଥାୟୀ ରାସ୍ତାକୁ ମତମତି କରିବା ପାଇଁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ କହିଥିଲେ ।



## ୧୨ଟିକିଆ ହାତୀପଲଙ୍କ ଉତ୍ପାତ; ଭୟରେ ଗ୍ରାମବାସୀ



କାମାକ୍ଷାନଗର, ୧୭ (ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ସମାଟାଙ୍ଗି ଗ୍ରାମରେ ୧୨ ଟିକିଆ ହାତୀପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି । ଗାଁ ଭିତରେ ପଶି ଧାନ ଓ କଦଳୀ ଖାଇବା ସହ ଉତ୍ପାତ କରୁଛନ୍ତି ହାତୀପଲ । ଏନେଇ ଗ୍ରାମବାସୀ ଭୟରେ ରହୁଥିବା କହିଛନ୍ତି । ସୂଚନା ଅନୁସାରେ ଗତକାଲି ରାତିରେ ୧୨ ଟିକିଆ ହାତୀପଲ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜକୁ ଆସିଥିବା ବେଳେ ସମାଟାଙ୍ଗୀ ଗାଁ ନିକଟରେ ଥିବା ଜଙ୍ଗଲରେ ରହିଯାଇଥିଲେ । ପରେ ହାତୀପଲ ଗାଁ ଭିତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଫସଲ ନଷ୍ଟ କରିଛନ୍ତି । ଗ୍ରାମବାସୀଙ୍କ ଠାରୁ ଖବର ପାଇ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ଓ ହାତୀ ସ୍କ୍ୱାର୍ଡ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିବା ବେଳେ ହାତୀପଲ ଗାଁ ନିକଟରେ ଅଛନ୍ତି ।

## ମରଣାତ୍ମକ ଆକ୍ରମଣ, ଦୁଇ ଭାଇ ଗିରଫ

ଅନୁଗୋଳ, ୧୭ (ସମିସ): ସାଧାରଣ ବଚସାରୁ ଦୁଇଯୁବକ ହାତାହାତୀ ପରେ ଉତକ୍ଷିପ୍ତ ହୋଇ ଜଣକର ଖଣ୍ଡାଚୋଟରେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି । ଗୁରୁତର ଆହତ କାଳିଆ ଗୋଛାୟତଙ୍କ ଅଭିଯୋଗ କ୍ରମେ ନାଲକୋ ପୁଲିସ ଆକ୍ରମଣକାରୀ ଓ ତାର ସହଯୋଗୀ ଭାଇକୁ ଗିରଫ କରିଛି । ସୂଚନା ମୁତାବକ ନାଲକୋ ନଗର ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ଗାଁର ଗୋଛାୟତ ସାହିର କାଳିଆ ଗୋଛାୟତ ନିଶାରେ ପାଖ ପଡ଼ୋଶୀ ରୋଶନ ଗୋଛାୟତ ସହିତ କୌଣସି କଥାକୁ କେନ୍ଦ୍ରକରି ପ୍ରଥମେ ଉଚ୍ଚବାଚ ହୋଇଥିଲା । କାଳିଆ ରୋଶନଙ୍କୁ ଗୋଟେ ଥାପଡ଼ ମାଡ଼ ମାରିଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ରୋଶନ ନିଜ ଘରୁ ଖଣ୍ଡା ଧରି ଭାଇ ରୋହିତ ସହ ମିଶି କାଳିଆକୁ ଖଣ୍ଡାରେ ଆକ୍ରମଣ କରିଥିଲେ । କାଳିଆ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । କାଳିଆର ଅଭିଯୋଗ କ୍ରମେ ନାଲକୋ ପୁଲିସ କେସ ନଂ ୧୭୭/୨୫ରେ ମାମଲା ରୁଜୁ କରି କାଳିଆର ଡାକ୍ତରୀ ଚିକିତ୍ସା କରିବା ସହିତ ଅଭିଯୁକ୍ତ ଦୁଇଭାଇ ରୋଶନ ଗୋଛାୟତ ଏବଂ ରୋହିତ ଗୋଛାୟତକୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଟ୍ରକ୍ ଧକ୍କାରେ ମାଆ ମୃତ, ଝିଅ ଗୁରୁତର

ତାଳଚେର ସହର, ୧୭ (ସମିସ): ଝିଅକୁ ସ୍କୁଲ ନେଇଯିବା ସମୟରେ ଟ୍ରକ୍ ଧକ୍କାରେ ମାଆର ମୃତ୍ୟୁ ହୋଇଥିବା ବେଳେ ଝିଅ ଗୁରୁତର ହୋଇଥିବା ଜଣାପଡ଼ିଛି । ତାଳଚେର ଦେଉଳବେଡ଼ାସ୍ଥିତ ଡିଏଭି ସ୍କୁଲରେ ଝିଅକୁ ଛାଡ଼ିଯିବା ସମୟରେ ଗ୍ରୀନଗ୍ରାସ ଷ୍ଟାଡିୟମ ଠାରେ ପଛ ପଟୁ ଆସୁଥିବା ଏକ ଟ୍ରକ ସ୍କୁଟି ଉପରେ ଚଢ଼ିଯାଇଥିଲା । ଘଟଣାସ୍ଥଳରେ ମାଆ ପ୍ରବୀଣା ସାହୁ (୪୨)ଙ୍କର ମୃତ୍ୟୁ ଘଟିଥିବା ବେଳେ ଚତୁର୍ଥ ଶ୍ରେଣୀ ପଢୁଥିବା ୧୦ ବର୍ଷର ଝିଅ ସାନଭିକା କୁମାରୀ ସାହୁ ଗୁରୁତର ଆହତ ହୋଇଛନ୍ତି । ଆହତ ଝିଅକୁ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛି । କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ରାସ୍ତାରୋକ ସହ ଚାପା ଉତ୍ତେଜନା ଦେଖାଦେଇଛି । ତାଳଚେର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରିରଖିଛି ।

## ୫ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କିଶୋରନଗର, ୧୭ (ସମିସ): କିଶୋରନଗର ବ୍ଲକ ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ସୋମବାର କିଶୋରନଗର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଇଓ ଅରୁଣ କୁମାର ସେଠୀ, ଏବିଇଓ ରମଣୀ ରଞ୍ଜନ ପ୍ରଧାନ, ଜବାହାରଲାଲ ପ୍ରଧାନ ଯୋଗଦେଇ ଅବସର ନେଇଥିବା ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ଭଗବାନ ମାଝୀ, ନରୋତ୍ତମ ସାହୁ, ସୁକୃ ପ୍ରଧାନ, ଅଞ୍ଜଳି ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ । ଏଥିସହ ସେମାନଙ୍କର ଶିକ୍ଷକତା ସମ୍ପର୍କରେ ଆଲୋକପାତ କରିଥିଲେ ।

## ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ

ଅନୁଗୋଳ, ୧୭ (ସମିସ): ଅନୁଗୋଳର ଅଗ୍ରୀମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ଫାଉଣ୍ଡେସନ ଆନୁକୂଲ୍ୟରେ ନିଜସ୍ୱ ଅନୁଷ୍ଠାନ ଶ୍ରୀରାମ ଚନ୍ଦ୍ର ବେଦ ପାଠଶାଳା ଦ୍ୱାରା ସାମୂହିକ ନିଶୁଳ୍କ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ବିନୋଦିନୀ ସାହୁଙ୍କ ନେତୃତ୍ୱରେ ପ୍ରତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମାଜ



ତିନି ବର୍ଗରୁ ତଥା ବ୍ରାହ୍ମଣ, କ୍ଷେତ୍ରୀୟ, ବୈଶ୍ୟ ମାନଙ୍କର ସାମୂହିକ ବ୍ରତୋପନୟନ ବ୍ୟବସ୍ଥା କରିବା ସହ ସନାତନ ଧାର୍ମିକ ବ୍ୟବସ୍ଥା ସୁଦୃଢ଼ କରିବା ଏହା ଏକ ପ୍ରୟାସ ଫାଉଣ୍ଡେସନର ଛୋଟ ପ୍ରଚେଷ୍ଟା । ଏଇ ନିଶୁଳ୍କ ବ୍ରତୋପନୟନରେ ପଣ୍ଡିତ ରାମଚନ୍ଦ୍ର କର, ପଣ୍ଡିତ ବିଷ୍ଣୁପ୍ରସାଦ କର, ପଣ୍ଡିତ ଦ୍ୱିତୀକୃଷ୍ଣ ପାଣୀଗ୍ରାହୀ, ପଣ୍ଡିତ ଉତ୍ତମ ପାଣ୍ଡେ ଓ ପ. ସୁଭଜୀତ ଦୀକ୍ଷିତ ପରିଚାଳନା କରିଥିଲେ ।

**■ ଭୁବନେଶ୍ୱରରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ ଘଟଣା**

## ପ୍ରତିବାଦରେ ଅନୁଗୋଳ ଓଏଏସ୍, ଓଆର୍‌ଏସ୍ ଅଧିକାରୀଙ୍କ ସାମୂହିକ ଛୁଟି

ଅନୁଗୋଳ, ୧୭ (ସମିସ): ଅନୁଗୋଳ ଜିଲ୍ଲାର ଓଏଏସ୍ ଓ ଓଆରଏସ୍ ଅଧିକାରୀମାନେ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ଓ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ଘଟିଥିବା ଆକ୍ରମଣ ବିରୋଧରେ ପ୍ରତିବାଦ ଜଣାଇ ସାମୂହିକ ଛୁଟି ଘୋଷଣା କରିଛନ୍ତି । ଅପ୍ରତ୍ୟାଶିତ ଓ ନିନ୍ଦନୀୟ ଘଟଣାକୁ ନେଇ ସମସ୍ତ ଓଏଏସ ଓ ଓଆରଏସ ଅଧିକାରୀ ଜରୁରୀକାଳିନ ବୈଠକରେ ୧ ଜୁଲାଇ ୨୦୨୫ ରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଅଧିକାରୀମାନେ ଜଣାଇଛନ୍ତି ଯେ, ପ୍ରଶାସନିକ ସେବାର କେନ୍ଦ୍ରବିନ୍ଦୁ ଭୁବନେଶ୍ୱର ଭଳିଯାଗାରେ କର୍ତ୍ତବ୍ୟରେ ଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ଉପରେ ଏପରି ନିର୍ମମ ଆକ୍ରମଣ କେବଳ ଏକ ବ୍ୟକ୍ତି ଉପରେ ନୁହେଁ, ବରଂ ଏହା ସାରା ପ୍ରଶାସନିକ ବ୍ୟବସ୍ଥା ଉପରେ ଆକ୍ରମଣ । ଅଧିକାରୀମାନେ ଏହି ଘଟଣା ପ୍ରତି ଗଭୀର ଦୁଃଖ ପ୍ରକାଶ କରି ଦାୟୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବିଧିବଦ୍ଧ ଓ କଠୋର କାର୍ଯ୍ୟାନୁଷ୍ଠାନ ନ ନିଆଯିବା ପର୍ଯ୍ୟନ୍ତ ଛୁଟି ଜାରି ରଖିବାର ନିଷ୍ପତ୍ତି ନେଇଛନ୍ତି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ ବିଶ୍ୱଭୂଷଣ, ଅତିରିକ୍ତ ତହସିଲଦାର ମିନର୍ଭା ନାୟକ, ଡେପୁଟି କେଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ଡେପୁଟୀ କଲେକ୍ଟର ଶ୍ୱାହା ମହାନ୍ତି, ସହକାରୀ ଜିଲ୍ଲାପାଳ ସୁକାନ୍ତ ସାହୁ, ସହକାରୀ ଜିଲ୍ଲାପାଳ ମନ୍ମଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



## କଣିହାଁ ବ୍ଲକ୍ ବିଜେଡିର ସାଂଗଠନିକ ବୈଠକ



କଣିହାଁ, ୧୭ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନମଣ୍ଡଳୀର କଣିହାଁ ବ୍ଲକ ବିଜୁ ଜନତା ଦଳ ତରଫରୁ ଆୟୋଜିତ ସାଂଗଠନିକ ବୈଠକ କାର୍ଯ୍ୟକ୍ରମରେ ୨୭ଟି ପଞ୍ଚାୟତର ସଭାପତିମାନଙ୍କୁ ନେଇ ସମଲ ଡାକବଙ୍ଗଳାରେ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ସଭାପତି ପ୍ରଶାନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷ ଜୟନ୍ତୀ ପ୍ରଧାନ, ସୁନିଲ ପ୍ରଧାନ, ଜିତେନ୍ଦ୍ର ସାହୁ, ସୁବାଷ ମହାନ୍ତି, ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ହିମାଚଳ ପଣ୍ଡା, କରୁଣା କର ପ୍ରଧାନପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବିଜୁ ଜନତା ଦଳ କଣିହାଁ ବ୍ଲକ ତୃଣମୂଳ ସ୍ତରରୁ ସଂଗଠନ ମଜବୁତ ହେବ ତାହା ଉପରେ ଗୁରୁତ୍ୱ ନେଇ ମତ ରଖିଥିଲେ । ତତ୍‌ସହିତ କଣିହାଁ ବ୍ଲକ ବିଜୁ ଜନତା ଦଳର ୨୭ଟି ପଞ୍ଚାୟତର ସଭାପତିମାନଙ୍କୁ ସମ୍ମନୟ ରଖି କାର୍ଯ୍ୟକର୍ତ୍ତାମାନଙ୍କୁ ସଂଗଠନ କିପରି ୱାର୍ଡସ୍ତରରୁ ମଜବୁତ ହେବ, ଭାଜପା ଡବଲ ଇଞ୍ଜିନ ସରକାରର ଏକ ବର୍ଷ ମଧ୍ୟରେ ବିଫଳତାକୁ କିପରି ଭାବରେ ୱାର୍ଡସ୍ତରରେ ପହଞ୍ଚିବ ସେ ବିଷୟରେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଆସନ୍ତା ୬ତାରିଖ ରବିବାର ଅନୁଗୋଳ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ହେବ । ଏଣୁ ସମସ୍ତ ବିଜୁ ଜନତା ଦଳର ସଭାପତି, ସରପଞ୍ଚ, ସମିତି ସଭ୍ୟ ଜିଲ୍ଲାପରିଷଦ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଯୁବ, ଛାତ୍ର, ମହିଳା ଯୋଗଦେବା ପାଇଁ ଆହ୍ୱାନ କରାଯାଇଥିଲା । ବିଭିନ୍ନ ପଞ୍ଚାୟତର ସଭାପତି ଓ ସମ୍ପାଦକ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ସାହୁ, ଗିରିଶ ସାହୁ, ଶିବପ୍ରସାଦ ବେହେରା, ଅବନୀକାନ୍ତ ଦେହୁରୀ, ସତ୍ୟାନନ୍ଦ ଗଡ଼ନାୟକ, ଭବେଶ ପ୍ରଧାନ, ସୌଭାଗ୍ୟ ପ୍ରଧାନ, ତପନ ବେହେରା, ପୁରୋଷୋତ୍ତମ୍ ସାହୁ, ଦେବରାଜ ପ୍ରଧାନ, ଜୟନ୍ତ ପ୍ରଧାନ, ମହର୍ଗୀ ସ୍ୱାଇଁ, ପ୍ରଜ୍ଞାବୀର ସାମଲ, ପ୍ରତାପ ବେହେରା, ଦେବାଶିଷ ମହାନ୍ତି, ମଣ୍ଟୁ ମହାନ୍ତି, ଗଗନ ରାଉତ, ମହେଶ୍ୱର ସାମଲ, ପ୍ରଦୀପ ସାମଲ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ । ଶେଷରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁଚରଣ ଦାସ ଧନ୍ୟବାଦ ଦେଇଥିଲେ ।

## ଯୁବକଙ୍କ ଉନ୍ମତ୍ତ କାଣ୍ଡ; ଘରେ ପଶି ବୃଦ୍ଧ ଦମ୍ପତିଙ୍କୁ ଆକ୍ରମଣ

ପାଲଲହଡ଼ା, ୧୭ (ସମିସ): ପାଲଲହଡ଼ା ଉପଖଣ୍ଡ ଈଶ୍ୱରନଗର ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି । ଘରେ ପଶି ବୃଦ୍ଧ ଦମ୍ପତିଙ୍କୁ ଜଣେ ଯୁବକ ମାରଣାନ୍ତକ ଆକ୍ରମଣ କିଥିବା ଜଣାପଡ଼ିଛି । ମଙ୍ଗଳବାର ସନ୍ଧ୍ୟା ୫ଟାରେ ପାଲଲହଡା ଥାନା ଅଧୀନ ଈଶ୍ୱର ନଗର ପଞ୍ଚାୟତର ନାଏକ ସାହିର ହରି ନାଏକ (୭୦) ଓ ଗୁରୁବାରୀ ନାଏକ (୬୫) ଘରେ ବସି ଥିଲେ । ସେତିକିବେଳେ ସେହି ଗାଁର ୨୫ ବର୍ଷୀୟ ଯୁବକ ପଦୁ ନାଏକ ହାତରେ ଟାଙ୍ଗିଆ ଧରି ହରି ନାୟକଙ୍କ ଘରେ ପସି ପଦୁ ଓ ତାଙ୍କ ସ୍ତ୍ରୀ ଗୁରୁବାରୀଙ୍କୁ ମାଡ଼ ମାରିବା ସହିତ ଟାଙ୍ଗିଆରେ ହାତ ଓ ମୁଣ୍ଡକୁ ହାଣି ପକାଇଥିଲେ । ଯାହାଫଳରେ ଉଭୟ ବୃଦ୍ଧବୃଦ୍ଧା ଗୁରୁତର ହୋଇପଡ଼ିଥିଲେ । ତାଙ୍କ ପୁଅ ଡାଇମଣ୍ଡ ନାଏକ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ପାଲଲହଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଅଭିଯୁକ୍ତ ଯୁବକ ଆକ୍ରମଣ ପରେ ଘାଟଣାସ୍ଥଳରୁ ଫେରାର ହୋଇଯାଇଛି । ଆହତ ଦମ୍ପତିଙ୍କ ପୁଅ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିବା ଜଣାପଡ଼ିଛି ।

**■ ଅଲେଖ ମହିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅନୁଗୋଳ, ୧୭ (ସମିସ): ନଦୀଘେରା ଗ୍ରାମ ଅଙ୍ଗାରବନ୍ଧ ଝାଟକିପଶିସ୍ଥିତ ଅଲେଖ ମହିମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରାହ୍ମଲୀନ ବାବା ସଦାନନ୍ଦ ଦାସ, ଉପସଭାପତି ସ୍ୱର୍ଗତ ଚତୁର୍ଭୁଜ ବେହେରା, ସମ୍ପାଦକ ଶିବ ସାହୁ, କମିଟି ସଭ୍ୟ ଲକ୍ଷ୍ମୀଧର ନହରା, କୃଷ୍ଣଚନ୍ଦ୍ର ପ୍ରଧାନ, ଜମ୍ବେଶ୍ୱର ବେହେରା, ସ୍ୱର୍ଗତ ଭଗବାନ ବାରିକ, ସ୍ୱର୍ଗତ ବାଲିଆ ସାହୁ, ସ୍ୱର୍ଗତ ଦୁଃଶାସନ ନାଏକଙ୍କ ନେତୃତ୍ୱରେ ଗଠନ ହୋଇଥିବା ବିଦ୍ୟାଳୟରେ ଶ୍ରୀ ବାରିକ ୨୦ ବର୍ଷ ଧରି ଶିକ୍ଷାଦାନ କରି ୨୦୦୮ ରୁ ବ୍ଲକଗ୍ରାଣ୍ଟ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟକରି ଅବସରଗ୍ରହଣ କରିଛନ୍ତି । ପୁରାତନ ଛାତ୍ରଛାତ୍ରୀ, ଗ୍ରାମର ବୁଦ୍ଧିଜୀବୀ, ପ୍ରତିଷ୍ଠାତା ଶିବ ସାହୁ, ଲକ୍ଷ୍ମୀଧର ନହରା, ଜମ୍ବେଶ୍ୱର ବେହେରା, ଯୁଧିଷ୍ଠିର ପ୍ରଧାନ, ମୁଖ୍ୟଅତିଥି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିପକ ସାହୁ, ସହଶିକ୍ଷକ ମନୋଜ ଦାସ, ରମେଶ ନାଥ, ଗୁପ୍ତା ସାହୁ, ଦୟାନିଧି ସ୍ୱାମୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର ସାହୁ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାଏକ, ମଧୁସ୍ମିତା ସେନାପତି, ଜିତା ସ୍ୱାଇଁ, ସଂଗ୍ରାମ ରାଉତ, ପୁରାତନ ଛାତ୍ର ସଂସଦ ସଭାପତି ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପୁରାତନ ଛାତ୍ର ଟଙ୍କଧର ଭୋଇ, ବିଜ୍ଞାନୀ ବେହେରା, ଅଲେଖ ଚନ୍ଦ୍ର ବେହେରା, କ୍ଷୀରୋଦ ଦାସ, ଯୁଧିଷ୍ଠିର ସାହୁ, ବିଶେଶ୍ୱର ନାୟକ, ସୌଦାମିନୀ ସାହୁ ସ୍ମୃତି ବଖାଣିଥିଲେ । ବିଚିତ୍ରାନନ୍ଦ ଦାସ ଅତିଥି ପରିଚୟ କରିଥିଲେ । ସ୍ୱେଚ୍ଛାସେବୀ ତଥା ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସାହ. କର୍ମକର୍ତ୍ତା ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅନିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସରୋଜ ସାହୁ, ଭବାନୀ ଶଙ୍କର ସାହୁ, ଅଖିଳ ସାହୁ, ସୌଭାଗ୍ୟ ଦାସ, ସୁନିଲ୍ ସାହୁ, ଅନନ୍ତ ବେହେରା, ରଞ୍ଜନ ବେହେରା, ବିରଞ୍ଚି ସାହୁ ଓ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।


# ଶୈଳଶ୍ରୀକ୍ଷେତ୍ରରେ ହେରାପଞ୍ଚମୀ; ରଥ ଭାଙ୍ଗିଲେ ମହାଲକ୍ଷ୍ମୀ

ଅନୁଗୋଳ, ୧୭ (ସମିସ)

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରୁ ଶ୍ରୀଜୀଉଙ୍କ ଗୁଣ୍ଡିଚାଯାତ୍ରାର ପଞ୍ଚମ ଦିନର ସ୍ୱତନ୍ତ୍ରତା ଓ ମାହାତ୍ମ୍ୟ ନିଆରା । ହେରା ପଞ୍ଚମୀ ତିଥିରେ ପାରମ୍ପରିକ ନୀତିକ୍ରାନ୍ତିରେ ହେରାପଞ୍ଚମୀ ପାଳିତ ହୋଇଯାଇଥିବା ବେଳେ ଶ୍ରୀଜିଉ ନାରାୟଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ଚତୁର୍ଦ୍ଧାମୂର୍ତ୍ତି ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦୀକୁ ଯାତ୍ରା କରିଛନ୍ତି । ମହାପ୍ରଭୁ ସାଙ୍ଗରେ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ମାଉସୀ ମା' ଘରକୁ ଚାଲି ଯାଇଛନ୍ତି । ଶ୍ରୀଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ଏକାକୀ କରି ଭାଇଭଉଣୀ ସହ ଚାଲିଯାଇଥିବାରୁ ଚିନ୍ତାରେ ମା' ଲକ୍ଷ୍ମୀ । ୪ଦିନର ବିରହ ବେଦନା ଅସହ୍ୟ ହୋଇପଡ଼ିଲାଣି । ଏନେଇ ମା' ଭଉଣୀ ବିମଳାଙ୍କ ପାଖରେ ନିଜ କଷ୍ଟ ଜଣାଇବାରୁ ସେ ମା'ଲକ୍ଷ୍ମୀଙ୍କୁ ଗୋପନରେ ଗୁଣ୍ଡିଚାବାଡ଼ିକୁ ଯାତ୍ରା କରିବାକୁ ପରାମର୍ଶ ଦେଇଛନ୍ତି । ମା' ଲକ୍ଷ୍ମୀ ଅଭିମାନ କରି ବିମାନରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା ପରେ ଲକ୍ଷ୍ମୀ ନାରାୟଣଙ୍କ ସହ କଳି କରିଥିଲେ । ଯିବା ସମୟରେ ମହାଲକ୍ଷ୍ମୀ ରଥ ଭଗ୍ନକରି ପିତ୍ରାଳୟ ଦେଇ ଶ୍ରୀମନ୍ଦିରକୁ ଫେରିଯାଇଥିଲେ । ସେହିପରି ନାଲକୋ ନଗର ଦିବ୍ୟଶ୍ୱେତ ଶ୍ରୀକ୍ଷେତ୍ରରୁ ଯାଇ ମାଉସୀ ମା' ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ନୀତିକ୍ରାନ୍ତିରେ ହେରା ପଞ୍ଚମୀ ଉତ୍ସବ ପାଳନ ହୋଇଛି । ବଁଅରପାଳ ପାଞ୍ଚଗଡ଼ ପଞ୍ଚ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରୁ ମା' ଲକ୍ଷ୍ମୀଙ୍କ ବିମାନକୁ ସ୍ୱତନ୍ତ୍ର ଭାବେ ମହିଳାମାନେ ଛତିତରାଷ ପଟୁଆରରେ ଶ୍ରୀଜୀଉଙ୍କ ଜନ୍ମବେଦି ମାଉସୀ ମନ୍ଦିରକୁ ନେଇଥିଲେ । ପାରମ୍ପରିକ ନୀତିରେ ଲକ୍ଷ୍ମୀ ମା'ଙ୍କ ରୋଷରେ ଜଗନ୍ନାଥଙ୍କ ରଥକୁ ଭାଙ୍ଗିଥିଲେ । ଏହି ଉତ୍ସବରେ ନାମ ସଂକୀର୍ତନ, ଭଜନ ସମରୋହ ଆୟୋଜନ କରାଯାଇଥିଲା । ଜଗନ୍ନାଥ ମନ୍ଦିର କମିଟିର ସମସ୍ତ ଦଇତାପତି ସେବାୟତ ପ୍ରମୁଖ କାର୍ଯ୍ୟକ୍ରମ କରିଥିବା ବେଳ ସମସ୍ତ ସେବାୟତ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ବହୁ ଶ୍ରଦ୍ଧାଳୁ ଆସି ଯୋଗଦାନ କରିଥଲେ । ନାଲକୋରେ ହେରା ପଞ୍ଚମୀରେ ଗୀତ ମାଧ୍ୟମରେ ପ୍ରମୋଦ ଜେନା, ସସ୍ମିତା ପୃଷ୍ଟି, ପ୍ରସନ୍ନ ବେହୁରୀଆ, କୈଳାଶ ଦାସ, ବିଜୟ ଗଉଡ଼, ଆଦିତ୍ୟ ସାମଲ ପ୍ରମୁଖ ନାରାୟଣଙ୍କ ସହ କଳି ବ୍ୟାଖ୍ୟା କରିଥିଲେ । ଲକ୍ଷ୍ମୀ ମା' ଗଲାବେଳେ ରଥ ଭଙ୍ଗକରି ନୀଳକନ୍ଦରକୁ ଫେରିଯାଇଥିଲେ । ବାଟରେ ବାପ ଘରେ ଭୋଗ ଲାଗି ହୋଇଥିଲା । ମହିଳାମାନେ ବନ୍ଦାପନା କରିଥିଲେ । ବାପ ଘର ପକ୍ଷରୁ ସଞ୍ଜୟ ପ୍ରଧାନ, ସବିତା ପ୍ରଧାନ କର୍ତ୍ତା କତ୍ରୀ ଭବେ ଦାୟିତ୍ୱ ସମ୍ପାଦନା କରିଥିଲେ । ଅବସରରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦସେବନର ଆୟୋଜନ କରାଯାଇଥିଲା ।



ଦଶମ ଶ୍ରାଦ୍ଧାବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ସୀମାଞ୍ଚଳ ସାହୁ
(ପୂର୍ବତନ ରିଜର୍ଭ ବ୍ୟାଙ୍କ ଅଫିସର)
ଗ୍ରାମ- ସୁନ୍ଦରପୁର (ଛତ୍ରପୁର ବ୍ଲକ)

ଆବିର୍ଭାବ - ୦୭/୦୬/୧୯୬୧
ତିରୋଧାନ - ୨୩/୦୭/୨୦୧୫

ଚାହୁଁ ଚାହୁଁ ୧୦ ବର୍ଷ ଅତିକ୍ରମ କରିଗଲା, ଆମକୁ ଶୋକସାଗରରେ ଭସାଇ ତମେ ଚାଲିଗଲ ଆର ପୁରକୁ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରାର ସମୟରେ ତମେ ବାହୁଡିଗଲ । ସେ ପୁରେ ଥାଇ ଜଗନ୍ନାଥଙ୍କ କୃପା ଲଭି ଆତ୍ମା ତୁମର ଶାନ୍ତି ପାଉ ।

ଶୋକସନ୍ତପ୍ତ: ମାଁ-ପାର୍ବତୀ, ଧର୍ମପତ୍ନୀ - ନମିତା, ପୁତ୍ର- ସୋନୁ, କନ୍ୟା- ଶିବାନୀ ଏବଂ ତାଙ୍କ ସ୍ୱାମୀ- ମନିଶ (ଜ୍ୱାଇଁ ପୁଅ), ଭାଇ- ନୀଳାଞ୍ଚଳ, ପ୍ରକାଶ ଏବଂ ଶୋକାକୁଳ ପରିବାର ବର୍ଗ

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଲେ ୮୬ଜଣ ଛାତ୍ରଛାତ୍ରୀ

ବଇଣ୍ଡା, ୧।୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହୋଇଛି। ବିଦ୍ୟାଳୟରେ ଛେଣ୍ଡିପଦା, କିଶୋରନଗର, ଆଠମଲ୍ଲିକ ୩ଟି ବ୍ଲକର ୨୨ଟି ହାଇସ୍କୁଲର ୮୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ରେ ଏହି ପରୀକ୍ଷା ସମାପ୍ତ ହୋଇଥିଲା। ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ସକାଳ ୮ଟା ସମୟରେ ଯାଞ୍ଚ କରାଯାଇ ପରୀକ୍ଷା କେନ୍ଦ୍ରକୁ ଯିବାକୁ ଅନୁମତି ଦିଆଯାଇଥିଲା। ସମୁଦାୟ ୧୦୦ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ୮୬ ଜଣ ପରୀକ୍ଷା ଦେଇଥିଲେ ଏବଂ ୧୪ ଜଣ ଅନୁପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରି ଚତମ୍ବା ସୁପରିଟେଣ୍ଡ ଭାବରେ ନିଯୁକ୍ତି ହୋଇଥିବା ବେଳେ ସମସ୍ତ ପରୀକ୍ଷା କେନ୍ଦ୍ର ଗୁଡିକ ବୁଲି ଯାଞ୍ଚ କରିଥିଲେ। ପ୍ରଥମ ଦିନରେ ଓଡ଼ିଆ ବିଷୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବଇଣ୍ଡା ଫାଣ୍ଡି ପୁଲିସ ଶାନ୍ତିଶୃଙ୍ଖଳା ପାଇଁ ମୁତୟନ ହୋଇଥିଲେ।

## ଓପିଏସ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ଖଜୁରିଆକଟା, ୧।୭ (ସମିସ): ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡଃ ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଇଂରାଜୀ ବିଭାଗର ଅଧ୍ୟାପକ ବିଜୟ କୁମାର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ଅଧ୍ୟାପକ ନୀଳକଣ୍ଠ ଦାସ, ଡ. ରାଜକିଶୋର ସାମଲ, ଡ. ବଳରାମ ପୃଷ୍ଟି ଯୋଗଦେଇ ଅଧ୍ୟାପକ ସାହୁଙ୍କ ନିଷ୍ଠାପର ସେବା ମନୋଭାବର ପ୍ରଶଂସା କରିଥିଲେ। ମହାବିଦ୍ୟାଳୟ କର୍ମଚାରୀ ପରିଷଦ ତରଫରୁ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ୨୦୧୬ ମସିହାରେ ସେ ଏହି ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ଅଧ୍ୟାପକ ଭାବେ ଯୋଗଦେଇ ନିଷ୍ଠାର ସହିତ ନିଜର କାର୍ଯ୍ୟ ପରିଚାଳନା କରିଆସୁଥିଲେ। ଏଥିସହିତ ସାହୁ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ କଟକ ଜିଲ୍ଲା ଆଠଗଡ଼ ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବଦ୍ୟାଳୟକୁ ବଦଳି ହୋଇଛି। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ଅଧ୍ୟାପକ ଡ. ଦେବାନନ୍ଦ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଜୟ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବଙ୍ଗାଳିଛକରୁ ବରପାଳ ଗ୍ରାମ୍ୟ ରାସ୍ତା ସାଜିଛି ମରଣଯନ୍ତା

ଗଁଦିଆ, ୧।୭ (ସମିସ)

- ଯାତାୟାତ ବେଳେ ସମସ୍ୟା ଭୋଗୁଛନ୍ତି ଯାତ୍ରୀ
- ତୁରନ୍ତ ମରାମତି ପାଇଁ ଗ୍ରାମବାସୀଙ୍କ ଦାବି



ଗଁଦିଆ ବ୍ଲକ ଅଧୀନ ମଠତେନ୍ତୁଳିଆ ପଞ୍ଚାୟତ ବଙ୍ଗାଳିଛକରୁ ବରପାଳ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ଦେଢ଼କିମି ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା କାମ ନିମ୍ନମାନର ହେବାରୁ ଲୋକେ ଯାତାୟାତ ବେଳେ ସମସ୍ୟା ଭୋଗୁଛନ୍ତି। ଠିକାଦାର ଏବଂ ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଉକ୍ତ ପଞ୍ଚାୟତଟି ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବହୁଳ ଅଟେ। ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡ଼ିକୁ ଉନ୍ନତମାନର ସବୁଦିନିଆ ରାସ୍ତା ନିର୍ମାଣ ନିମନ୍ତେ ସରକାର ବିପୁଳ ଅର୍ଥ ବ୍ୟୟ କରିଛନ୍ତି ହେଲେ ଫଳ ଶୂନ ରହୁଛି। ପିଚୁ ରାସ୍ତାଟି ପ୍ରାୟ ଏକ ବର୍ଷ ହେଲା ନିର୍ମାଣ ହେଇଛି; କିନ୍ତୁ ଦୁଇରୁ ତିନି ମାସ ମଧ୍ୟରେ ଅନେକ ଜାଗାରେ ବିଛାଯାଇଥିବା ପିଚୁ ଉଠିଯାଇ ବଡ଼ବଡ଼ ଖାଲମାନ ସୃଷ୍ଟି ହୋଇଛି। ଯାହାଫଳରେ ପଥଚାରୀ ଠାରୁ ଆରମ୍ଭ କରି ଛୋଟବଡ଼ ଯାନ ଯିବାଆସିବାରେ ସମସ୍ୟା ଉପୁଜୁଛି। ଉକ୍ତ ରାସ୍ତାଟି ବରପାଳ ଗ୍ରାମର ଏକ ପ୍ରକାର ଲାଇଫ୍‌ଲାଇନ ହୋଇଥିବା ବେଳେ ସେହି ରାସ୍ତାଦେଇ ଉକ୍ତ ଗ୍ରାମବାସୀ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ରାସ୍ତା ନିର୍ମାଣ କ୍ଷେତ୍ରରେ ହୋଇଥିବା ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୋଷ ଜାହିର କରିଛନ୍ତି। ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଢେଙ୍କାନାଳ ଜିଲ୍ଲାପାଳଙ୍କ ପାଖରେ ଦାବି ହେଉଛି।

■ 'ଶିଶୁଙ୍କ ପାଇଁ ଦିନଟିଏ'

## ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ବୈଠକ




ଅନୁଗୋଳ, ୧।୭ (ସମିସ): 'ଶିଶୁଙ୍କ ପାଇଁ ଦିନଟିଏ' ଏବଂ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଓ ନିୟନ୍ତ୍ରଣ ପାଇଁ ସଚେତନତା ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତା କରିଥିଲେ। ଶିଶୁ ଶ୍ରମିକ ପ୍ରଥାକୁ ସାମାଜିକ ବ୍ୟାଧି ରୁପେ ଅଭିହିତ କରିବା ସହ ଏହାର ନିରାକରଣ ଦିଗରେ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଜିଲ୍ଲାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମିକ ମୁକ୍ତ ଜିଲ୍ଲା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରିଣୀ (ପ୍ରବର୍ତ୍ତନ) ପ୍ରିୟମ୍ବଦା ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବୈଠକରେ ବାଲ୍ୟ ବିବାହ ନିରାକରଣ, ଅନୁଷ୍ଠାନରେ ରହୁଥିବା ୧୦ ବର୍ଷ ବୟସରୁ କମ୍ ଶିଶୁଙ୍କୁ ପରିବାରକୁ ହସ୍ତାନ୍ତର, ଜିଲ୍ଲାରେ ପୋଷ୍ୟସନ୍ତାନ ଗ୍ରହଣ ସଂଖ୍ୟା ଉପରେ ବୃଦ୍ଧି, ଡ୍ରପ୍ ଆଉଟ୍ ଶିଶୁଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଯୋଗେଶ୍ୱରୀ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ଦିପ୍ତି ସାହୁ, ସହକାରୀ ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରତିଭା ବାରିକଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂସ୍କୃତ ବିଭାଗ ଅଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ପରଜଙ୍ଗ, ୧।୭ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟର ସଂସ୍କୃତ ଭାଷା ବିଭାଗର ବରିଷ୍ଠ ଅଧ୍ୟାପକ ଦୁର୍ଯ୍ୟୋଧନ ଆଚାର୍ଯ୍ୟ ଚାକିରୀରୁ ଅବସରଗ୍ରହଣ କରିଛନ୍ତି। ଶ୍ରୀ ଆଚାର୍ଯ୍ୟ ୧୯୯୨ ମସିହା ଜୁନରେ କର୍ମମୟ ଜୀବନ ଆରମ୍ଭ କରି ୨୫ ମସିହା ଜୁନ ୩୦ତାରିଖରେ ଅବସରଗ୍ରହଣ କରିଛନ୍ତି। ଏଅବସରରେ ମହାବିଦ୍ୟାଳୟର ଅଧକ୍ଷା ସ୍ମିତାରାଣି ସାହୁଙ୍କ ଅଧକ୍ଷତାରେ ଅବସରକାଳୀନ



ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ପ୍ରସନ୍ନ କୁମାର ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ବିଶିକେଶନ କର୍ଣ୍ଣ, କୁମାର କୌଶିକ ଦେହୁରୀ, କୁଳମଣି ମେହେର ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବିଦାୟୀ ଶ୍ରୀ ଆଚାର୍ଯ୍ୟଙ୍କ ଗୁଣଗାନ କରି ବକ୍ତବ୍ୟ ରଖିଥିଲେ। ଶେଷରେ ବିଦାୟୀ ଶ୍ରୀ ଆଚାର୍ଯ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ବିଜ୍ଞାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କିଶୋରନଗର, ୧।୭ (ସମିସ): ଆଠମଲ୍ଲିକ ବ୍ଲକ ଅଧୀନ କନ୍ତପଡ଼ା ଗୋପୀନାଥ ଜୀଉ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେଶ ଚନ୍ଦ୍ର ସାହୁଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶାରୀରିକ ଶିକ୍ଷକ ବିରେନ୍ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ, ଅଭିଭାବକ ଓ ଗ୍ରାମବାସୀ ସମ୍ବର୍ଦ୍ଧନା ଜଣାଇ



ମାନପତ୍ର, ଉପଢୌକନ ଦେଇ ଗ୍ରାମପରିକ୍ରମା କରାଇ ଭାବପୂର୍ଣ୍ଣ ବିଦାୟ ଜଣାଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହିନ୍ଦୋଳ, ୧।୭ (ସମିସ): ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତ ତର୍କାବେଡ଼ାସ୍ଥିତ ତର୍କାବେଡ଼ା କୁମୁରିସିଂହା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପରିଚାଳନା କମିଟି ସଭାପତି ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ସଭାରେ ଶିକ୍ଷାବିତ ଅନାଦି ଚରଣ ନାୟକ ମୁଖ୍ୟଅତିଥି, ବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥିଭାବେ ଢେଙ୍କାନାଳ ଲୋକସଭା ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ଶତ୍ରୁଘ୍ନ ପ୍ରଧାନ, ଇଶ୍ୱର ସାହୁ, ଶିକ୍ଷାବିତ୍ ପବିତ୍ର ମୋହନ ପ୍ରଧାନ, ଭ୍ରମରବର ବିଶ୍ୱାଳ, ଶ୍ରୀରାମ ରାଉତ, ପ୍ରମୋଦ କୁମାର ସ୍ୱାଇଁ, ଶଶୀକାନ୍ତ ଦାସ ଓ ବିଭୂତିଭୂଷଣ ସାମଲ ପ୍ରମୁଖ ଯୋଗଦେଇଥିଲେ। ବିପିନି ବିହାରି ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ, ପୁରାତନ ଶିକ୍ଷାର୍ଥୀ, ବିଭିନ୍ନ ଶିକ୍ଷକ ସଂଘ ଓ ବିଦ୍ୟାଳୟ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ତପନ କୁମାର ସାମଲ ସଭା ସଞ୍ଚାଳନ କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସର୍ବେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ, ତର୍କାବେଡା ଓ କୁମୁରିସିଂହାର ସମସ୍ତ ଗ୍ରାମବାସୀ ଯୋଗଦେଇଥିଲେ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ତାଳଚେର ଗସ୍ତନେଇ ପ୍ରସ୍ତୁତି

ତାଳଚେର, ୧।୭ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ୩ ତାରିଖରେ ତାଳଚେର ଗସ୍ତ କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀ ପିଲାବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ହାଣ୍ଡିଧୁଆଁ ୟୁପି ସ୍କୁଲର ଉର୍ନ୍ନତିକରଣ କାର୍ଯ୍ୟର ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ତଥା ବନ ମହୋତ୍ସବ କାର୍ଯ୍ୟକ୍ରମରେ ହାଣ୍ଡିଧୂଆଁ ଓ ହିଙ୍ଗୁଳା ମନ୍ଦିର ନିକଟରେ ୫୦୦୦ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ମା' ହିଙ୍ଗୁଳା ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରୁ ଛେଣ୍ଡିପଦା ଯାଇ ଗରିବ କଲ୍ୟାଣ ସମାବେଶରେ ଯୋଗଦେବେ। ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଦେଉଳବେଡ଼ା ଡିସିଆଇ କ୍ଲବରେ ତାଳଚେର ନିର୍ବାଚନ ମଣ୍ଡଳୀର ସମସ୍ତ ୬ଟି ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରତ୍ନାକର ସାହୁଙ୍କ ସଂଯୋଜନାରେ ବୈଠକରେ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ମଣ୍ଡଳ ସଭାପତି ଅଜୟ ସାହୁ, ସନ୍ତୋଷ ମହାନ୍ତି, ରାଜେଶ ଦଳେଇ ଓ ମାନସ ରଞ୍ଜନ ସାହୁ ଏବଂ ୬ଟି ମଣ୍ଡଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରୋଟାରୀ ରୟାଲ ପକ୍ଷରୁ ଡାକ୍ତର ଏବଂ ସିଏ ଦିବସ




ଅନୁଗୋଳ, ୧।୭ (ସମିସ): ପ୍ରତିବର୍ଷ ଭଳି ଏହି ବର୍ଷ ମଧ ଜୁଲାଇ ମାସ ୧ ତାରିଖ ଦିନ ରୋଟାରୀ କ୍ଲବ ଅନୁଗୁଳ ରୟାଲ ପକ୍ଷରୁ ଡାକ୍ତର ଦିବସ ଏବଂ ସିଏ ଦିବସ ପାଳନ କରାଯାଇଛି। କ୍ଲବର ଉପସଭାପତି ରୋଟାରିଆନ ପ୍ରକାଶ ଅଗ୍ରୱାଲଙ୍କ ନେତୃତ୍ୱରେ ସରକାରୀ ମୁଖ୍ୟ ଚିକିତ୍ସାଳୟର ଡା. ଗୌରୀଶଙ୍କର ବଳ, ସ୍ଥାନୀୟ ବରିଷ୍ଠ ଡା. ସତ୍ୟବତୀ ନାୟକ ଏବଂ ସିଏ ସ୍ନେହାଶିସ ମିଶ୍ରଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରୋଟାରିଆନ ନିହାର ରଞ୍ଜନ ପ୍ରସାଦ, ଡା. ପ୍ରଭାତ ପଣ୍ଡା, ଅଶୋକ ମାଣ୍ଡୋଠିଆ, ଅମ୍ବିକା ପ୍ରସାଦ ସାହୁ, ବିଶ୍ୱଜିତ ପଟନାୟକ, ଡା. ବିଶ୍ୱଜିତ ସାମଲ, ଡା. ଦେବାଶିଷ ପ୍ରଧାନ, ଡା. ଶକ୍ତି ସାହୁ, ଡା. ବିଚ୍ଛନ୍ଦ ଚରଣ ପ୍ରଧାନ, କନେହ୍ୟା ଚୌଧୁରୀ, ମୁରାରୀ ଲାଲ ଅଗ୍ରୱାଲ, ମିଳନ କୁମାର ଅଗ୍ରୱାଲ, କୈଳାସ ଅଗ୍ରୱାଲ, ବିକାଶ ମୋଦୀ, ମମତା ଚୌଧୁରୀ, ଜୟପ୍ରକାଶ ମୋଦୀ, ଉର୍ମିଳା ଅଗ୍ରୱାଲ, ମଧୁସୂଦନ ଶର୍ମା, ବିଷ୍ଣୁପ୍ରିୟା ଭୂୟାଁ, ଅନିଲ ଗୁପ୍ତା, କିରଣ ଅଗ୍ରୱାଲ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଏଅବସରରେ ଭାରତୀୟ ଚିକିତ୍ସକ ସଂଘ, ଅନୁଗୋଳ ଶାଖା ସହିତ ରକ୍ତଦାନ ଶିବିର ସ୍ଥାନୀୟ ରକ୍ତଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଶେଷରେ କ୍ଲବ୍ ତରଫରୁ ଦିଶା ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା।

## ସାପ କାମୁଡ଼ାରେ ନାବାଳିକା ମୃତ

କାମାକ୍ଷାନଗର, ୧।୭ (ସମିସ): କଙ୍କଡ଼ାହାଡ଼ ଥାନା ଝାଞ୍ଜିରବେରେଣା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ସ୍କୁଲରୁ ଫେରି ଘରେ ଶୋଇଥିବା ବେଳେ ବିଷାକ୍ତ ସାପକାମୁଡ଼ାରେ ୮ ବର୍ଷର ନାବାଳିକାର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଲକ୍ଷ୍ମଣ ମୁର୍ମୁଙ୍କ ଝିଅ ଆସମେତ ମୁର୍ମୁ। ସୂଚନାନୁଯାୟୀ, ଆସମେତ ଅପରାହ୍ଣରେ ବିଦ୍ୟାଳୟରୁ ଫେରି ନିଜ ଘରେ ଶୋଇଥିବା ବେଳେ କୌଣସି ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକ କିଛି ସମୟ ପରେ ଝିଅ ପାଟିରୁ ଫେଣ ବାହାରୁଥିବା ଦେଖି ତୁରନ୍ତ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ଆସମେତକୁ ମୃତ ଘୋଷଣା କରିଥିଲେ। ତେବେ ଛୋଟ ଛୁଆଟିର ମୃତ୍ୟୁକୁ ନେଇ ମେଡିକାଲ ପରିସରରେ ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ପଞ୍ଚଶ୍ରୀକ୍ଷେତ୍ରରେ ହେରା ପଞ୍ଚମୀ



ବଅଁରପାଳ, ୧।୭ (ସମିସ): ସ୍ଥାନୀୟ କଲେଜ ଛକସ୍ଥିତ ମାଉସୀ ମା' ମନ୍ଦିରରେ ହେରା ପଞ୍ଚମୀ ଉତ୍ସବ ପାଳନ ହୋଇଯାଇଛି। ପରମ୍ପରା ଅନୁଯାୟୀ ରଥଯାତ୍ରା ଦିନ ପ୍ରଭୁ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ସାଙ୍ଗରେ ନନେଇ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଗଲେ। ଏଥିପାଇଁ ମା' ଲକ୍ଷ୍ମୀ ମନେ ମନେ ରାଗ ରଖିଥିଲେ ସୁଦ୍ଧା ଆଜିର ଦିନରେ ନିଜ ସହଚରୀମାନଙ୍କ ସହ ମାଉସୀ ଶାଶୁଙ୍କ ଘରକୁ ବୁଲି ଆସିଥିଲେ। ବିଳମ୍ବିତ ରାତିରେ ଫେରିବା ବେଳେ ନିଜର ଲୁକ୍କାୟିତ କ୍ରୋଧକୁ ସମ୍ବରଣ କରିନପାରି ପ୍ରଭୁ ଜଗନ୍ନାଥଙ୍କ ରଥର କିଛି ଅଂଶ ଭାଙ୍ଗି ଶ୍ରୀମନ୍ଦିର ଫେରିଯାଇଥିଲେ। ପରମ୍ପରା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟାରେ ବଅଁରପାଳ ଜଗନ୍ନାଥ ମନ୍ଦିରରୁ ମନ୍ଦିରର କର୍ତ୍ରୀ କୁମୁଦିନୀ ବରାହଙ୍କ ସହ ବହୁ ସଂଖ୍ୟକ ମହିଳା ମା' ଲକ୍ଷ୍ମୀଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ନାମ ସଂକୀର୍ତ୍ତନ, ଛତି, ତରାଶ, ଘଣ୍ଟ, ଶଙ୍ଖ ଓ ହୁଳହୁଳି ମଧ୍ୟରେ ଶୋଭାଯାତ୍ରାରେ ଆଣି ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ମା' ଲକ୍ଷ୍ମୀ ମାଉସୀ ମା' ମନ୍ଦିରରେ ପ୍ରବେଶ କରିଥିଲେ। ସେଠାରେ କିଛି ସମୟ ଅତିବାହିତ କରିଥିଲେ ଏବଂ ବିଳମ୍ବିତ ରାତିରେ ଫେରିବା ସମୟରେ କ୍ରୋଧ ବଶତଃ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗି ଦେଇଥିଲେ। ପରେ ନିଜ ଭୁଲ ବୁଝିପାରି ଲୋକଲଜ୍ୟା ହେତୁ ନିସ୍ତବ୍ଧର ଆସିଥିବା ବାଟରେ ନଫେରି ଅନ୍ୟ ଏକ ଲୁଚାଣିଆ ବାଟରେ ମନ୍ଦିରକୁ ଫେରି ଯାଇଥିଲେ। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ଏଅବସରରେ ପଞ୍ଚଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା।

## ଛଦେଶ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ



ଢେଙ୍କାନାଳ, ୧।୭ (ସମିସ): ଢେଙ୍କାନାଳ ଛଦେଶ ଅଞ୍ଚଳର ଆରାଧ ଦେବତା ଶ୍ରୀ ପଶ୍ଚିମେଶ୍ୱର ମନ୍ଦିର ପରିସରରେ ଛଦେଶ ସାହିତ୍ୟ ସଂସଦର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂସଦର ସଭାପତି ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଇଂ. ଫକୀର ମୋହନ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମେ ସଂସଦର ପୂର୍ବସୁରୀ ଦିବଂଗତ କର୍ମକର୍ତ୍ତା, ସଦସ୍ୟ ଓ ସଦସ୍ୟାମାନଙ୍କର ସ୍ମୃତିଚାରଣ କରାଯାଇଥିଲା। ସଂସଦର ବରିଷ୍ଠ ସଦସ୍ୟ ଅଲେଖ ବିହାରୀ ସାହୁ ଏବଂ ସଂଗଠନ ସମ୍ପାଦକ ଅମୀର ଚନ୍ଦ୍ର ରାଉତଙ୍କ ସଂଯୋଜନାରେ କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କୋଷାଧକ୍ଷ ବୀରବର ମିଶ୍ର ଆର୍ଥିକସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ପ୍ରକାଶ ଜଗଦେବ, ଡଃ. ପ୍ରମୋଦ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଧ୍ରୁବଚରଣ ରାଉତ, ଜାପାନୀ ଜଗଦେବ ଓ ସ୍ୱଦେଶ ରଞ୍ଜନ ଧଳ ପ୍ରମୁଖ ନିଜ ନିଜର ମତାମତ ରଖିଥିଲେ। ସାମାଜିକ ସମ୍ପାଦକ ଧନଞ୍ଜୟ ଧଳ, ସଂସଦରେ ପାଳନୀୟ ପର୍ବ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବା ବେଳେ ପତ୍ରିକା ସମ୍ପାଦକ ମନୋଜ କୁମାର ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଧଳ ଓ ଅମୀର ରାଉତ ନିଜ ବକ୍ୟବ୍ୟ ରଖିଥିଲେ। ରମେଶ ବେହେରା, ପବିତ୍ର ବେହେରା, ନିହାର ତ୍ରିପାଠୀ, ସୂର୍ଯ୍ୟମଣି ପୃଷ୍ଟି, ସୁରେଶ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଇଂ. ବାସୁଦେବ ଧଳ ପରିଚାଳନା କରିଥିବା ବେଳେ ପାଠାଗାର ସମ୍ପାଦକ ମଧୁସୂଦନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଈଗୋରୁଙ୍କ କବ୍‌ଜାରେ ହିନ୍ଦୋଳ ଏନ୍‌ଏସି ରାଜରାସ୍ତା

ହିନ୍ଦୋଳ, ୧।୭ (ସମିସ)

- ସମସ୍ୟା ସମାଧାନ ପାଇଁ ଲୋକଙ୍କ ଦାବି



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ମୁଖ୍ୟ ରାଜରାସ୍ତା ମରଣଯନ୍ତା ପାଲଟିଛି। ୨୪ ଘଣ୍ଟା ଏନଏସିର ମୁଖ୍ୟରାସ୍ତା ସାରା ଏବଂ ସମସ୍ତ ବଜାର, ଛକ ଓ ଗଳି ରାସ୍ତାରେ ଗାଈଗୋରୁଙ୍କ ଗୋଠଶାଳା ଭଳି ଭିଡ଼ ଦେଖିବାକୁ ମିଳୁଛି। ଫଳରେ ସଡ଼କସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ଏପରିକି ଜରୁରୀକାଳୀନ ସେବା ଯୋଗାଇବାରେ ମଧ ବାଧକ ସୃଷ୍ଟି କରୁଛନ୍ତି ଶହଶହ ଗୋରୁଗାଈ। ଗୋରୁଗାଈଙ୍କ ପାଇଁ ଛୋଟବଡ଼ ଦୁର୍ଘଟଣାମାନ ଘଟି ପଥଚାରୀ ମୃତାହତ ହେଉଥିବା ଦୈନନ୍ଦିନ ଘଟଣା ପାଲଟିଛି। ହେଲେ ଜନସାଧାରଣଙ୍କ ଦ୍ୱାରା ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇନାହିଁ। ଢେଙ୍କାନାଳ-ଅନୁଗୋଳ-ନରସିଂହପୁରରୁ ହିନ୍ଦୋଳକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାଦେଇ ଦୈନିକ ଶହଶହ ସଂଖ୍ୟାରେ ଚାରିଚକିଆ, ଦୁଇଚକିଆ, ସାଇକଲ ଓ ହଜାର ହଜାର ପଥଚାରୀ ବିପଦପୂର୍ଣ୍ଣ ଭାବେ ଗମନାଗମନ କରୁଥିବା ବେଳେ ଦୈନିକ ସରକାରୀ କର୍ମଚାରୀ, ନେତା, ମନ୍ତ୍ରୀ ଓ ପଦାଧିକାରୀ ମଧ ଯାତାୟାତ କରନ୍ତି। କିନ୍ତୁ ଗାଈଗୋରୁ ସମସ୍ୟାକୁ ଆଖିବୁଜି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଏନେଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବେ ଅବଗତ ମଧ କରାଇଯାଉଛି; ମାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଦିନକୁଦିନ ଏହି ସମସ୍ୟା ବୃଦ୍ଧି ପାଉଥିବାରୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି।

## ଡିଆଇଇଟିର ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ, ୧।୭ (ସମିସ): ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ହରପ୍ରିୟା ପୃଷ୍ଟିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଅଧକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ ପୌର୍ଣ୍ଣମାସୀ ମହାପାତ୍ର ଯୋଗଦେଇ ଶ୍ରୀମତୀ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀ ଓ ଶିକ୍ଷକ କର୍ମଚାରୀ ବିଦାୟୀ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦନ ଶୈଳୀ, ସମୟାନୁବର୍ତ୍ତିତା, ଛାତ୍ର ବତ୍ସଳତା ଓ ଅନୁଷ୍ଠାନ ପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତା ସମ୍ପର୍କରେ ନିଜ ନିଜ ବ୍ୟକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଗୁରୁଛାତ୍ରୀ ମନୀଷା ମଞ୍ଜରୀ ପ୍ରିୟଦର୍ଶିନୀ ସଭା ସଂଯୋଜନା କରିଥିବା ବେଳେ ଗୁରୁଛାତ୍ରୀ ସ୍ମୃତି ସାମଲ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭାରେ ସମସ୍ତ ଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


Nippon india Mutual Fund
Wealth sets you free

Mutual Fund Investor Awareness Program


To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
|---|---|---|
| 04th July, 2025 | 06:00 PM | Kantabanji |

Venue: Hotel Royal Tulip, Sh-42, Bolangir Road, Kantabanji, Odisha - 767039.
Name: Shib Prasad Joshi | Mob. No.: 8657417350
Nippon Life India Asset Management Limited | CIN : L65910MH1995PLC220793

Good gets better

Mutual Fund investments are subject to market risks, read all scheme related documents carefully.



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

ସକାଳ THE SAKALA

# ସଂକଟ ଟଳିନି

ମଧ୍ୟପ୍ରାଚ୍ୟରେ ଯେ ଶାନ୍ତି ଫେରିଆସୁଛି, ଏକଥା କୌଣସି ଗୋଟିଏ ପକ୍ଷ ଜୋରଦେଇ କହିପାରିବେନି। 'ଅପରେସନ ସିନ୍ଦୂର'ରେ ହଠାତ୍ ବିରତି ବା ବିରାମ ଘୋଷଣା କଲା ଭଳି ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଇଲ-ଇରାନ ଅଘୋଷିତ ଯୁଦ୍ଧ ସ୍ଥଗିତ ରହିଲା କହି ଉତ୍ତେଜନା ପ୍ରଶମିତ କରିଛନ୍ତି। ଏହାର ପୃଷ୍ଠଭାଗରେ ତାଙ୍କର ନୋବେଲ ଶାନ୍ତି ପୁରସ୍କାର ହାସଲ ଲକ୍ଷ୍ୟ ଥାଉ କିମ୍ବା କାତାର ଉପରେ ଇରାନର ପ୍ରତୀକାତ୍ମକ ଆକ୍ରମଣର ସମ୍ଭାବ୍ୟ ଭୟଙ୍କର ପରିଣତି ହେଉ, ଏଭଳି କିଛି ବିଚାର ତାଙ୍କୁ ଏ ଦିଗରେ ନିଶ୍ଚିତ ଅନୁପ୍ରେରିତ କରିଛି। ତେବେ ଘଟଣାକ୍ରମ ଯାହା, ସେଥିରେ ତେହେରାନର ମନୋବଳ ବଢ଼ିଛି। ଦୁଇଦିନ ଧରି ସହରର ରାଜରାସ୍ତାରେ ପାଳିତ ହୋଇଥିବା ବିଜୟୋଲ୍ଲାସ ଏବଂ ଜୁନ ୧୩ରେ ଇସ୍ରାଏଲ ଆକ୍ରମଣରେ ନିହତ ସାମରିକ ମୁଖ୍ୟ ଜେନେରାଲ ମହମ୍ମଦ ବାଘେରି, ପରମାଣୁ ବୈଜ୍ଞାନିକଙ୍କ ସମେତ ୬୦ଜଣଙ୍କୁ କବର ଦେବା ସକାଶେ ଯେଉଁ ଲକ୍ଷ ଲକ୍ଷ ଜନତାଙ୍କ ଶୋଭାଯାତ୍ରା ବାହାରିଥିଲା ତାହା ଇରାନ ଶାସକ ମୁଖ୍ୟ ଖେମିନିଙ୍କ ନେତୃତ୍ୱକୁ ସୁଦୃଢ଼ କରିଛି।

ଅନ୍ୟପକ୍ଷରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ହ୍ୱାଇଟ ହାଉସରେ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ, ମଧ୍ୟପ୍ରାଚ୍ୟ ସହଯୋଗୀଙ୍କ ପ୍ରତିନିଧି ସହ ଟ୍ରମ୍ପ କରିଥିବା ଗୋପନ ଆଲୋଚନା ଏବଂ ନାଟୋ ସହଯୋଗୀଙ୍କ ବୈଠକରେ ଦେଇଥିବା ସୂଚନା କେତେଦୂର ଇରାନ ପାଇଁ ଗ୍ରହଣୀୟ ତାହା ମଧ୍ୟ ସନ୍ଦେହଜନକ। ଇରାନର ତିନିଟି ଆଣବିକ କେନ୍ଦ୍ର ଉପରେ ଆମେରିକା ବି-୨ ବମ୍ବର ମାଧ୍ୟମରେ ନିର୍ଣ୍ଣାୟକ ଆକ୍ରମଣର ପରାକ୍ରମ ଓ ପରିଣତି ନେଇ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ଆମେରିକାର ପକ୍ଷରୁ ଯେତେ ଦାବି କରାଯାଉନା କାହିଁକି ତଥାକଥିତ ବିପର୍ଯ୍ୟୟ ଓ ବିଧ୍ୱସ୍ତ ଘଟିବା ନେଇ ଉପଗ୍ରହ ଚିତ୍ରରୁ ପେଣ୍ଟାଗନ ସଂଗ୍ରହ କରିଥିବା ଖବର ଶେଷରେ ପ୍ରଘଟ ହୋଇଯାଇଛି। ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ର ଫୋର୍ଡୋ ର ଭୂତଳ କଂକ୍ରିଟ ଢାଞ୍ଚାକୁ ଭେଦ କରିପାରିନାହିଁ ବି-୨ ବମ୍ବର। ଅବଶ୍ୟ ଯଥେଷ୍ଟ ପୂର୍ବରୁ ସମ୍ପର୍ଦ୍ଧିତ ୟୁରାନିୟମକୁ ଇରାନ ସ୍ଥାନାନ୍ତର କରିବାକୁ ମଧ୍ୟ ସମର୍ଥ ହୋଇଥିଲା। ସେହି ଫୋର୍ଡୋ କେନ୍ଦ୍ରର ମରାମତି ଆରମ୍ଭ କରି ଆଣବିକ କାର୍ଯ୍ୟକ୍ରମ ପ୍ରତି ଇରାନ ନିଜର ଅଙ୍ଗୀକାରବଦ୍ଧତା ଜାହିର କରିଛି। ଆନ୍ତର୍ଜାତିକ ଆଣବିକ ସଂଗଠନରୁ ସଂପର୍କ ଛିନ୍ନ କରିବାର ନିଷ୍ପତ୍ତି ମଧ୍ୟ ନେଇଛି। ତେହେରାନ ପକ୍ଷରୁ କୁହାଯାଇଛି ଯେ ସଂଗଠନର ଡିଜି ରାଫଲ୍ ମାରିଆନା ଗ୍ରସି ଇରାନ୍ ଆଣବିକ କେନ୍ଦ୍ର ଅନୁଧ୍ୟାନ ଓ ତଦାରଖ ନାମରେ ସମସ୍ତ ଗୋପନ ତଥ୍ୟ ପ୍ରତିପକ୍ଷ ଇସ୍ରାଏଲକୁ ଯୋଗାଉଛି। ଜୁନ ୧୩ ତାରିଖରେ ଇସ୍ରାଏଲ ଆକ୍ରମଣରୁ ଏହା ସ୍ପଷ୍ଟ ହୋଇଛି। ଏକଥା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, ଟ୍ରମ୍ପ ଯେଉଁ ସମାଧାନର ସୂତ୍ର ଉପସ୍ଥାପନ କରିଛନ୍ତି ତାହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗ୍‌ଛି ମଧ୍ୟ ତାଙ୍କ ବିବୃତିରେ ସ୍ପଷ୍ଟ କରିଛନ୍ତି।

ଇରାନର ଆଣବିକ କାର୍ଯ୍ୟକ୍ରମକୁ ଗତି ଦେବା ପାଇଁ ଟ୍ରମ୍ପ ୨୦ ରୁ ୩୦ ବିଲିୟନ ଡଲାର ସହାୟତା ଦେବା ସକାଶେ ପ୍ରସ୍ତୁତ ଅଛନ୍ତି। ତେବେ ସର୍ତ୍ତ ହେଲା ଇରାନ ୟୁରାନିୟମ୍ ସମ୍ବର୍ଦ୍ଧନ କରିପାରିବନି। ଆଣବିକ ଶକ୍ତିର ବେସାମରିକ ଉପଯୋଗ ସକାଶେ ସେ ସମ୍ବର୍ଦ୍ଧିତ ୟୁରାନିୟମ ବିଦେଶରୁ ଆମଦାନୀ କରିପାରିବ। ଏହି ବିପୁଳ ଅର୍ଥରାଶି ମଧ୍ୟ ପ୍ରାଚ୍ୟର ତାଙ୍କ ସହଯୋଗୀ ଇରାନକୁ ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରତିବନ୍ଧକ ପ୍ରତ୍ୟାହାରର ପ୍ରଥମ ପଦକ୍ଷେପ ସ୍ୱରୂପ ଜବତ କରାଯାଇଥିବା ବିଦେଶୀ ବ୍ୟାଙ୍କର ୬ ବିଲିୟନ ଡଲାର ମଧ୍ୟ ଇରାନ ଉଠାଇବାରେ ଆଉ କଟକଣା ରହିବ ନାହିଁ। ଏହି ପ୍ରାରମ୍ଭିକ ସର୍ତ୍ତ ମାଧ୍ୟମରେ ଇରାନ ସହ ଆପୋସ ଆଲୋଚନା ସାତଦିନ ମଧ୍ୟରେ ଆରମ୍ଭ ହେବ ବୋଲି ଆମେରିକା ପକ୍ଷରୁ ସୂଚନା ଦିଆଯାଇଛି। ଇରାନ ସକାଶେ ଏହା ଯେ ଗ୍ରହଣୀୟ ନୁହେଁ ତାହା ଖେମିନିଙ୍କ ଜାତି ଉଦ୍ଦେଶ୍ୟରେ କରିଥିବା ଘୋଷଣାରୁ ଜଣାପଡ଼ିଛି।

ଏହି ତଥ୍ୟରୁ ଏବେ ମଧ୍ୟ ଅସ୍ପଷ୍ଟ ଯେ ଆପୋସ ଆଲୋଚନାରେ ଇସ୍ରାଏଲର ଭୂମିକା କ'ଣ ହେବ। ଆମେରିକା ପକ୍ଷରୁ ଉପସ୍ଥାପିତ ସର୍ତ୍ତରେ ଇସ୍ରାଏଲର ନାମ ଗନ୍ଧ ନଥିବାର ଲକ୍ଷ୍ୟ କରାଯାଇଛି। ଜୁନ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲର ଅତର୍କିତ ଆକ୍ରମଣ ଏବଂ ସେଥିରେ ଯେଉଁ ବିପୁଳ କ୍ଷୟକ୍ଷତି ଘଟିଲା ସେଥିସକାଶେ କାହାକୁ ଦାୟୀ କରାଯାଇନାହିଁ। ଇରାନ ପ୍ରତିଆକ୍ରମଣ ଜାରି ରଖିଥିବା ବେଳେ ଆମେରିକା ସର୍ବଶକ୍ତିମାନ ବି-୨ ବମ୍ବର ମାଧ୍ୟମରେ ତିନିଟି ପରମାଣୁ କେନ୍ଦ୍ର ଉପରେ କରିଥିବା ଘାତକ ଆକ୍ରମଣ ରାଷ୍ଟ୍ରର ସାର୍ବଭୌମତାକୁ କ୍ଷୁଣ୍ଣ କରିଛି। ଏହି ପାତାଳ ଭେଦୀ ବୋମା ଯଦି ଆଣବିକ ତେଜସ୍କ୍ରିୟର ବିକିରଣ ଘଟିଥା'ନ୍ତା ତାହାର ଭୟଙ୍କର ପରିଣତି ନେଇ ଆମେରିକା ସଚେତନ ହେବାର ଥିଲା। ଏହି ନୈତିକ ଅପରାଧ ସକାଶେ କିଏ କାହାକୁ ଦୋଷୀ କରିବ?

ସର୍ବଶକ୍ତିମାନ ଗୋଇନ୍ଦା ସଂସ୍ଥା ମୋସାଡ୍ ମାଧ୍ୟମରେ ଇସ୍ରାଏଲ ଆବଶ୍ୟକତାଠାରୁ ଅଧିକ ବଳୀୟାନ ନୁହେଁ ତ? କେବେଳ ଆମେରିକା ନୁହେଁ ବିଶ୍ୱର ବହୁ ପ୍ରମୁଖ ରାଷ୍ଟ୍ରରେ ମୋସାଡ୍ ସକ୍ରିୟ। ସେଠାକାର ନେତୃତ୍ୱ ବିରୋଧରେ ଗୋପନ ତଥ୍ୟ ସଂଗ୍ରହ ଏବଂ ଆବଶ୍ୟକ ସ୍ଥଳେ ତାହାର ଦୁରୁପଯୋଗ କରିବାରେ ସେମାନେ ସିଦ୍ଧହସ୍ତ। ବିଶ୍ୱ କୂଟନୈତିକ ସଂପର୍କକୁ ପ୍ରଭାବିତ କରି ପ୍ରାଧାନ୍ୟ ଓ ପତିଆରା ଜାହିର କରିଆସିଛି ଇସ୍ରାଏଲ। ଅତ୍ୟାଧୁନିକ ଇଲେକ୍ଟ୍ରୋନିସ୍ ଜ୍ଞାନକୌଶଳର ଉପଯୋଗ ହେଉଛି ମୋସାଡ୍‌ର ଗୋପନ ଅସ୍ତ୍ର। ସମସ୍ତଙ୍କ ଅଜ୍ଞାତରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱକୁ କବ୍‌ଜା କରିବାରେ ସେମାନେ ସିଦ୍ଧହସ୍ତ। ଆମଦେଶରେ ପେଗାସସ୍‌କୁ ନେଇ ଯେଉଁ ହଟଚମଟ ଘଟିଲା, ତାହାଠାରୁ ଆହୁରି ସଂଗିନ ସରଂଜାମର ଅଧିକାରୀ ସେମାନେ। ଏସବୁ ଉଲ୍ଲେଖ କଲାବେଳେ ଆମେ ଆମ ନିଜକୁ ମଧ୍ୟ ପ୍ରଶ୍ନ କରୁଛୁ। ଜୁନ ୧୩ ର ଆକ୍ରମଣ କ'ଣ ଆମେରିକାର ଅଜ୍ଞାତରେ ହୋଇଥିଲା? ପ୍ରତିଆକ୍ରମଣରେ ଇସ୍ରାଏଲର ବିପୁଳ କ୍ଷତି ତାହାର ପ୍ରତିରୋଧ କ୍ଷମତାକୁ ଦୁର୍ବଳ କରିଥିବା ବେଳେ ହଠାତ୍ ଇରାନ ଉପରେ ଆମେରିକା ଆକ୍ରମଣ କରିବା ସହ ଚଟାପଟ ଯୁଦ୍ଧ ବିରାମ ଘୋଷଣା କରିବାର ଉଦ୍ଦେଶ୍ୟ କ'ଣ? ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନେତୃତ୍ୱ ପ୍ରତି ସମ୍ଭାବ୍ୟ ବିପଦର ମୁକାବିଲା ସକାଶେ ଟ୍ରମ୍ପ ଏତେ ତତ୍ପର କାହିଁକି? ଏସବୁର ଉତ୍ତର ଆମେ ଏହି ଅଗ୍ରଲେଖାରେ ଏକପ୍ରକାର ଦେଇସାରିଛୁ। କିନ୍ତୁ ଏଥିନେଇ କାହାକୁ ସିଧାସଳଖ ଆକ୍ଷେପ କରାଯାଇନପାରେ।

# ଡିଜିଟାଲ୍ ଭାରତର ଏକ ଦଶନ୍ଧି



ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା।

୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା। ଆଜି ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି।

ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି।

ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬, ୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ:** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି। ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ :** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢ଼ୁଛି।

୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪, ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢ଼ୁଛୁ। ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

**ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ:** ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୂକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ।

# ବିଳାସରେ ମିତବ୍ୟୟିତା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗ୍ରୀଷ୍ମ ଋତୁରେ ଘୋର ବିଦ୍ୟୁତ୍ ଅଭାବର ସମ୍ମୁଖୀନ ହେଉଥିବା ସରକାର ବିଦ୍ୟୁତ୍ ସଞ୍ଚୟ ଏବଂ ବିଦ୍ୟୁତ୍ ବିଲ୍ ହ୍ରାସ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସରକାର ଏବେ ଏୟାର କଣ୍ଡିସନର(ଏସି) ର ତାପମାତ୍ରା ସ୍ଥିର କରିବା ସମ୍ପର୍କରେ ଏକ ନୂତନ ନିୟମ ଲାଗୁ କରିବାକୁ ଯୋଜନା କରୁଛନ୍ତି। ଏହି ଯୋଜନା ଲାଗୁ ହେଲେ ଏସିର ତାପମାତ୍ରା ୨୦ ଡିଗ୍ରୀରୁ କମ୍ ଏବଂ ୨୮ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରଖିହେବ ନାହିଁ। ଏହି ନିୟମ ସମସ୍ତ ଘର, କାର୍ଯ୍ୟାଳୟ, ଦୋକାନ, ମଲ୍, ହୋଟେଲ, ରେଷ୍ଟୁରାଣ୍ଟ ଓ ଯାନବାହନ ପାଇଁ ପ୍ରଯୁଜ୍ୟ।

ପ୍ରାୟତଃ ଦେଖାଯାଇଛି ଯେ ଗ୍ରୀଷ୍ମ ଋତୁରେ ଏସି ବ୍ୟବହାର ଏବଂ ଏହାର ତାପମାତ୍ରା ୧୬ ଡିଗ୍ରୀ ପର୍ଯ୍ୟନ୍ତ ରଖିବା ଯୋଗୁଁ ବିଦ୍ୟୁତ୍ ବ୍ୟବହାର ନିରନ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ବଜାରରେ ଉପଲବ୍ଧ ଅଧିକାଂଶ ଏସି ୧୬ଡିଗ୍ରୀରୁ ୩୦ ଡିଗ୍ରୀ ପର୍ଯ୍ୟନ୍ତ ସ୍ଥିର କରାଯାଇପାରିବ, କିନ୍ତୁ ନୂତନ ନିୟମ ଲାଗୁ ହେବା ପରେ ଏହି ସୀମା ୨୦ ରୁ ୨୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସ୍ଥିର ରହିବ। ପ୍ରଥମ ଥର ପାଇଁ ନିଆଯାଇଥିବା ଏହି ପଦକ୍ଷେପ କେବଳ ବିଦ୍ୟୁତ୍ ବିଲ୍ ସଞ୍ଚୟ କରିବ ନାହିଁ ବରଂ ଦୀର୍ଘକାଳୀନ ଭିତ୍ତିରେ ଦେଶ ଏବଂ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ପ୍ରକୃତରେ ବିଦ୍ୟୁତ୍ ବିଲ୍ ହ୍ରାସ ଏବଂ ପରିବେଶର ସୁରକ୍ଷା ପାଇଁ 'ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି' ୨୦୨୦ ରେ ସମସ୍ତ ଷ୍ଟାର ଲେଭଲ୍ ଏସି ପାଇଁ ସର୍ବନିମ୍ନ ତାପମାତ୍ରା ୨୪ଡିଗ୍ରୀରେ ରଖିବାକୁ ସ୍ଥିର କରିଥିଲା। କିନ୍ତୁ ସରକାର ସମସ୍ତ କ୍ଷେତ୍ରରେ ଏସି ତାପମାତ୍ରା ନିର୍ଦ୍ଧାରଣ ନିୟମକୁ ଅଧିକ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଏହି ପଦକ୍ଷେପ ଏବେ ପରୀକ୍ଷଣ ଭାବରେ ଆରମ୍ଭ କରାଯାଉଛି ଏବଂ ନିଶ୍ଚିତ ଭାବେ ଭବିଷ୍ୟତରେ ବାଧ୍ୟତାମୂଳକ କରାଯିବ। ସରକାର ଖୁବ୍ ଶୀଘ୍ର ସମସ୍ତ ଏସି ନିର୍ମାତା ଏବଂ ବାଣିଜ୍ୟିକ କୋଠାଗୁଡ଼ିକୁ ସ୍ୱତନ୍ତ୍ର ପରାମର୍ଶ ଜାରି କରିବାର ସମ୍ଭାବନା ଅଛି।

ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏହା ବହୁତ ଲାଭଦାୟକ ହୋଇପାରେ। ଯଦି ଦେଶର ଅଧିକାଂଶ ଗ୍ରାହକ ଏହାକୁ ନିୟମିତ ବ୍ୟବହାର କରନ୍ତି ତେବେ ଏହା କୋଟି କୋଟି ୟୁନିଟ୍ ବିଦ୍ୟୁତ୍ ସଞ୍ଚୟ କରିପାରିବ। ସାଧାରଣରେ ବିଶ୍ୱାସ କରାଯାଏ ଯେ ଏସିର ତାପମାତ୍ରା ୧୮ ଡିଗ୍ରୀ ରଖିବା ଦ୍ୱାରା କୋଠରି ଶୀଘ୍ର ଥଣ୍ଡା ହେବ। ଏହି କ୍ଷେତ୍ର ସହିତ ଜଡ଼ିତ ବିଶେଷଜ୍ଞମାନେ କୁହନ୍ତି ଯେ ଏହି ବିଶ୍ୱାସ ଭୁଲ। ଯଦି ବାହାରେ ତାପମାତ୍ରା ୪୦ ଡିଗ୍ରୀ ଥାଏ ତେବେ କୋଠରିକୁ ୨୬ ଡିଗ୍ରୀରେ ପହଞ୍ଚିବାକୁ ସମାନ ସମୟ ଲାଗିବ, ଏସିର ତାପମାତ୍ରା ୧୮ ଡିଗ୍ରୀ ହେଉ ବା ୨୬ ଡିଗ୍ରୀ। ନିଶ୍ଚିତ ଭାବରେ ୧୮ ଡିଗ୍ରୀରେ କୋଠରି ପରେ ଅଧିକ ଥଣ୍ଡା ରହିବ। କିନ୍ତୁ ଆପଣଙ୍କୁ କମ୍ ତାପମାତ୍ରା ପାଇଁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ। ଏସିର ତାପମାତ୍ରା ଯେତେ କମ୍ ହୁଏ କମ୍ପ୍ରେସର ଅଧିକ ସମୟ ପାଇଁ କାମ କରେ। ଏହାର



ଅର୍ଥ ଅଧିକ ବିଦ୍ୟୁତ୍ ବ୍ୟବହାର ହୁଏ। ଅନ୍ୟପକ୍ଷରେ ଯଦି ଆପଣ ଏସିର ତାପମାତ୍ରା ୨୪ ଡିଗ୍ରୀ କରନ୍ତି ତେବେ କମ୍ପ୍ରେସରକୁ କମ୍ ସମୟ ପାଇଁ କାମ କରିବାକୁ ପଡ଼େ, ଯାହା ବିଦ୍ୟୁତ୍ ବ୍ୟବହାର ହ୍ରାସ କରେ। ଇଚ୍ଛିତ ତାପମାତ୍ରା ପହଞ୍ଚିବା ମାତ୍ରେ କମ୍ପ୍ରେସର କାମ କରିବା ବନ୍ଦ କରିଦେଇ କେବଳ ଏସି ଫ୍ୟାନ୍ କାମ କରେ। କମ୍ପ୍ରେସର କେବଳ ସେତେବେଳେ କାମ କରେ ଯେତେବେଳେ ଥର୍ମୋସେଟ୍ ତାପମାତ୍ରା ବୃଦ୍ଧିର ସଙ୍କେତ ପାଏ।

ବିଶେଷଜ୍ଞଙ୍କ କହିବା ଅନୁସାରେ ୨୪ ଡିଗ୍ରୀ ତାପମାତ୍ରା ମଧ୍ୟ ଆରାମଦାୟକ। ଯଦି ବାହାରେ ଆର୍ଦ୍ରତା ଅଧିକ ଥାଏ ଏହା ୧୮ କିମ୍ବା ୨୨ ଡିଗ୍ରୀ ତାପମାତ୍ରା ତୁଳନାରେ କମ୍ ଶକ୍ତି ବ୍ୟବହାର କରେ। ଏକ ଅଧ୍ୟୟନ ଅନୁଯାୟୀ ଏସିର ତାପମାତ୍ରାରେ ପ୍ରତ୍ୟେକ ଡିଗ୍ରୀ ବୃଦ୍ଧି ୩ରୁ ୫ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ କରିପାରିବ। ଯଦି ଏସିର ତାପମାତ୍ରା ୧୮ ଡିଗ୍ରୀରୁ ୨୭ ଡିଗ୍ରୀକୁ ବୃଦ୍ଧି କରାଯାଏ ତେବେ ବାର୍ଷିକ ୬୫୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରାଯାଇପାରିବ। ଏହାସହିତ ଏହି ସମୟ ମଧ୍ୟରେ ପ୍ରଚୁର ପରିମାଣର ଶକ୍ତି ମଧ୍ୟ ସଞ୍ଚୟ କରାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ଏସିରେ କେବଳ ନିର୍ଦ୍ଧାରିତ ତାପମାତ୍ରା ମାଧ୍ୟମରେ ବିଦ୍ୟୁତ୍ ସଞ୍ଚୟ ହୁଏ ନାହିଁ, ବରଂ ଷ୍ଟାରରେଟିଂ, ବାହାର ତାପମାତ୍ରା, ଏସି ବ୍ୟବହାରର ଅବଧି, କୋଠରିର ଆକାର, କୋଠରିରେ ଥିବା ଲୋକଙ୍କ ସଂଖ୍ୟା ଇତ୍ୟାଦି କାରଣ ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଏସିର ତାପମାତ୍ରା ୨୦ ଡିଗ୍ରୀ ରୁ ୨୮ ଡିଗ୍ରୀ ମଧ୍ୟରେ ରଖିବା ଲାଭଦାୟକ।

ପରିସଂଖ୍ୟାନ ଅନୁଯାୟୀ, ଭାରତରେ ଏସିର ସଂଖ୍ୟା ପ୍ରାୟ ୧୦ କୋଟି ଏବଂ ପ୍ରତିବର୍ଷ ପ୍ରାୟ ୧.୫କୋଟି ଏସି ଲଗାଯାଉଛି। ଯଦି ଏସିର ତାପମାତ୍ରା ଗୋଟିଏ ଡିଗ୍ରୀ ବୃଦ୍ଧି କରାଯାଏ ତେବେ ଏହା ଶକ୍ତି ବ୍ୟବହାରକୁ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ ଏବଂ ଆମେ ପ୍ରତିବର୍ଷ ଲକ୍ଷ ଲକ୍ଷ ଗିଗାୱାଟ ବିଦ୍ୟୁତ୍ ସଞ୍ଚୟ କରିପାରିବା। ସାମଗ୍ରିକ ଭାବରେ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟୁତ୍ ବ୍ୟବହାରକୁ ହ୍ରାସ କରିବା ବିଶେଷକରି ଗ୍ରୀଷ୍ମଦିନରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏସି କୁ ୨୦ ରୁ ୨୮ ଡିଗ୍ରୀ ମଧ୍ୟରେ ରଖିଲେ ଗରମ ସମ୍ବନ୍ଧୀୟ ରୋଗ ହ୍ରାସ, ଭଲ ନିଦ ଏବଂ ଆରାମଦାୟକ ଜୀବନ ମିଳିପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସିର ଉଚିତ୍ ବ୍ୟବହାର ଶ୍ୱାସ ଓ ସଂକ୍ରମଣ ରୋଗୀ ସଂଖ୍ୟା ହ୍ରାସ କରେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ବାହୁଡ଼ା ରଥ ଓ ଭକ୍ତ ସାଲବେଗ

ସ୍ୱପ୍ନେଶ୍ୱର

ମହାପ୍ରଭୁଙ୍କ ପରମଭକ୍ତ ସାଲବେଗ ଠାକୁରଙ୍କୁ ଆଶ୍ରୟ କରି ଶ୍ରୀକ୍ଷେତ୍ରବାସୀ ହୋଇ ରହିଗଲେ। ସେ ଜାତିରେ ଯବନ ହୋଇଥିବାରୁ ମନ୍ଦିର ଭିତରକୁ ଯାଇ ଦର୍ଶନ କରିବା ସମ୍ଭବ ହେଉ ନ ଥିଲେ ମଧ୍ୟ ଦିବ୍ୟଚକ୍ଷୁରେ ପ୍ରଭୁଙ୍କୁ ଦର୍ଶନ କରି ସ୍ୱରଚିତ ଭଜନମାନ ଗାଇ ଗାଇ ସନ୍ଥ ଓ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲେ। ଏପରିକି ଗଜପତି ନରସିଂହ ଦେବ ମଧ୍ୟ ସାଲବେଗଙ୍କର ଜଣେ ମୁଗ୍ଧ ପ୍ରଶଂସକ ହୋଇଗଲେ ଏବଂ ବାରମ୍ବାର ତାଙ୍କୁ ନିମନ୍ତ୍ରଣ କରି ସୁଲଳିତ କଣ୍ଠରୁ ଭଜନ ଶୁଣୁଥିଲେ। ଦିନକୁ ଦିନ ସାଲବେଗଙ୍କ ଲୋକପ୍ରିୟତା ବଢ଼ୁଥିବା ଦେଖି କିଛି ସେବକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ। ଥରେ ରାଜା ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ଯେ ସାଲବେଗ ରତ୍ନବେଦୀ ଉପରକୁ ଚଢ଼ି ତିନି ଠାକୁରଙ୍କୁ ଚାମର କରୁଛନ୍ତି। ଏ କଥା ସେ ତା'ପରଦିନ ସମସ୍ତଙ୍କୁ କହିଲେ। ନିନ୍ଦୁକମାନଙ୍କୁ ଏକ ସୁଯୋଗ ମିଳିଗଲା। ସେମାନେ ପ୍ରଚାର କଲେ ଯେ ସାଲବେଗଙ୍କୁ ମନ୍ଦିର ବାରଣ ଥିବାରୁ ସେ ଲୁଚିଛପି ଭିତରକୁ ଯାଉଛି ଏବଂ ମନ୍ଦିରକୁ ଅପବିତ୍ର କରୁଛି। ସାଲବେଗ ବ୍ୟଥିତ ହୋଇ କିଛିଦିନ ପାଇଁ ବୃନ୍ଦାବନ ଚାଲିଗଲେ।

ଗୁଣ୍ଡିଚା ଯାତ୍ରାର ସମୟ ଆସି ପହଞ୍ଚିବାରୁ ପୁଣି ପୁରୀ ଉଦ୍ଦେଶ୍ୟରେ ଯାତ୍ରା କଲେ। ଅନେକ ବାଟ ଯିବାପରେ ସେ ତାଙ୍କ ଦିବ୍ୟଚକ୍ଷୁରେ ରଥାରୂଢ଼ ଠାକୁରମାନଙ୍କୁ ଦର୍ଶନ କରୁଥିଲେ

## ଲୋକକଥାରେ ଲୋକଦେବତା

ମଧ୍ୟ ଜାଣିଲେ ଯେ ନୀଳାଦ୍ରି ବିଜେ ଆଗରୁ ପୁରୀରେ ପହଞ୍ଚି ପାରିବେ ନାହିଁ। ତେଣୁ ସେ ବିକଳ ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ- 'ଜଗବନ୍ଧୁ ହେ ଗୋସାଇଁ ତୁମ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ.../... ସାତଶ ପଚାଶ କୋଶ ଚାଲି ନ ପାରଇ ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି।'

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଚାଲିଥିଲା। ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ଆଗେ ଆଗେ ରଥାରୋହଣ କରି ଚାଲିଗଲେ। ମହାପ୍ରଭୁଙ୍କ ନନ୍ଦିଘୋଷ ବଳଗଣ୍ଡିଠାରେ ପହଞ୍ଚିଥିବା ବେଳେ ହଠାତ୍ ଅଟକି ଗଲା। ଯେତେ ଚେଷ୍ଟା କଲେ ମଧ୍ୟ ରଥ ହଲିଲା ନାହିଁ। ଗଜପତି ମହାପ୍ରଭୁଙ୍କୁ ଧ୍ୟାନ କରି ଗୁହାରିଆ ପଡ଼ିଲେ। ମହାପ୍ରଭୁ ରାଜାଙ୍କୁ ଶୂନ୍ୟବାଣୀରେ ଆଜ୍ଞା ଦେଲେ, 'ରାଉତ, ମୋର ପରମଭକ୍ତ ବର୍ଷରେ ଦୁଇଥର ମୋତେ ରଥରେ ଦର୍ଶନ କରେ। ସେ ବୃନ୍ଦାବନରୁ ଫେରିବା ପର୍ଯ୍ୟନ୍ତ ମୋତେ ରଥରେ ଅପେକ୍ଷା କରିବାକୁ ହେବ। ସେ ପର୍ଯ୍ୟନ୍ତ ରଥ ଟାଣିବା ପାଇଁ ସମସ୍ତ ଉଦ୍ୟମ ବନ୍ଦ ରହୁ।'

ସାଲବେଗ ଚାଲିଚାଲି ଆସି ଅଠର ନଳାରେ ପହଞ୍ଚିଲେ। ମହାପ୍ରଭୁ ବଳଗଣ୍ଡିରେ ଅପେକ୍ଷା କରିଥିବା ଶୁଣି ଦୌଡ଼ିଲେ ବଡ଼ଦାଣ୍ଡକୁ। ଅଶ୍ରୁସିକ୍ତ ନୟନରେ ନିବେଦନ କଲେ, 'ମହାପ୍ରଭୁ! ଭକ୍ତବତ୍ସଳ! ମୋ ପରି ଜଣେ ଅଛୁଆଁ ଯବନ ଅକିଞ୍ଚନ ପତିତକୁ ଦର୍ଶନ ଦେବା ପାଇଁ ଭାଇଭଉଣୀଙ୍କୁ ଛାଡ଼ି ବଡ଼ଦାଣ୍ଡରେ ଅଟକି ରହିଲ! ତୁମେ ଧନ୍ୟ, ! ଏବେ ଚାଲ ମହାବାହୁ। ଆମେ ସବୁ ତୁମ ସାଙ୍ଗରେ ଯିବୁ। - ଆହେ ରଥବର ଚଢ଼ା, ମୋ କରମ ଏତେ ପୋଡ଼ା / ମୋ ପାଇଁ ସହିଲ ପ୍ରଭୁ ଏତେ କଷଣ, ଜାତିରେ ମୁହିଁ ଯବନ / କ୍ଷମ ଦୋଷ ନବଘନ, ବଳଗଣ୍ଡି ପଥେ ପ୍ରଭୁ କର ଗମନ / ସାଲବେଗ ହୀନ ସ୍ୱଭାବ, ଦୀନ ହୀନ ଯବନରେ ଏତେ ସରାଗ!' ଏହାପରେ ଥରଥର ହାତରେ ରଥ ଦଉଡ଼ିକୁ ଉଠାଇଲେ। ଭକ୍ତମାନେ ଦଉଡ଼ି ଧରି ଟାଣିବାକୁ ଆରମ୍ଭ କଲେ। ନନ୍ଦିଘୋଷ ହଠାତ୍ ଚଳଚଞ୍ଚଳ ହୋଇ ଉଠିଲା ଏବଂ ଘୋର ଘର୍ଘର ନାଦ କରି ସିଂହଦ୍ୱାର ଆଡ଼କୁ ଚାଲିଲା। ହରିବୋଲ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ କମ୍ପମାନ ହେଲା।

ଗଜପତି ମହାରାଜ ଘୋଷଣା କଲେ, ପ୍ରତିବର୍ଷ ବାହୁଡ଼ା ରଥ ବଳଗଣ୍ଡିଠାରେ ଅଟକିବ। ସେଠାରେ ମଠ ସ୍ଥାପନା କରି ନିଜର ସାଧନା ଜାରି ରଖିବାକୁ ମୁଁ ଭକ୍ତ ଶିରୋମଣି ସାଲବେଗଙ୍କୁ ଅନୁରୋଧ କରୁଛି। ରାଜାଙ୍କ ଅନୁରୋଧ ରକ୍ଷାକରି ସାଲବେଗ ସେଠାରେ ସାରା ଜୀବନ ମହାପ୍ରଭୁଙ୍କ ଭଜନ ସେବାରେ ଅତିବାହିତ କଲେ। ମହାପ୍ରୟାଣ ପରେ ତାଙ୍କୁ ସେଠାରେ ସମାଧି ଦିଆଗଲା। ସେହିକାଳରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବାହୁଡ଼ା ରଥ ବଳଗଣ୍ଡିରେ ଅଟକି ସମାଧିସ୍ଥ ସାଲବେଗଙ୍କୁ ପ୍ରଭୁଙ୍କ ଦର୍ଶନର ସୁଯୋଗ ପ୍ରଦାନ କରୁଛି।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶୃଙ୍ଖଳିତ ରଥଯାତ୍ରାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# 'ଡ୍ୟୁଟି ନୁହେଁ, ସେବା ଭାବି କାମ କର'

ପୁରୀ,୧।୭ (ସମିସ): ଚଳିତବର୍ଷ ରଥଯାତ୍ରାରେ ମାଳମାଳ ଅବ୍ୟବସ୍ଥା ଓ ବିଭ୍ରାଟ ଘଟିଛି। ରଥଟଣାଠାରୁ ଆରମ୍ଭ କରି ଦଳାଚକଟାରେ ଭକ୍ତ ମରିବା ପର୍ଯ୍ୟନ୍ତ ଅଘଟଣ ପାଇଁ ନିନ୍ଦିତ ହେଉଛନ୍ତି ରାଜ୍ୟ ସରକାର। ସବୁଆଡୁ ସମାଲୋଚନାର ଶିକାର ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଆସି ଆଗକୁ ବାକିଥିବା ରଥଯାତ୍ରାର ଅନ୍ୟାନ୍ୟ ନୀତିକାନ୍ତି ଯେପରି ଶୃଙ୍ଖଳିତ ହେବ, ତାହାର ସମୀକ୍ଷା କରିଛନ୍ତି।

ମଙ୍ଗଳବାର ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରି କହିଥିଲେ ଯେ ଏହି କାମ ଆମମାନଙ୍କ ପାଇଁ ଏକ ଡ୍ୟୁଟି ନୁହେଁ, ଏହା ହେଉଛି ସୌଭାଗ୍ୟର ବିଷୟ। ସମର୍ପଣ ଭାବ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସୁରକ୍ଷାର ତିନିଟି ଦିଗ ଉପରେ ଯଥା- ସୁରୁଖୁରୁରେ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାର ୪ଟି ଉତ୍ସବ ମଧ୍ୟରୁ ଏବେ ବି ଆଉ ତିନିଟି ବାହୁଡ଼ା, ସୁନାବେଶ ଓ ନୀଳାଦ୍ରି ବିଜେ ବାକି ଅଛି। ଅନୁକୂଳ ପାଗ ଯୋଗୁଁ ଏହି ତିନିଦିନ ବହୁତ ଭକ୍ତ ଆସିବେ।



ବିଶେଷକରି ସୁନାବେଶ ଦିନ। ଏଣୁ ଏହି ବଡ଼ ସମାଗମରେ ସୁରକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଏବଂ ସବୁବେଳେ ସବୁ ସମୟରେ କିଛି ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରି।

ବାହୁଡ଼ା, ସୁନାବେଶ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ଆବଶ୍ୟକସ୍ଥଳେ ଅଧିକ ଫୋର୍ସ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ୍ କଣ୍ଟ୍ରୋଲ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଆଗାମୀ ଦିନମାନଙ୍କରେ ଯାହା ସବୁ ମହାପ୍ରଭୁଙ୍କ କାର୍ଯ୍ୟକ୍ରମ ଅଛି, ସେଗୁଡ଼ିକ ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପ୍ରତି ଅଧିକ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବେଳାଭୂମିରେ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପୁଲିସ ବିଭାଗ ସହ ସମନ୍ୱୟରକ୍ଷା କରି କାର୍ଯ୍ୟ କରିବା ନିମନ୍ତେ ସେ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପୁରୀ- ଭୁବନେଶ୍ୱର ରାସ୍ତା ସମେତ ବେଳାଭୂମି, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ମନ୍ଦିର ସମ୍ମୁଖ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ କଡ଼ା ନଜର ରଖି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଡ. ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ୱାଇ.ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ପ୍ରମୁଖ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖିଥିଲେ। ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ସେବାୟତଙ୍କୁ କ୍ଷମା ମାଗିଲେ ଆଇନମନ୍ତ୍ରୀ

ପୁରୀ, ୧।୭ (ସମିସ): ଚଳିତବର୍ଷ ରଥଯାତ୍ରା ନାନା ବିଭ୍ରାଟ ମଧ୍ୟରେ ଚାଲିଛି। ରଥକାଠ ଅଭାବଠାରୁ ଆରମ୍ଭ କରି ଏବେ ଶରଧାବାଲିରେ ଦଳାଚକଟା ଘଟି ୩ ଭକ୍ତଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମାଳମାଳ ସମସ୍ୟା ଓ ବିଭ୍ରାଟ ଦେଖିବାକୁ ମିଳିଛି। ଆଗକୁ ପୁଣି ମହାପ୍ରଭୁଙ୍କ ବାହୁଡ଼ା, ସୁନାବେଶ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ରହିଛି। ଏ ସବୁକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେନେଇ ମଙ୍ଗଳବାର ସର୍କିଟ୍ ହାଉସରେ ସେବାୟତମାନଙ୍କ ସହ ବୈଠକ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ରଥଯାତ୍ରା ଦିନ ଡାକବାଜି ଯନ୍ତ୍ର ଦ୍ୱାରା ସେମାନଙ୍କୁ ଅନଧିକୃତ କହିବା ନେଇ ସେବାୟତଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଥିଲା, ସେନେଇ ଆଇନମନ୍ତ୍ରୀ କ୍ଷମା ମାଗି ସେଥିରେ ଯବନିକା ପକାଇଛନ୍ତି।

ରଥଯାତ୍ରାରେ ଗୋଟିଏ ପରେ ଗୋଟିଏ ବିଭ୍ରାଟ ଘଟିବାରେ ଲାଗିଛି। ଏବେ ଠାକୁର ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି। ଆଗକୁ ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ହେବ, ସେନେଇ ସେବାୟତଙ୍କ ସହ ଆଲୋଚନା କରିଥିଲେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେବାୟତ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଭିତରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି କିଭଳି ସମସ୍ତ ନୀତିକାନ୍ତି ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଶେଷ ହେବ ସେ ନେଇ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ବିଶେଷକରି ରଥଯାତ୍ରା ଦିନ ରଥ ଉପରୁ କିଛି ସେବାୟତଙ୍କୁ କାଢ଼ି ଦିଆଯିବା ଓ ବାରମ୍ବାର ଅନଧିକୃତ ଶବ୍ଦ ପ୍ରୟୋଗ କରାଯିବା ଘଟଣାକୁ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କ୍ଷମା ପ୍ରାର୍ଥନା କରିବା ସହ ଭବିଷ୍ୟତରେ କିଭଳି ଏହାର ପୁନରାବୃତ୍ତି ନ ହେବ, ତା' ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପ୍ରତି ୩ମାସରେ ସେ ଛତିଶା ନିଯୋଗ ସେବାୟତଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ପାଇଁ ବିଭିନ୍ନ ସଂସ୍କାର ଏବଂ ଉନ୍ନତିମୂଳକ କାମ କରିବେ ବୋଲି କହିଛନ୍ତି।

ସେହିପରି ବୈଠକରେ ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ, ସେବାୟତ ଆବାସ ଯୋଜନା ଓ ସେବାୟତଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆଇନ ମନ୍ତ୍ରୀଙ୍କ ସହ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ବୈଠକରେ ଶ୍ରୀମନ୍ଦିରର ବରିଷ୍ଠ ଏବଂ ସେବା ସମ୍ପୃକ୍ତ ସେବାୟତ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାଳ ଶେଷ ହେବା ପରେ ନୂତନ ମନୋନୀତ ସେବକ ପ୍ରତିନିଧି ଏଯାବତ ଚୟନ ହୋଇନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ରହିଛି। ଏ ପ୍ରଶ୍ନରେ ଆଇନ ମନ୍ତ୍ରୀ କହିଛନ୍ତି, ରଥଯାତ୍ରା ପରେ ନୂତନ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମୂହ ଛୁଟିରେ...

ଭାବେ ସଂଘ ପକ୍ଷରୁ ଦର୍ଶାଯାଇଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ସଂଘ ଖଡ଼୍‌ଗହସ୍ତ ହୋଇଛି ଏବଂ ସାରା ରାଜ୍ୟରେ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଇଛନ୍ତି। ଯାହାଫଳରେ ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି।

### ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ...

ନିଲମ୍ବନ କରାଗଲା ବୋଲି କୋର୍ଟ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ଗତ ମେ ମାସରେ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମା ବିବାଦକୁ ନେଇ ସଂଘର୍ଷ ହୋଇଥିଲା।। ଏଥିରେ କାମ୍ବୋଡିଆରେ ଜଣେ ସୈନିକ ମୃତ୍ୟୁବରଣ କରିଥିଲେ। ସୀମାରେ ସଂଘର୍ଷ ଚାଲିଥିବା ବେଳେ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ପ୍ରଧାମନ୍ତ୍ରୀ ହୁନ୍ ସେନଙ୍କୁ ଫୋନ୍ କରିଥିଲେ। ଏବେ ଏହି ଫୋନ୍ କଲର ରେକର୍ଡିଂ ଲିକ୍ ହୋଇଛି। ନିଜ ଦେଶରେ ଜଣେ ବରିଷ୍ଠ କମାଣ୍ଡରଙ୍କୁ ତାଙ୍କର ବିରୋଧୀ ବୋଲି ସେ କହିଛନ୍ତି। ଏହାକୁ ଥାଇଲାଣ୍ଡରେ ଲୋକେ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

### ମୃତ୍ୟୁସଂଖ୍ୟା ୪୨...

ଶ୍ରମିକଙ୍କ ପରିବାର ଓ ସଂପର୍କୀୟଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେବା ଲାଗି ସେମାନଙ୍କୁ କୁହାଯାଇଛି। ରାଜଧାନୀ ହାଇଦ୍ରାବାଦରୁ ୫୦ କିଲୋମିଟର ଦୂର ସିଗାଚି ଫାର୍ମା କଂପାନୀରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତକାଲି ୧୬ ଜଣଙ୍କର ମୃତଦେହ ମିଳିଥିବା ବେଳେ ଅନେକ ଆହତ ଶ୍ରମିକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ଏବେ ବି ଭଗ୍ନାବଶେଷ ତଳେ ଅନେକ ମୃତାହତ ଶ୍ରମିକ ପୋତି ହୋଇ ରହିଛନ୍ତି। ଅନେକ ମୃତଦେହ ସଂପୂର୍ଣ୍ଣ ରୂପେ ପୋଡ଼ି ହୋଇଯାଇଥିବାରୁ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଛି। କେତେକ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଛି। ତେଣୁ ଏଥିରେ କେତେଜଣ ଓଡ଼ିଆ ଶ୍ରମିକ ରହିଛନ୍ତି, ତାହା ଜଣାପଡ଼ି ନାହିଁ। ବର୍ତ୍ତମାନ ସୁଦ୍ଧା ମାତ୍ର ୫ ମୃତଦେହ ଚିହ୍ନଟ ହୋଇଛି। ଗତକାଲି କାରଖାନର ରିଆକ୍ଟର ୟୁନିଟ୍‌ରେ ବିସ୍ଫୋରଣ ହୋଇଥିଲା। ପାଶମିଲାରାମ ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ଥିବା ସିଗାଚି ଇଣ୍ଡଷ୍ଟ୍ରିରେ ସକାଳ ୮.୧୫ରୁ ୯.୩୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଦେବାକୁ କୁହାଯାଇଛି। କାରଖାନାରେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, କେତେକ ଶ୍ରମିକ ୧୦୦ ମିଟର ଦୂରରେ ଯାଇ ଛିଟିକି ପଡ଼ିଥିଲେ।

### ଦିନକରେ ୩ ହତ୍ୟା...

ବ୍ୟକ୍ତିଙ୍କୁ ଖଣ୍ଡା, ହକିଷ୍ଟିକ୍, ଲୁହାରଡ୍ ଓ ବ୍ଲେଡ୍‌ରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ୩ଗୁରୁତରଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଧୀର ସ୍ୱାଇଁ, ନନ୍ଦବାରିକ ଓ ରାହୁଲ ସ୍ୱାଇଁଙ୍କୁ ଚିକିତ୍ସା କରାଯାଇଥିଲା। ତୋଫାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ ତୋଫାନଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। କିନ୍ତୁ ଖବର ଲେଖା ହେବା ବେଳକୁ ଥାନାରେ କେହି ଏତଲା ଦେଇନାହାନ୍ତି ବୋଲି ଥାନା ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, ବିଗତ କିଛି ବର୍ଷ ହେଲା ଗୋବା ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ବହୁବାର ଥାନାରେ ଏହାର ସମାଧାନ ମଧ୍ୟ ହୋଇଥିଲା। ପୂର୍ବରୁ ଗାଁ କମିଟି ଥିବା ବେଳେ ବିଗତ କିଛି ବର୍ଷ ହେଲା ସଭାପତିଙ୍କ ମୃତ୍ୟୁ ପରେ ନୂତନ କମିଟି ଗଠନ କରିବା, କିଛି ଦିନ ତଳେ ଗାଁରେ ଏକ ଟେଣ୍ଡର କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀ ମୁହାମୁହିଁ, ପୂର୍ବଶତ୍ରୁତା ସହ ବିଭିନ୍ନ ବିଷୟକୁ ନେଇ ଏହି ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହୁଥିବା ବେଳେ କାଲି ଏହା ଉଗ୍ରରୂପ ନେଇଛି ବୋଲି ପୁଲିସ କହିଛି। ଅନ୍ୟ ଏକ ଘଟଣାକ୍ରମେ, ବେଗୁନିଆପଡ଼ା ଥାନା ବି.ନୂଆପଲ୍ଲୀରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ନିରାକାର ଦାସ। ସୋମବାର ବିଳମ୍ବିତ ରାତିରେ ୩ରୁ ଊର୍ଦ୍ଧ୍ୱ ଯୁବକ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଚଳାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାରଲୋକେ ବେଗୁନିଆପଡ଼ା ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ୪ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସେହିପରି ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ୍ ହାଉସ୍‌ରେ ଜଣେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ମୃତ ଯୁବତୀଜଣଙ୍କ ହେଲେ, ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଫାଣ୍ଡି ଅଧୀନ ପାଢ଼ୀ କଲୋନୀର ପ୍ରିୟା ମହାରଣା(୨୪)। ପ୍ରିୟାଙ୍କୁ ହତ୍ୟା କରିବା ପରେ ପ୍ରେମିକ ଲାଞ୍ଜିପଲ୍ଲୀ ଉମାନଗର ୧ମ ଲାଇନ୍‌ର ଅଭୟ କୁମାର ମହାରଣା(୨୪) ଥାନାରେ ଆତ୍ମସମର୍ପଣ କରିଛି।

ସୂଚନାନୁସାରେ, ପାଢ଼ୀ କଲୋନୀର ପ୍ରଭାକର ମହାରଣାଙ୍କ ଝିଅ ପ୍ରିୟା ବ୍ରହ୍ମପୁର ଉପକଣ୍ଠରେ ଥିବା ଏକ ଘରୋଇ ହସ୍ପିଟାଲରେ ଲାବ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ଡ୍ୟୁଟିକୁ ଯାଉଛି କହି ଘରୁ ବାହାରିଥିଲେ। ହେଲେ ଡ୍ୟୁଟିକୁ ଯିବା ପରିବର୍ତ୍ତେ ପ୍ରେମିକ ଅଭୟ ସହ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଲଜ୍‌କୁ ଯାଇଥିଲେ। ଉଭୟେ ଉକ୍ତ ଲଜ୍‌ର ୧୧୨ନଂ ରୁମରେ ରହିଥିଲେ। ତେବେ ଅପରାହ୍ଣରେ କୌଣସି କାରଣରୁ ଉକ୍ତ ରୁମ୍ ଭିତରେ ଅଭୟ ପ୍ରିୟାଙ୍କୁ ନୃଶଂସ ଭାବେ ଶରୀରର ବିଭିନ୍ନ ସ୍ଥାନକୁ ଛୁରିରେ ଆକ୍ରମଣ କରିଥିଲା। ପରେ ଅଭୟ ଉକ୍ତ ଲଜ୍‌ରୁ ଚାଲିଯାଇଥିଲେ। କିଛି ସମୟ ପରେ ଅଭୟ ଗୋଷାଣିନୂଆଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିବା ସହ ନିଜ ଦୋଷ ସ୍ୱୀକାର କରି ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଥିଲେ। ଗୋଷାଣିନୂଆଗାଁ ପୁଲିସ ପକ୍ଷରୁ ତୁରନ୍ତ ବୈଦ୍ୟନାଥପୁର ଥାନାକୁ ଅବଗତ କରାଯାଇଥିଲା। ଖବର ପାଇ ବୈଦ୍ୟନାଥପୁର ଥାନା ପୁଲିସ ଉକ୍ତ ଲଜ୍‌ରୁ ପ୍ରିୟାଙ୍କ ରକ୍ତ ଜୁଡୁବୁଡୁ ଶବ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ଖବର ପାଇ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସମ୍ପୃକ୍ତ ଲଜ୍‌ରେ ପହଞ୍ଚି ତଦନ୍ତ କରିଥିଲେ।

### ସ୍କୁଲ୍ ଶୌଚାଳୟରେ...

୧୧ଟାରେ ପୀଡ଼ିତାଜଣଙ୍କ ନିଜ ମାଉସୀଙ୍କ ଘରକୁ ଗୁଆ ଆଣିବାକୁ ଯାଇଥିଲା। ସେଠାରେ ଭୁବନ ପହଞ୍ଚି ନାବାଳିକାଙ୍କୁ ସ୍କୁଲ ପାଇଖାନା ପାଖକୁ ନେଇ ଦୁଷ୍କର୍ମ କରିଥିଲା। ନାବାଳିକାଙ୍କ ଚିତ୍କାର ଶୁଣି ଗ୍ରାମର ଭଗବାନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଭୁବନ ନାବାଳିକାଙ୍କୁ ସେଠାରେ ଛାଡ଼ି ଚମ୍ପଟ ମାରିଥିଲା। ଖବର ପାଇ ନାବାଳିକାଙ୍କ ବାପା ଓ ମାଆ କାମ ଛାଡ଼ି ଘରକୁ ଆସି ଝିଅ ଠାରୁ ସବୁକଥା ଶୁଣିବା ପରେ ଗତ ୩୦ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ନାବାଳିକାଙ୍କ ଡାକ୍ତରୀମାଇନା କରି କୋର୍ଟରେ ବୟାନ ରେକର୍ଡ କରାଯାଇଛି।

### ଚାନ୍ଦା ନ ଦେଲେ...

ଚାନ୍ଦା ଓ ବଟି ପାଇଁ ଖୋଲାଖୋଲି ଧମକ ଦେଉଛନ୍ତି। କେଇମାସ ତଳେ ଆସିକା ବିଧାୟକ ସରୋଜ ପାଢ଼ୀ ବାଲିଘାଟରୁ ଦାଦାବଟି ଆଦାୟ ଅଡ଼ିଓ ଭାଇରାଲ ହୋଇଥିଲା । ଏବେ ଅନୀଲ ପଣ୍ଡା ନାମକ ଜଣେ ବିଜେପି ନେତା ଚାନ୍ଦା ମାଗୁଥିବା ଅଡ଼ିଓ ଜିଲ୍ଲା ସାରା ଘୂରି ବୁଲୁଛି। ବିଜେପି ଯୁବନେତା ନିଜକୁ ଅନୀଲ ପଣ୍ଡା ବୋଲି ପରିଚୟ ଦେଇ ଖଲ୍ଲିକୋଟ ଜାତୀୟ ରାଜପଥରେ ଥିବା ଟୋଲଗେଟ ଠିକାସଂସ୍ଥାର ମ୍ୟାନେଜରଙ୍କୁ ଚାନ୍ଦା ମାଗୁଥିବା ଅଡ଼ିଓରୁ ସ୍ପଷ୍ଟ ହୋଇଛି। ହିନ୍ଦୀ ଭାଷାରେ ମ୍ୟାନେଜରଙ୍କ ସହିତ କଥା ହୋଇ ପାର୍ଟି ଲାଗି ଚାନ୍ଦା ଦିଅ ନଚେତ ହାଲ୍ଲାବୋଲ ହେବ ବୋଲି ବିଜେପି ନେତା ଜଣକ ଫୋନ ଯୋଗେ ଖୋଲାଖୋଲି ଧମକ ଦେଉଛନ୍ତି। ଆମେ ଯାହା କହିଥିଲୁ, ତାହା କାହିଁକି ଆସିଲା ନାହିଁ ଓ ତାହା ନ ମିଳିଲେ ଆମେ ଆକ କାମ ଆରମ୍ଭ କରିବୁ ବୋଲି ସେ ସ୍ପଷ୍ଟ ଭାବରେ କହୁଛନ୍ତି। ତୁମେ ଯଦି ଆମ କଥାରେ ରାଜି ନହୁଅ ତେବେ ମୋ କାମ ମୁଁ ଆରମ୍ଭ କରିବି। ପାର୍ଟି ପାଇଁ ଚାନ୍ଦା ଦେବନି ଯଦି ବିଜେପି ଯୁବମୋର୍ଚ୍ଚା ହାଲ୍ଲାବୋଲ କରିବେ ବୋଲି ସେ କହୁଛନ୍ତି। ସେହିପରି ଟୋଲଗେଟ୍‌ରେ କାମ କରୁଥିବା ପିଲାମାନଙ୍କୁ ବାହାର କରି ବିଜେପି ପିଲାଙ୍କୁ ଭର୍ତ୍ତି କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି । ଅପରପକ୍ଷରୁ ଟୋଲ ଗେଟ୍‌ର ଅଧିକାରୀ ଏହା ସେ କରି ପାରିବେ ନାହିଁ ଓ ଏତେ ପରିମାଣରେ ଦାବି ପୂରଣ କରିବାକୁ ଅକ୍ଷମତା ପ୍ରକାଶ କରିବା ପରେ ତାଙ୍କୁ ମଧ୍ୟ ସମ୍ପୃକ୍ତ ଯୁବ ନେତା ଧମକ ଦେଉଥିବା ଅଡ଼ିଓରେ ଶୁଣାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ପୃକ୍ତ ବିଜେପି ଯୁବ ନେତା ସେ କହୁଥିବା କଥାକୁ ରେକର୍ଡିଂ କରି କମ୍ପାନୀ ଓ ସ୍ଥାନୀୟ ବିଧାୟକଙ୍କୁ ଜଣାଇବା ସହ ନିଜେ ସୁରକ୍ଷା ସହ ନ ରହିଲେ ଅସୁବିଧା ହେବ ବୋଲି କହୁଛନ୍ତି। ଏହି ଅଡ଼ିଓ ପ୍ରଚାରିତ ହେବା ପରେ ଜିଲ୍ଲାରେ ଆଇନଶୃଙ୍ଖଳା ଓ ବିଜେପି ନେତାମାନଙ୍କ ଦାଦାଗିରିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ହେଲା ଶାନ୍ତ ପଡ଼ିଥିବା ଗଞ୍ଜାମର ସ୍ଥିତି ୮୦ ଦଶକକୁ ଫେରିଯିବା ପରି ଅବସ୍ଥା ସୃଷ୍ଟି ହୋଇଛି। ଏପରିକି ବିଜେପି ନେତାମାନେ ହିଁ ଅପରାଧ ଭଳି ଘଟଣା ଘଟାଇବାକୁ ପଛାଉନାହାନ୍ତି। ନାବାଳିକା ଦୁଷ୍କର୍ମ ଭଳି ସଂଗୀନ ମାମଲାରେ ବିଜେପି ନେତାଙ୍କ ସମ୍ପୃକ୍ତି, ବାଲିଘାଟ ଠାରୁ ଟୋଲଗେଟ ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ଚାନ୍ଦା ମାଗିବା ସହିତ ଏଭଳି ଆଚରଣ ବିଜେପି ଦଳର ଆଦର୍ଶ କି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

### କାହାକୁ ସୁରକ୍ଷା...

ଚଳିତ ରଥଯାତ୍ରାରେ ଯେଉଁ ବିଭ୍ରାଟ ଘଟିଲା ତାହା ଆଗରୁ କେବେ ଘଟିନଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭୋର ୪ଟା ପରେ ଦଳାଚକଟାରୁ ଲୋକଙ୍କ ଜୀବନ ଯିବା ପୁରୀ ଇତିହାସରେ ପ୍ରଥମ। ଘୋର ପ୍ରଶାସନିକ ଅବ୍ୟବସ୍ଥା, ବରିଷ୍ଠ ଅଧିକାରୀଙ୍କ ଦାୟିତ୍ୱହୀନତା ସର୍ବୋପରି ରାଜ୍ୟ ସରକାର ଏବଂ ମନ୍ତ୍ରୀସ୍ତରୀୟ କମିଟିର ହେୟଜ୍ଞାନ ମନୋବୃତ୍ତି କାରଣରୁ ଏତେବଡ଼ ଅଘଟଣ ଘଟିଥିବା କୁହାଯାଉଛି। ସରକାର ଚାହିଁଥିଲେ ଥିରେ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିଥାନ୍ତେ। ମାତ୍ର କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସରକାର କେବଳ ୨ ଜଣ ଓପିଏସଙ୍କୁ ନିଲମ୍ବନ କରି ନିଜ ଅସହାୟତାର ପ୍ରମାଣ ଦେଇଛନ୍ତି। ସରକାରଙ୍କ ଅସହାୟତା ଆଗକୁ ରାଜ୍ୟରେ ଘୋର ସଂକଟ ଆଣିପାରେ। ଯାହା ରାଜ୍ୟପାଇଁ ଭଲ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାର କାରଣ ଉଜାଗର ପାଇଁ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ଦେଇଛନ୍ତି। ମାତ୍ର ପୂର୍ବରୁ ବଡଠାକୁର ବଳଭଦ୍ର ଚାରମାଳ ଉପରେ ପଡ଼ିଯିବା, ଭରତପୁର ଥାନା ଘଟଣା, ଚିକିଟି ମଦମୃତ୍ୟୁ ପରି ତଦନ୍ତର ଇତିହାସ ଦେଖିଲେ ପୁରୀ ରଥଯାତ୍ରା ତଦନ୍ତ ରିପୋର୍ଟ ସାଧାରଣକୁ ଆସିବ ତାହାକୁ ନେଇ ସନ୍ଦେହ ରହିଛି।

### ନନ୍ଦିଘୋଷ ରଥ...

ବାହାରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତି ମହାପାତ୍ର ବନ୍ଦାପନା, ଚାମର ଆଲଟ, ଘଷା ବିଡ଼ିଆ ଓ ଦହିପଟି ମଣୋହୀ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ଜଗମୋହନକୁ ବିଜେ କରି ଜୟବିଜୟ ଦ୍ୱାର ନିକଟକୁ ଆସିଥିଲେ। ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ସହ ଫେରିନଥିଲେ। ଏହାପରେ ଲକ୍ଷ୍ମୀ ଠାକୁରାଣୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଯାଇଥିଲେ। ସେଠାରେ ରଥର କିଛି ଅଂଶ ଭାଙ୍ଗିଥିଲେ। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହି ମହାନ ନୀତିକୁ ଭକ୍ତମାନେ ଦର୍ଶନ କରିଥିଲେ।


## ସତ୍ୟପାଠ

କୁଜଙ୍ଗ, ଜଗତସିଂହପୁର ଜିଲ୍ଲାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଦାଖଲ କରାଯାଇଥିବା ଶପଥପତ୍ର ସଂଖ୍ୟା ୨୪୪୦, ତାରିଖ ୦୧.୦୭.୨୦୨୫ ଅନୁଯାୟୀ, ମୁଁ ମଧୁସ୍ମିତା ସାହୁ, ସ୍ୱାମୀ- ରବି ନାରାୟଣ ସାହୁ, ଠିକଣା- ପ୍ଲଟ ନଂ.-୪୧, ଜିଜେଏଆଇ କଲୋନୀ, ମଧୁବନ, ଥାନା- ପାରାଦୀପ, ଜିଲ୍ଲା- ଜଗତସିଂହପୁର, ମୋର ନାମ ମଧୁସ୍ମିତା ବିଶ୍ୱାଳରୁ ମଧୁସ୍ମିତା ସାହୁକୁ ପରିବର୍ତ୍ତନ କରିଛି। ଏଣିକି ମୁଁ ସମସ୍ତ ଉଦ୍ଦେଶ୍ୟରେ ମଧୁସ୍ମିତା ସାହୁ ନାମରେ ପରିଚିତ ହେବି।

ସ୍ୱାକ୍ଷର/- ମଧୁସ୍ମିତା ସାହୁ

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2025025, ତା.24.06.2025ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳଗଡ଼ BG ରେଳ ଲିଙ୍କ ପ୍ରକଳ୍ପ ସମ୍ବନ୍ଧୀୟ ଅନୁଗୁଳ ଠାରେ ଉପ ମୁଖ୍ୟ ଯନ୍ତ୍ରୀ/ ନିର୍ମାଣ /II/ ଅନୁଗୁଳଙ୍କ ଅଧିନରେ କାର୍ଯ୍ୟାଳୟ ଭବନ, କ୍ୱାର୍ଟରଗୁଡ଼ିକର ନିର୍ମାଣ, ମରାମତି, ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 152.77 ଲକ୍ଷ, **EMD :** ₹ 2,26,400/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଟର୍ଡ଼ି ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-47/CI/25-26

B-242

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No.SE 08 OF 2025-26**

1. Nature of work:- **Building Work**
2. Number of works: **1 ( One )**
3. Amount put to Tender: - **Rs. 97,82,200.00**
4. Class of Contractor: **B Class**
5. Date & Time of availability of bid document in the portal: - **Dt. 08.07.2025 at 10:00 AM**
6. Last Date / Time of receipt of bid in the portal: - **Dt. 17.07.2025 up to 04:00 PM**
7. Date of opening of bid : - **Dt. 18.07.2025 at 11:00 AM**
8. Name & address of the Office inviting bid: - **Superintending Engineer, Rairangpur (R&B)Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in."** All future corrigendum will be available on ONLINE mode only.

**Superintending Engineer**
**Rairangpur (R&B) Division**

*OIPR-34041/11/0010/2526*

n-89

**DISTRICT PROJECT OFFICE**
**SAMAGRA SHIKSHA: CUTTACK (ODISHA)**
**Phone Fax: 0671-2509937 / 2509934**
**E-mail: dpccuttackssa.opepa@nic.in & dpccuttack.ss@gmail.com**
**No. 3153/XXIV-2123 / Plg / Date 30.06.2025**

**NOTICE**

With reference to this office Advertisement No. 701 dated 17.02.2023, it is for information of all concerned that **the Final Merit List, Panel List & Reject list of candidates applied for Different Posts of** Netaji Subas Chandra Bose Awasiya Hostel (NSCBAH) Under Samagra Shiksha ,Cuttack are published in official Website https://www.osepa.odisha.gov.in & https://www.cuttack.odisha.gov.in respectively. The candidates placed at the **serial No. 1** in the final Merit list of the post of Warden, Part Time Teacher (Maths &Science), Part Time Teacher (Sanskrit & Hindi), Asst. Cook are directed to attend the District Project Office, Samagra Shiksha, 2nd Floor, Collectorate Building, Cuttack-02 on 15.07.2025 (Tuesday) at 11A.M with their original Certificates, Mark sheets & other documents for executing the agreements & undertakings. This Panel List shall have the validity of one year from the date of publication of this notice for consideration in event any vacancy arises in future.

**District Project Coordinator,**
**Samagra Shiksha, Cuttack**

**OIPR-27121/11/0009/2526**

## କବଲା ହଜିଛି

ଏତଦ୍ୱାରା ଆମ୍ଭେ ଶିବ ସ୍ୱସ୍ତିକ ଶ୍ରୀଚନ୍ଦନ, ପିତା- ବୈଦ୍ୟନାଥ ଶ୍ରୀଚନ୍ଦନ, ଏମ.ବି.- ୮୩, ବଡ଼ଗଡ଼ ବ୍ରିଟ କଲୋନୀ, ଭୁବନେଶ୍ୱର, ଜନସାଧାରଣଙ୍କୁ ଅବଗତ କରୁଛି ଯେ, ମୋର ମାତା ଶ୍ରୀମତୀ ଶକୁନ୍ତଳା ଶ୍ରୀଚନ୍ଦନଙ୍କର ପୁରୀ ତହସିଲର : ଗୋପୀନାଥପୁର ଓରଫ ରାଉତରାପୁର, ଖାତା ନମ୍ବର - ୧୬୫/୬୫୧, ପ୍ଲଟ ନମ୍ବର- ୧୮୭/୧୩୮୫ ରେ ଅବସ୍ଥିତ ଏକର ୦.୦୭୨୫ ଡିସିମିଲ ସମ୍ବନ୍ଧିୟ ଜମିର ଅରିଜିନାଲ ଜମି କବଲା (RSD ନଂ. ୨୧୭୭, ତାରିଖ ୦୨.୦୭.୧୯୯୩) ଗତ ୨୬.୦୬.୨୦୨୫ ଦିନ ହଜିଯାଇଛି

## WANTED

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

**6370964966**

## LOST

**Lost sale Deed of my Property Plot No-1151, Drawing No-177/85, Mouza-Sikharpur,PS-Chauliaganj, Dist-Cuttack, State-Odisha. Document No-RSD 2033 dt-07.05.1999 and RSD 5032 DT-26.12.1988. NCR is lodge on 10.06.2025 at Chauliaganj PS. Finder may send to : Mr. Sanjay Jena at above address. Ph.No-9853086101**

## TO-LET

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft,1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

## AFFIDAVIT

By virtue of an affidavit sworn before Executive Magistrate, G.Udayagiri, dated: 23.06.2025, I, Runima Mallick, W/o- Basanta Kumar Pradhan, Vil.- Dakeringia, PO- Gressingia, PS- G.Udayagiri, Dist.- Kandhamal- 762100 declare that I have changed name of my minor son from Anisas Pradhan to Balabana Pradhan. Henceforth,he will be known as **Balabana Pradhan** for all purposes.

## AFFIDAVIT

By virtue of an affidavit sworn before Executive Magistrate, G.Udayagiri, Dated: 30.06.2025, I, Nuresh Khatun, D/o- M.D. Islam, resident of Vil.- G. Udaygiri, P.O./P.S.- Dist.- Kandhamal- 762100 declare that I have changed my name from Nuraisaha Khatun to Nuresh Khatun. Henceforth, I shall be known as **Nuresh Khatun** for all purposes.

## AFFIDAVIT

By virtue of an affidavit sworn before Executive Magistrate, G.Udayagiri, dated 21.06.2025, I, Suneina Pradhan, W/o- Subodh Kumar Pradhan, Vil.- Telingia, PO- Gadaguda, PS- G.Udayagiri, Dist.- Kndhamal- 762100 declare that I have changed name of my minor daughter from Shreeya Digal to Shreeya Pradhan. Henceforth she will be known as **Shreeya Pradhan** for all purposes.

## AFFIDAVIT

I, Duradana Bibi, aged about 58 years, W/o- Abu Taher Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1241, dtd- 30/06/2025 that now onwards I shall be known as **KANIJ FATMA** for all future purposes.

## AFFIDAVIT

By virtue of an affidavit Sl. No.- 1687/25, dtd. 13.06.2025 before Notary Public, Malkangiri, I, Mamani Mandal have changed my name from Mamoni Bachar, D/o- Manoranjan Bachar, MV-14, Tamasa, Malkangiri to Mamani Mandal, W/o- Shitu Mandal, MV-7, Tamasa, Malkangiri. Henefroth I shall be known as **Mamani Mandal** for all purposes.

**Sd/- Mamani Mandal**

## AFFIDAVIT

I, Mahaprangya Jain, aged about 46 years, S/o- Khemchand Jain, resident of Kantabanji, Po- Kantabanji, Ps- Kantabanji, Dist- Balangir, Odisha, Pin- 767039 declare by this affidavit No.1238, dtd- 30/06/2025, that now onwards I shall be known as **MAHAPRAGYA JAIN** for all future purposes.

## AFFIDAVIT

By virtue of an affidavit sworn before Notary Public, Titilagarh, dated 25.06.2025 I, Rajkishor Dash, At-Bandhapada,Po- Bandhapada, P.s-Deogaon, Dist- Balangir, Odisha, Pin- 767029 declare that I have changed my Son's name from Triyambaka Dash to Tryambak Dash. Henceforth, he shall be known as Tryambak Dash for all purposes.

**Rajkishor Dash**

## AFFIDAVIT

Shaik Faizulla, S/o- SK.Nurulla , Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 413, Dated -12.12.24 that now onwards I shall be known as **SK. FAIZULLA** for all future purposes.

## AFFIDAVIT

By virtue of an affidavit Sl. No.- 525, dtd. 30.06.2025 before the Executive Magistrate, Koraput, I, Shaym Sameli, have changed my minor son's name from Saiba Sameli to Saheb Sameli. Henefroth I shall be known as **Saheb Sameli** for all purposes.

**Sd/- Shyam Sameli**

## AFFIDAVIT

I, Kanija Bibi, aged about 58 years, W/o- Abu Taher Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1242, dtd- 30/06/2025 that now onwards I shall be known as **KANIJ FATMA** for all future purposes.

## AFFIDAVIT

I, Munataj Shaikh, aged about 67 years, S/o- Golam Tahir, resident of At/Po- Neulpur, Dharmasala, Jajpur, PIN- 755024, Odisha declared by this affidavit No. 531, dtd- 26/06/2025 that now onwards I shall be known as **SK MUNTAJ** for all future purposes.

## AFFIDAVIT

By virtue of an affidavit before The Executive Magistrate, Titilagarh, on dated- 30/06/2025. I, **Sashi Kumbhar,** aged about 48 years, S/O- Manchan Kumbhar, permanent resident of At- Sargiguda, Ward No.1, PO/PO- Titilagarh, Dist. Balangir, (Odisha), PIN- 767033 now residing at the same place affirm that I have changed my minor son's name from **Gulshan Kumbhar** (old name) To **Gulsan Ayush Kumbhar** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Gulsan Ayush Kumbhar** (new name).

**Sashi Kumbhar**

## AFFIDAVIT

I, Taher Khan, aged about 60 years, S/o- Alim Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1243, dtd- 30/06/2025 that now onwards I shall be known as **ABU TAHER KHAN** for all future purposes.

### ମୁରାଦପୁର ବିଦ୍ୟାଳୟରେ ପରିଚ୍ଛନ୍ନତା ପ୍ରତି ନାହିଁ ଧ୍ୟାନ

# ପରିସର ଘାସରେ ପରିପୂର୍ଣ୍ଣ; ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ



### ଘାସ ମରା ଔଷଧ ମାରି ଅଧେ ଛାଡ଼ିଦେଲେ

**ରାଜକନିକା, ୧୭ (ସମିସ)**

ଛୁଟି ପରେ ଏବେ ସାରା ରାଜ୍ୟରେ ସ୍କୁଲ ଖୋଲିଛି। ଏହା ପୂର୍ବରୁ ସ୍କୁଲ ପରିସର ପରିଷ୍କାର କରାଯିବାକୁ ସରକାରୀ ନିର୍ଦ୍ଦେଶ ରହିଥିଲେ ହେଁ ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ପଞ୍ଚାୟତର ମୁରାଦପୁର ବିଦ୍ୟାଳୟ କ୍ଷେତ୍ରରେ ଏହା ପାଳନ କରାଯାଇନାହିଁ। ବିଦ୍ୟାଳୟ ଘାସରେ ପରିପୂର୍ଣ୍ଣ ରହିଛି। ବିଦ୍ୟାଳୟ ପରିସରରେ କେବଳ ଘାସ ମରା ମେଡିସିନ ମାରି ପରିଚ୍ଛନ୍ନତା କରାଯାଇଛି। ତେବେ ଘାସ ଅଧେ ମାରିଲେ ଅଧେ ରହିଛି। ଯାହାକି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ସରୀସୃପଙ୍କ ଭୟ ଥିବାରୁ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ମୁରାଦପୁର ବିଦ୍ୟାଳୟ ପରିସରରେ ରହିଛି ଅଙ୍ଗନବାଡି କେନ୍ଦ୍ର ଓ ହେତବିନ୍ଧା, ବରିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଦୁଇମାସ ଗ୍ରୀଷ୍ମ ଅବକାଶ ପରେ ଗତ ସପ୍ତାହରେ ଖୋଲିଛି ସ୍କୁଲ। ପାଠପଢ଼ା ଆରମ୍ଭ ହୋଇଛି। ତେବେ ସରକାରଙ୍କ ଆଗୁଆ ନିର୍ଦ୍ଦେଶନାମା ଅନୁସାରେ ବିଦ୍ୟାଳୟ ଖୋଲିବା ଆଗରୁ ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚ୍ଛନ୍ନତା ଉପରେ ଧ୍ୟାନ ଦିଆଯିବା ନିର୍ଦ୍ଦେଶ ରହିଛି। ବିଦ୍ୟାଳୟ ପରିସରରେ ଥିବା ଅନାବନା ଘାସ, ପାଇଖାନା ସଫା, ପାଣିଟାଙ୍କି ପରିଷ୍କାର ସହ ରୋଷେଇ ଘର ବି ପରିଷ୍କାର କରାଯିବାକୁ କୁହାଯାଇଥିଲା। ତେବେ ଏଠାରେ ଶସ୍ତା ଘାସମରା ମେଡିସିନ ପକାଯାଇ ଘାସ ମାରିବାକୁ ପ୍ରୟାସ କରାଯାଇଥିଲେ ବି ତାହା ଫଳପ୍ରଦ ହୋଇ ନ ଥିବା ଅଭିଯୋଗ ହେଉଛି। କେବଳ ବିଦ୍ୟାଳୟ ପରିସରରେ କିଛି ସୀମିତ ସ୍ଥାନରେ ଘାସମରା ମେଡିସିନ୍ ପକାଯାଇଛି। ଅଧେରୁ ଅଧିକ ସ୍ଥାନରେ ଛଡ଼ାଯିବା ଯୋଗୁଁ ବିଦ୍ୟାଳୟ ପରିସର ଘଞ୍ଚ ଜଙ୍ଗଲ ଭିତରେ ଥିବା ଜଣାପଡୁଛି। ଏଠାରେ ଦିବାଲୋକରେ ବିଷଧର ସାପଙ୍କ ଆତଯାତ ହେଉଥିବାବେଳେ ଅଧେ ଘାସ ମାରି ଅଧେ ଛାଡିବା ସ୍କୁଲ କର୍ତ୍ତୃପକ୍ଷଙ୍କ ପାରିଲାପଣିଆକୁ ପଦାରେ ପକାଇଛି। ଏହି ସ୍କୁଲ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ର ଆଗ ଅନାବନା ଘାସରେ ପୂର୍ଣ୍ଣ ରହିଛି। ତେଣୁ ବିଦ୍ୟାଳୟ ପରିସରକୁ ସମ୍ପୂର୍ଣ୍ଣ ପରିଷ୍କାର ରଖିବାକୁ ଦାବି ହେଉଛି।

# ପ୍ରଧାନଶିକ୍ଷକ ଲଲାଟ ଭୂୟାଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଡେରାବିଶ, ୧୭ (ସମିସ):** ଡେରାବିଶ ଶିକ୍ଷା ସର୍କଲର ଖମୋଳ ପଞ୍ଚାୟତ ଅନ୍ତର୍ଗତ ବିଶୋକ ପ୍ରକଳ୍ପ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଲଲାଟ କିଶୋର ଭୂୟାଁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରବୀନ୍ଦ୍ର ଲେଙ୍କା ସଭାପିତତ୍ୱ କରିଥିବାବେଳେ ଗୋଲରାହାଟର ପୂର୍ବତନ ସରପଞ୍ଚ ବିପିନି ବିହାରୀ ସାହୁ ମୁଖ୍ୟଅତିଥି ଓ ଶିକ୍ଷାବିତ୍ ସୁବୋଧ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ଅତିରିକ୍ତ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ଖମୋଳ ପଞ୍ଚାୟତ ସମିତିସଭ୍ୟ ଅକ୍ଷୟ ନାୟକ, ସରପଞ୍ଚଙ୍କ ପ୍ରତିନିଧି ବିଷ୍ଣୁପ୍ରସାଦ କର, ଅବସରପ୍ରାପ୍ତ ଶିକ୍ଷକ ପୀତବାସ ପଣ୍ଡା, ଶରତ ଚନ୍ଦ୍ର ଆଚାର୍ଯ୍ୟ, ଅବସରପ୍ରାପ୍ତ ଏବିଇଓ ସନାତନ ଦଳାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚିତ୍ର ବେହେରା ପ୍ରମୁଖ ଯୋଗଦେଇ ସେବା ନିବୃତ୍ତ ପ୍ରଧାନଶିକ୍ଷକ ଶ୍ରୀ ଭୂୟାଁ ଜଣେ ଆଦର୍ଶ ତଥା ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ଚାକିରି ଜୀବନ କାଳରେ ସେ ଦକ୍ଷତାର ସହିତ ସିଆରସିସି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ ଓ ବ୍ଲକର ବିଭିନ୍ନ ଶିକ୍ଷା ସମ୍ପର୍କିତ ସଚେତନତା, ତାଲିମ ଶିବିର ପରିଚାଳନା କରୁଥିଲେ। ଏ ଅବସରରେ ଶ୍ରୀ ଭୂୟାଁଙ୍କୁ ଅତିଥିମାନେ ମାନପତ୍ର, ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଗେଶ୍ୱର ନାଥ, ନିର୍ମଳ ଜେନା, ଭଜକୃଷ୍ଣ ମହାପାତ୍ର, ପ୍ରକାଶ ରାଉତ, ସୁଧାଂଶୁ ବରାଳ, ରଞ୍ଜିତା ଭଞ୍ଜ, ଦେବସ୍ମିତା ବେହେରା, ମେନକା ମହାନ୍ତି, ସ୍ନେହଲତା ଜେନା, ସିଆରସିସି ବିଶ୍ୱଜିତ ମୁଦୁଲି, ସନ୍ତୋଷ ମଲିକ, ପ୍ରଶାନ୍ତ ମଣ୍ଡଳଙ୍କ ସମେତ ସମସ୍ତ ସିଆରସିସି ଓ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସିଆରସିସି ପ୍ରମୋଦ ମଲ୍ଲ ସଭା ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଲଟିଲା ଆଳୁ ବୋଝେଇ ପିକ୍ଅପ୍ ଭ୍ୟାନ୍

**ରାଜକନିକା, ୧୭ (ସମିସ):** ଆଜି ଅପରାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ଅଚ୍ୟୁତପୁର ଗାଁ ନିକଟରେ ଏକ ଆଳୁ ବୋଝେଇ ଭ୍ୟାନ୍ ଓଲଟି ପଡ଼ିଛି। ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଚାନ୍ଦବାଲିରୁ ୪ କ୍ୱିଣ୍ଟାଲ ଆଳୁ ନେଇ ରାଜନଗର ଯାଉଥିବା ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ଅଚ୍ୟୁତପୁର ନିକଟରେ ଓଲଟିପଡ଼ିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରେ ଓଲଟିଥିବା ପିକଅପ ଭ୍ୟାନ୍ ଓ ଆଳୁ ପ୍ୟାକେଟ ଜବତ କରିଥିବା ଜଣାପଡ଼ିଛି।

# ଟ୍ୟାଙ୍କର ସହ କାର୍ ଧକ୍କା, ଜଣେ ମୃତ



**କୁଜଙ୍ଗ/ପାରାଦୀପ, ୧୭ (ସମିସ):** ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ହରିବୋଲିଆ ଢାବା ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଭୂତମୁଣ୍ଡାଇ ଜଗତି ଗ୍ରାମର ପ୍ରଜ୍ଞାପ୍ରକାଶ ପତି(୩୦)। ସେ କମ୍ପାନୀରୁ କାମ ସାରି କାର୍‌ରେ ଘରକୁ ଫେରୁଥିବା ସମୟରେ ପାରାଦୀପ-କଟକ ରାସ୍ତାର ଭୂତମୁଣ୍ଡାଇ ନିକଟରେ ଗ୍ୟାସ୍ ଟ୍ୟାଙ୍କର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେ ଚାପି ହୋଇ କାର୍ ଭିତରେ ଦୀର୍ଘ ସମୟ ଧରି ଫସି ରହିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି କାର୍‌ର ଡୋର ଭାଙ୍ଗି ଗୁରୁତର ଅବସ୍ଥାରେ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ଲକଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବାବେଳେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଦୁଇ ପଟେ ଗାଡ଼ି ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ବଢୁଥିବାବେଳେ ପ୍ରଶାସନିକ ଅବହେଳା ପାଇଁ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

# ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

**ମାର୍ଶାଘାଇ, ୧୭ (ସମିସ):** ମାର୍ଶାଘାଇ ସରକାରୀ ଉଚ୍ଚବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ବେହେରା ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଶା ସରକାରଙ୍କ ପ୍ରଶାସନିକ ଅଧିକାରୀ ପରମେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସୂଦନ ବେହେରା, ପୁରାତନ ଛାତ୍ର ଡାକ୍ତର ଖଗେଶ୍ୱର ବେହେରା, ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ସାହାଣୀ, ଆଇନଜୀବୀ ବିଚିତ୍ରାନନ୍ଦ ବେହେରା, ଭିକାରୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ମାଟ୍ରିକ୍ ବ୍ଲକ ଟପ୍ପର ହୋଇଥିବା ବିଦ୍ୟାଳୟର ଛାତ୍ର ଦିବ୍ୟରଞ୍ଜନ ରାଉତ ଓ ନବମ ଶ୍ରେଣୀ ଟପ୍ପର ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ନଗଦ ଅର୍ଥ ରାଶି ସହିତ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ, ହାଡ଼ିବନ୍ଧୁ ସେଠୀ, ଦୁର୍ଯ୍ୟୋଧନ ଜେନା, ମନୋଜ ସେଠୀ, ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦାସ, ସୁଜାତା ସାହୁ, ଗାୟତ୍ରୀ ବେହେରା, ଦେବାଶିଷ ବେହେରା, ଲିପିକ ସ୍ୱାଗତିକା ଦାସ, କଳ୍ପତରୁ ବେହେରା, ନବଘନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପଲତା ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଡାକ୍ତର ଦିବସ ପାଳିତ



**ରାଜନଗର, ୧୭ (ସମିସ):** ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଉତ୍ସବ ଆୟୋଜିତ ହୋଇଥିଲା। ଶ୍ରୀ ମହାନ୍ତି ସମସ୍ତ କାର୍ଯର୍ୟରତ ଡାକ୍ତରଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ଓ ଏହା ଉପରେ ଆଲୋଚନା କରି ଭାରତର ପ୍ରଖ୍ୟାତ ଡାକ୍ତର ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାନଚନ୍ଦ୍ର ରାୟଙ୍କ ଜୟନ୍ତୀକୁ ସାରା ଦେଶ ନବେ ଦଶକଠାରୁ ଡାକ୍ତର ଦିବସ ରୂପେ ପାଳନ କରାଯାଉଛି। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ଆଜିର ଯୁବ ଡାକ୍ତର ଡା ରାୟଙ୍କ ତ୍ୟାଗ, ତିତୀକ୍ଷା, ଦୁର୍ଗତଙ୍କ ଚିକିତ୍ସା କ୍ଷେତ୍ରରେ ତାଙ୍କ ସେବାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। କରୋନା ମହାମାରୀ ସମୟରେ ଡାକ୍ତରଙ୍କ ସେବା ଯୁଗ ଯୁଗ ପାଇଁ ମାନବ ସମାଜ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଡା. ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସୂତି ବିଭାଗ ଡାକ୍ତର ରୁଦ୍ରପ୍ରସାଦ ରାୟ, ଡା. ମନୋରଞ୍ଜନ ନାଥ, ଡା. ଟିଟି ମିଶ୍ର, ଡା. ଆଦିତ୍ୟ ପ୍ରଧାନ, ଡା. ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିପିଓ ଶ୍ରୀକାନ୍ତ ଦାସ, ରଞ୍ଜନ ଦାସ, ଚନ୍ଦ୍ରଶେଖର ମଲିକ, ନିର୍ମଳ ଦାସ, ହିମାଂଶୁ ଶେଖର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏ ଅବସରରେ ସମସ୍ତ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୫୩ନଂ ଜାତୀୟ ରାଜପଥ କାମ ନିମ୍ନମାନର

# ଭିଜିଲାନ୍ସ ତଦନ୍ତ ଦାବିକଲା ଜନଶକ୍ତି ପାର୍ଟି

**ଡେରାବିଶ, ୧୭ (ସମିସ):** ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ଚାରିଥାକିଆ ରାସ୍ତା ନିର୍ମାଣ ଚାଲିଛି। ତେବେ ଏହି ରାସ୍ତାର ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ରାସ୍ତା କାମ ନିମ୍ନମାନର ହେଉଥିବା ଓ ନିର୍ମାଣ କାମରେ ଠିକାସଂସ୍ଥା ଦ୍ୱାରା ନିୟୋଜିତ ଶ୍ରମିକ ବିନା ସୁରକ୍ଷା ଉପକରଣରେ ବିପଜ୍ଜନକ ଭାବେ କାର୍ଯ୍ୟ କରୁଥିବା ନେଇ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ ଅଭିଯୋଗ କରିବା ସହିତ ଏହାର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ନିର୍ମାଣାଧୀନ ଏହି ରାସ୍ତାଟି ଏବେ ମରଣଯନ୍ତାରେ ପରିଣତ ହୋଇଥିବାବେଳେ ଦୈନିକ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ହାନି ହେଉଛି। ଏଥିସହିତ ଏହି ରାସ୍ତାର ଉଭୟ କଡ଼ରେ ବସବାସ କରୁଥିବା ଡେରାବିଶ ବ୍ଲକ ଅଞ୍ଚଳର ବହୁ ଜନସାଧାରଣଙ୍କ ସମେତ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ ଯାତାୟାତ ପାଇଁ ନାହିଁ ନ ଥିବା ହୀନସ୍ତା ଭୋଗ କରୁଛନ୍ତି। ଏଥିସହିତ ଏହି ରାସ୍ତା କାମ ନିମ୍ନମାନର ହେଉଥିବାବେଳେ ବିଭିନ୍ନ ସ୍ଥାନରେ ରାସ୍ତା ଖାଲଖମା ସୃଷ୍ଟି ହୋଇ ଅସରାଏ ବର୍ଷା ହେଲେ ଏଥିରେ ପାଣି ଜମି ରହୁଥିବାରୁ ଲୋକେ ଅକଥନୀୟ ଯାତନା ଭୋଗୁଛନ୍ତି। ଏପରିକି ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଏହି ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ି ଅଟକି ରହୁଛି। ବହୁ ସମୟରେ ବର୍ଷା ହେଲେ ରାସ୍ତା କଡ଼ରେ ଥିବା ଗ୍ରାମରେ ଜାତୀୟ ରାଜପଥରୁ ମାଟି କାଦୁଅ ଧୋଇ କାଦୁଅ ପାଣି ପଶିଯାଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଏଥିସହିତ ଏହି ରାସ୍ତା କାମରେ ଠିକାଦାର ଯେଉଁ ଶ୍ରମିକଙ୍କୁ ନିୟୋଜିତ କରିଛନ୍ତି, ସେମାନଙ୍କୁ ସୁରକ୍ଷା ଉପକରଣ ଦେଉ ନ ଥିବାରୁ ସେମାନେ ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି। ଯଦି କୌଣସି କାରଣରୁ ଏହି ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ କୌଣସି ଅଘଟଣ ଘଟେ, ସେଥିପାଇଁ ଠିକାସଂସ୍ଥା ଦାୟୀ ହେବ ବୋଲି ଶ୍ରୀ ତ୍ରିପାଠୀ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଶ୍ରୀ ତ୍ରିପାଠୀ ଏହି ଅମାନବୀୟ କାର୍ଯ୍ୟ ନିମନ୍ତେ ମାନବିକ ଅଧିକାର କମିଶନରଙ୍କ ଆଶ୍ରୟ ନେବେ ବୋଲି କହିଛନ୍ତି।

# ଦୁର୍ଘଟଣାରେ ମୃତ ଅଶୋକଙ୍କ ପତ୍ନୀଙ୍କୁ ମିଳିଲା ନିଯୁକ୍ତି





**ପାରାଦୀପ, ୧୭ (ସମିସ):** ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଅଧୀନ ଆଇଓସିଏଲ ଟାଉନସିପ ହାଉସ କିପିଂ ଡିପାର୍ଟମେଣ୍ଟ ଅଧୀନରେ କାର୍ଯ୍ୟ କରୁଥିବା ଅଶୋକ କୁମାର ଗୋଛାୟତଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀଙ୍କୁ ମିଳିଛି ଚାକିରି। ଏ ନେଇ ଆଇଓସିଏଲ ଟାଉନସିପ ଓ ଆଇଓସିଏଲ ପ୍ଲାଣ୍ଟ ସାଇଟ୍‌ରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଭାଇଭଉଣୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ଗତ ମାର୍ଚ୍ଚ ମାସ ୧୭ ତାରିଖରେ ଅଶୋକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଅଶୋକ ଗୋଛାୟତଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡ଼ିଥିଲା। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଟାଉନସିପର ସମସ୍ତ ଶ୍ରମିକ ଭାଇଭଉଣୀ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଓ ସାଧାରଣ ସମ୍ପାଦକ ସମୀର ବିଶ୍ୱାଳଙ୍କ ସହିତ ବିଚାର ବିମର୍ଷ କରି ଏହି ଅସହାୟ ପରିବାରକୁ ଥଇଥାନ କରିବା ନେଇ ଟାଉନସିପର ସମସ୍ତ ଶ୍ରମିକ ଭାଇଭଉଣୀ କାମ ବନ୍ଦ ରଖି ଧାରଣା ଦେଇଥିଲେ। ଏହି ଧାରଣା ସମୟରେ ସଭାପତି ଶ୍ରୀ ସର୍ଖେଲ ଓ ସମ୍ପାଦକ ଶ୍ରୀ ବିଶ୍ୱାଳ ଉପସ୍ଥିତ ରହି ଆଇଓସିଏଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଫଳସ୍ୱରୂପ ଅଶୋକ ଗୋଛାୟତଙ୍କ ପରିବାରକୁ ଆଇଓସିଏଲ କର୍ତ୍ତୃପକ୍ଷ ନଗଦ ୫୦, ୦୦୦ ଟଙ୍କାର ସହାୟତା ପ୍ରଦାନ କରିବା ସହିତ ତାଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ସଭାପତି ଶ୍ରୀ ସର୍ଖେଲ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଅଶୋକ ଗୋଛାୟତଙ୍କ ସ୍ତ୍ରୀ ଆଇଓସିଏଲ ଟାଉନସିପ ହାଉସ କିପିଂ ଡିପାର୍ଟମେଣ୍ଟରେ ନିଯୁକ୍ତି ପାଇଛନ୍ତି। ଏହା ସଭାପତି ଶ୍ରୀ ସର୍ଖେଲଙ୍କ ଦୃଢ଼ ନେତୃତ୍ୱ ଓ ଇଚ୍ଛାଶକ୍ତି ପାଇଁ ସମ୍ଭବ ହୋଇପାରିଛି।

# ଜିଲ୍ଲାର ସମସ୍ତ ଓଏଏସ୍ ଅଧିକାରୀ କଲମଛାଡ଼ ଆନ୍ଦୋଳନରେ ସାମିଲ



**ଜଗତସିଂହପୁର, ୧୭ (ସମିସ):** ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଅଶାଳୀନ ବ୍ୟବହାର ଓ ଆକ୍ରମଣ ପ୍ରତିବାଦରେ ରାଜ୍ୟ ଓଏଏସ ସଂଘ ପକ୍ଷରୁ ଆଜିଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡକରା ଦିଆଯାଇଛି। ଏ ପରିପ୍ରେକ୍ଷୀରେ ରାଜ୍ୟ ସଂଘ ଆହ୍ୱାନକ୍ରମେ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏ ଅବସରରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଓ ରାଜ୍ୟ ସଂଘର ନିଷ୍ପତ୍ତିକୁ ପୂର୍ଣ୍ଣ ସମର୍ଥନ କରାଯାଇଥିଲା। ଏଥିରେ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ଓଏଏସ ଅଧିକାରୀ ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମରେ ଘଟିଥିବା ଅମାନୁଷିକ ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ସମସ୍ତ ଓଏଏସ ଅଧିକାରୀଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ବରିଷ୍ଠ ଅଧିକାରୀ ସମୂହ ଛୁଟି ଓ କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସମସ୍ତ ସରକାରୀ କାର୍ଯ୍ୟ ଏକପ୍ରକାର ଠପ ହୋଇଯାଇଥିବା ସୂଚନା ମିଳିଛି।

# 'ନାରାୟଣପ୍ରସାଦ ମହାପାତ୍ର ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'



**କୁଜଙ୍ଗ, ୧୭ (ସମିସ):** କୁଜଙ୍ଗ ବ୍ଲକ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ନାରାୟଣପ୍ରସାଦ ମହାପାତ୍ରଙ୍କ ପ୍ରଥମ ଶ୍ରଦ୍ଧବାର୍ଷିକୀରେ ଏକ ସ୍ମୃତିସଭା ତାଙ୍କ ବାସଭବନ ହଂସୁରାର ଅନୋଳିପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତେଇ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତୁଷାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷକ ନେତା ଓ ଜନପ୍ରତିନିଧି ଯୋଗଦେଇ କୁଜଙ୍ଗରେ ପ୍ରାଥମିକ ଶିକ୍ଷକ ଭବନ ନିର୍ମାଣ ସହ ଶିକ୍ଷକଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ପାଇଁ ତାଙ୍କ ସଂଗ୍ରାମ, ଧୋୟାଞ୍ଚଳରେ ତାଙ୍କ ଚିକିତ୍ସା, କୃଷି ଓ ରାଜନୀତିରେ ଥିବା ଯୋଗଦାନକୁ ସ୍ମରଣ କରି ତାଙ୍କୁ ଜଣେ ବହୁମୁଖୀ ପ୍ରତିଭା ସହ ସମର୍ପିତ ନେତା ବୋଲି ଅଭିହିତ କରିଥିଲେ। ଏ ଅବସରରେ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ମନୋରଞ୍ଜନ ସାମନ୍ତରାୟ, ବିଶ୍ୱଜିତ ସାମନ୍ତରାୟ, ଓଏସ୍ଏପିର ଅଧିକାରୀ ତାପସ ଦାସ, ଅତିରିକ୍ତ ଏସ୍ପି କେନ୍ଦୁଝରର ହରପିୟା ନାୟକ ପ୍ରମୁଖ ନାରାୟଣ ସାର୍ କେବଳ ଶିକ୍ଷକତା ବୃତ୍ତିରେ ନ ଥିଲେ, ଲୋକଙ୍କ ସେବା ପାଇଁ ସେ ସମବାୟ ସମିତି ସଭାପତି, ସମିତିସଭ୍ୟ ହୋଇ କରିଥିବା ସେବା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ପୁତ୍ର ନିଶିଥ ମହାପାତ୍ର ଧନ୍ୟବାଦ ଦେଇଥିବାବେଳେ କନିଷ୍ଠ ପୁଅ ନିଜତ୍ ମହାପାତ୍ର, ନାତିନାତୁଣି ସଭା ପରିଚାଳନାରେ ସହଯୋଗ କରିଥିଲେ। ଏ ଅବସରରେ ନିରବ ପ୍ରାର୍ଥନା କରାଯାଇଥିଲା।

### ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ଅନିୟମିତତା

# କେବେ ହେବ ମେଡିସିନ୍ କିଟ୍, ଖେଳନା କିଣା ଘଟଣାରେ କାର୍ଯ୍ୟାନୁଷ୍ଠାନ

**ରାଜକନିକା, ୧୭ (ସମିସ)**

ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ବିଭାଗୀୟ ମାର୍ଗଦର୍ଶିକା ନ ମାନି ମେଡିସିନ କିଟ୍ ଓ ଖେଳନା କିଣା ଅର୍ଥରେ କିଛି ସୁପରଭାଇଜର ଓ କର୍ମୀ ପଟ୍ଟାମୁଣ୍ଡାଇର ଜଣେ ସପ୍ଲାୟରଙ୍କ ସହ ମିଶି ରାକ୍ ଓ ବ୍ଲୁ ଟୁଥ କ୍ରୟ କରିଥିବା ଅଭିଯୋଗ ହୋଇଥିଲା। ବିଭାଗୀୟ ବିଧି ମୁତାବକ ପ୍ରତିବର୍ଷ ଅଙ୍ଗନବାଡି ଶିଶୁଙ୍କ ପାଇଁ ଦିଆଯାଉଥିବା ପ୍ରି-ସ୍କୁଲ କିଟ୍ ଓ ମେଡିସିନ କିଟ୍ ବଦଳରେ ଶସ୍ତା ରାକ ଓ ବ୍ଲୁ ଟୁଥ୍ କିଣି ଅର୍ଥ ହେରଫେର କାହା ପରାମର୍ଶରେ କରାଯାଇଛି, ସେ ନେଇ ପ୍ରଶ୍ନ ଉଠିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଥିଲା। ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେ ନେଇ ପ୍ରଶ୍ନ ଉଠିଛି।

ସୂଚନା ମୁତାବକ, ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ଲକର ୨୧୫ଟି ଅଙ୍ଗନବାଡି କେନ୍ଦ୍ରକୁ ପିଲାଙ୍କ ଖେଳନା ଓ ମେଡିସିନ୍ କିଟ୍ ପାଇଁ ଯଥାକ୍ରମେ ୧୫ ଶହ ଓ ୧୯ ଶହ ଟଙ୍କା ସିଧାସଳଖ ଅଙ୍ଗନବାଡି କେନ୍ଦ୍ର କର୍ମୀଙ୍କ ବ୍ୟାଙ୍କ ଖାତାକୁ ଆସିଛି। ପିଲାଙ୍କ ପାଇଁ ଉପରୋକ୍ତ ସାମଗ୍ରୀ ବଜାରରୁ କିଣିପାରିବେ। ଫଳରେ ଖେଳନା କୁନି ପିଲାଙ୍କ ବୌଦ୍ଧିକ ବିକାଶରେ ସହାୟକ ହେବା ସହିତ ମେଡିସିନ୍ କିଟ୍ ବି ଆବଶ୍ୟକ ଅନୁସାରେ କାର୍ଯ୍ୟରେ ଲାଗିବ। ତେବେ ବିଭାଗର ଏଭଳି ମାର୍ଗଦର୍ଶିକାକୁ କିନ୍ତୁ ବଦଳାଯାଇଛି। କାର୍ଯ୍ୟାଳୟର କିଛି ଅସାଧୁ ସୁପରଭାଇଜର ଜଣେ ସପ୍ଲାୟରଙ୍କୁ ଆଣି ସମସ୍ତ କେନ୍ଦ୍ରକୁ ବ୍ଲୁ ଟୁଥ୍ ଓ ରାକ ଦେବା ନିମନ୍ତେ ଚୁକ୍ତି କରିଥିଲେ। ଏସବୁ ଜିନିଷ ଇତିମଧ୍ୟରେ ସବୁ କେନ୍ଦ୍ରକୁ ଦିଆସରିଛି। କେତେକ ସେକ୍ଟରରେ ଶତପ୍ରତିଶତ ଟଙ୍କା ଅଙ୍ଗନବାଡି କର୍ମୀଙ୍କଠାରୁ ଆଦାୟ ହୋଇଛି। ଏମିତିକି ନିର୍ଦ୍ଦିଷ୍ଟ ସପ୍ଲାୟରଙ୍କ ଫୋନ-ପେ ନମ୍ବରରେ ୩୪ ଶହ ଟଙ୍କା ପଠାଇବାକୁ ଲିଖିତ ମେସେଜରେ ସବୁ ଅଙ୍ଗନବାଡି କର୍ମୀଙ୍କୁ ସିଡିପିଓଙ୍କ ନିର୍ଦ୍ଦେଶ ବୋଲି ଉଲ୍ଲେଖ ରହିଛି। ତରବରିଆ ଭାବେ କେତେଜଣ ସୁପରଭାଇଜର କେମିତି ଟଙ୍କା ଆଦାୟ କରାଯିବ, ସେଥିପାଇଁ ଲାଗିପଡ଼ିଛନ୍ତି। କେତେଜଣ ଆଗ ଧାଡ଼ିର ଅଙ୍ଗନବାଡି କର୍ମୀ ଗ୍ରୁପ୍ ଲିଡର ସାଜି ପ୍ରତ୍ୟେକ ସେକ୍ଟରରେ ଟଙ୍କା ଆଦାୟ ନିମନ୍ତେ କର୍ମୀଙ୍କ ଉପରେ ଚାପ ପକାଇଛନ୍ତି। ନାମ ଗୋପନ ରଖି କେତେକ କର୍ମୀ ଏତାଦୃଶ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏସବୁ ନେଣଦେଣ ଭିତରେ ସପ୍ଲାୟର, ସୁପରଭାଇଜର ପ୍ରତ୍ୟେକ ସେକ୍ଟରର ଗ୍ରୁପ ଲିଡର ଓ କାର୍ଯ୍ୟାଳୟର ସହଭାଗିତାରେ ବ୍ୟାପକ ଅର୍ଥ ତୋଷରପାତର ହେଉଥିବା ଚର୍ଚ୍ଚା ହେଉଛି। ଚକିତ କଲା ଭଳି କଥା ହେଉଛି ନିଜ ବ୍ୟାଙ୍କ ବହିରୁ ଟଙ୍କା ଉଠାଇ ସପ୍ଲାୟରଙ୍କୁ ଟେକି ଦେଉଥିବା ଅର୍ଥର ସାମାନ୍ୟତମ ଲାଭ ପାଉ ନ ଥିବା କର୍ମୀ କାନମୁଣ୍ଡ ଆଉଁସି ରହିଛନ୍ତି। ଏ ସମ୍ପର୍କରେ ସିଡିପିଓ ରଞ୍ଜୁବାଳା ଦାଶ କିଛି ଜାଣି ନ ଥିବା କହିଛନ୍ତି। ବିଭାଗୀୟ ବ୍ୟବସ୍ଥା ଭିତରେ କିଭଳି ଏମିତି ଅନିୟମିତତା ହୋଇଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ସିଡିପିଓ ଏ ସମ୍ପର୍କରେ କିଛି ନ ଜାଣିବା ଆଉ ସୁପରଭାଇଜରଙ୍କ ଭିନ୍ନ ଭିନ୍ନ ମତ ଯେ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି କରୁଛି, ତାହା ଜଳ ଜଳ ଦିଶୁଛି। ଆଗରୁ ଏହି କାର୍ଯ୍ୟାଳୟର ଏମିତି ବହୁ ଅନିୟମିତତା ଯୋଗୁଁ ବିବାଦ ଘେରକୁ ଆସି ସମଗ୍ର ଜିଲ୍ଲାରେ କାର୍ଯ୍ୟାଳୟର ଭାବମୂର୍ତ୍ତି ମଳିନ ହୋଇଥିବାବେଳେ ପୁଣି ନୂଆ ଏକ ବିବାଦରେ ଛନ୍ଦି ହୋଇ କାର୍ଯ୍ୟାଳୟର ପାରିବାପଣିଆକୁ ପଦାରେ ପକାଇଛି। ଯଦି କାର୍ଯ୍ୟାଳୟର ଏଭଳି ଧାରା ଲାଗି ରହେ, ତେବେ ଶିଶୁଙ୍କ ବିକାଶ ଯେ କେତେ ଫଳପ୍ରଦ ହେବ, ତାହା ଜଳ ଜଳ ଦିଶିଲାଣି। ତେଣୁ ବିଭାଗୀୟ ଜିଲ୍ଲା ଉଚ୍ଚ ପଦାଧିକାରୀ ତଦନ୍ତ କରି ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସମୂହ ଛୁଟିରେ ଗଲେ ଜିଲ୍ଲାର ଓଏଏସ୍



ଢେଙ୍କାନାଳ, ୧୭(ସମିସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ତଥା ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ ଢେଙ୍କାନାଳ ଓଏଏସ ସଂଘ ନିନ୍ଦା କରିଛି। ଆଜିଠାରୁ ଅନିର୍ଦ୍ଧିକାଳ ପାଇଁ ଜିଲ୍ଲାର ସମସ୍ତ ଓଏଓସ ଅଧିକାରୀ ଛୁଟିରେ ରହିଛନ୍ତି। ଏନେଇ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଓଏଏସ ସଂଘ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଘଟଣାରେ ନିନ୍ଦା ପ୍ରସ୍ତାବ ଅଣାଯାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ମଙ୍ଗଳବାର ଠାରୁ ସମସ୍ତ ଓଏଏସ ଅଧିକାରୀ ଛୁଟିରେ ରହିବା ନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିସହ କାର୍ଯ୍ୟାଳୟରେ ଅଧୀକାରୀଙ୍କୁ ସୁରକ୍ଷିତ ଏବଂ କାର୍ଯ୍ୟ କରିବାର ପରିବେଶ ପ୍ରଦାନ୍ ତଥା ଆଗକୁ ଯେଭଳି ଏଭଳି ସମସ୍ୟା ନ ଉପୁଜିବ ସେନେଇ ସଂଘ ଦାବି କରିଛି। ଏହି ବୈଠକରେ ଜିଲ୍ଲାପରିଷଦ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦିପ୍ତି ରଞ୍ଜନ ସେଠୀଙ୍କ ସମେତ ସମସ୍ତ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଜିଲ୍ଲା ଓଆରଏସ ସଂଘ ମଧ୍ୟ ଏହାକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଗିରଫ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଆଇନ ସଚେତନତା ଶିବିର




ଢେଙ୍କାନାଳ, ୧୭(ସମିସ): ସ୍ଥାନୀୟ ବିବି ହାଇସ୍କୁଲରେ ଛାତ୍ରୀମାନଙ୍କୁ ନେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ଶୁଭଙ୍କର ମିଶ୍ର ଅଧ୍ୟକ୍ଷତା କରି ଆର୍ଥିକ ଅନଗ୍ରସର ଥିବା ବ୍ୟକ୍ତି ବିଶେଷ ଏବଂ ଶିଶୁ ଓ ମହିଳା ଆଦି ଅପରାଧରେ ଶିକାର ହେଉଥିବା ପୀଡ଼ିତାମାନଙ୍କୁ ମିଳୁଥିବା ଅନୁକମ୍ପା ରାଶି ଉପରେ ସୂଚନା ଦେଇଥିଲେ। ଏଥିସହିତ ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ଆଇନରେ କିପରି ଜନସାଧାରଣଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ରହିଛି ତାହା ଉପରେ ଆଲୋକପାତ କରିଥିଲେ। ସେମାନଙ୍କୁ ସଚେତନ ହେବା ସହିତ ସେମାନଙ୍କର ଆଖପାଖରେ ଥିବା ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିଶୁ କଲ୍ୟାଣ ସମିତର ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନଙ୍କୁ ପୋକ୍ସ ଆକ୍ଟ, ଜୁଭେନାଇଲ ଜଷ୍ଟିସ ଆକ୍ଟ, କେୟାର ପ୍ରୋଟେକସନ ଆକ୍ଟ ଉପରେ ସବିଶେଷ ତଥ୍ୟ ରଖିବା ସହିତ ବାଳ ଅପରାଧିଙ୍କୁ କିପରି ଯତ୍ନ ଭାବରେ ସେମାନଙ୍କ ମଧ୍ୟରେ ସଂସ୍କାର ବା ପରିବର୍ତ୍ତନ ଅଣାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ। ଏଥିପାଇଁ ଥିବା ଜେଜେ ଆକ୍ଟରେ ଥିବା ଆଇନରେ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଷ କୁମାର ବେହେରା ଯୋଗଦେଇ ଦେଶରେ କାର୍ଯ୍ୟକାରୀ ହେଉଥିବା ତିନି ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ଆଲୋଚନା କରି ଆଇନରେ ଥିବା ବିଭିନ୍ନ ଦିଗ ତଥା ଥାନାରେ କିଭଳି ବିଭିନ୍ନ ଅପରାଧର ଶିକାର ହେଉଥିବା ଜନସାଧାରଣ ଏତଲା ଦେବା ସହିତ ଜିରୋ ଏଫଆଇଆର ଏବଂ ଇ-ଏଫଆଇଆର ଭଳି ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପୋକ୍ସୋ ଆକ୍ଟ ଓ ଜେଜେ ଆକ୍ଟର କାର୍ଯ୍ୟକାରିତାର ଲକ୍ଷ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେବା ସହିତ ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ଶିଶୁମାନଙ୍କର ସୁରକ୍ଷା ସହ ଅପରାଧର ଶିକାରହେଉଥିବା ବ୍ୟକ୍ତି ବିଶେଷଙ୍କୁ ତୁରନ୍ତ ଆଇନର ଆଶ୍ରୟ ନେବା ପାଇଁ ସଚେତନତତା ସୃଷ୍ଟି କରିବା ଉପରେ ଦିଗଦର୍ଶନ ଦେଇଥିଲେ। ଶେଷରେ ବିବି ହାଇସ୍କୁଲର ଶିକ୍ଷୟତ୍ରୀ ଅନୁପମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଦୁଃଖବନ୍ଧୁ ସାହୁ ଏବଂ ରାମଚନ୍ଦ୍ର ସାମଲ ପରିଚାଳନା କରିଥିଲେ।

# ଭୁବନରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି

ଭୁବନ, ୧୭(ସମିସ)

ରାଜ୍ୟ ଭୌଗୋଳିକ ମାନଚିତ୍ରରେ ଭୁବନ ଅନେକ ଗୁରୁତ୍ୱ ବହନ କରେ। ବିଭିନ୍ନ ରାଜ୍ୟ ତଥା ଜିଲ୍ଲାର ଯାତ୍ରୀମାନଙ୍କର ଏଠାକୁ ଯାତାୟାତ ଲାଗି ରହିଥାଏ।

**● ବସ୍‌ଷ୍ଟାଣ୍ଡ ନଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି**



ଅନୁଗୁଳ, ଯାଜପୁରରୋଡ଼, ଢେଙ୍କାନାଳକୁ ପୂର୍ବବିଭାଗ ଓ ଜାତୀୟ ରାଜପଥ ଦ୍ୱାରା ସଂଯୋଗ କରୁଥିବା ମୁଖ୍ୟସହର ହେଉଛି ଭୁବନ। ଏଠାକାର ବସ୍‌ଷ୍ଟାଣ୍ଡଟି ଦିନକୁ ଦିନ ସଙ୍କୁଚିତ ହେବାସହ ଲୋକ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବସ୍‌ଷ୍ଟାଣ୍ଡର ଆବଶ୍ୟକତା ରହିଛି; ହେଲେ ଏଥିପ୍ରତି କାହାର ଦୃଷ୍ଟି ନାହିଁ ବୋଲି ଅଭିଯୋଗ ହେଉଛି। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଯାତ୍ରାପଡ଼ିଆକୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଉଦଳିଆପଶି ଖାତା୪୩୬/୬ ନମ୍ବର ପ୍ଲଟ ୩୦୦୧/୪୦୫୩ ନମ୍ବରରୁ ଅଂଶିକ ଭାବେ ବାଣଜ୍ୟ ଓ ପରିବହନ ବିଭାଗ ଓଡ଼ିଶା ସଡ଼କକୁ ୧ ଏକର ହସ୍ତାନ୍ତର କରାଯାଇଛି। ଯେଉଁଠାରେ ଅସ୍ଥାୟୀ ଭାବେ ଲକ୍ଷ୍ମୀ ବସ୍ ଚାଲୁହେବା ଦିନରୁ ଆଜି ପର୍ଯ୍ୟନ୍ତ ବସ୍‌ର ରହଣି ସ୍ଥଳଭାବେ ବ୍ୟବହାର କରାଯାଉଛି। ଭୁବନ ବ୍ଲକ ଅନ୍ତର୍ଗତ ୧୮ ପଞ୍ଚାୟତର ଗ୍ରାମାଞ୍ଚଳକୁ ଯିବା ପାଇଁ ୭ଟି ରୁଟ୍‌ରେ ବସ୍ ଯାତାୟାତ କରୁଛି। ଲଗାଣ ବର୍ଷା ଯୋଗୁଁ ଏହି ସ୍ଥାନଟି କାଦୁଅରେ ଭର୍ତ୍ତି ହୋଇଯାଇଛି। ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ପୂର୍ବରୁ ଶ୍ମଶାନ ଭାବେ ବ୍ୟବହୃତ ସ୍ଥାନଟିରେ ଏବେ ଗଢ଼ି ଉଠିଛି ୫୦ ବଖରା ଦୋକାନଘର, ଶୌଚାଳୟ। ଅସ୍ଥାୟୀ ବସ୍‌ଷ୍ଟାଣ୍ଡର ଭବିଷ୍ୟତ କଣ ହେବ ତାହା ଭୁବନବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀଘ, ଜିରାଳ, ଓଡ଼ିଶ, ଅନଳ ଜୟପୁର, ବାଲିବୋ ଓ ମୃଦଙ୍ଗା ରୁଟ୍‌ରେ ଚାଲୁଥିବା ୭ଟି ବସ୍‌ରେ ଜନୈକ ୨୦୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଯାତାୟାତ କରୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଦଳିତ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ



ଢେଙ୍କାନାଳ, ୧୭(ସମିସ): କାମାକ୍ଷାନଗର ବ୍ଲକ ଅଧୀନ ବେଢ଼ାପାଳ ଗ୍ରାମର ଦଳିତ ସମ୍ପ୍ରଦାୟ ମହିଳାମାନଙ୍କୁ ଉକ୍ତ ଗ୍ରାମର ସବର୍ଣ୍ଣ ବ୍ୟକ୍ତିମାନେ ଦୁର୍ବ୍ୟବହାର କରିଥିବା ନେଇ ମଙ୍ଗଳବାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଗ୍ରାମର ବହୁ ମହିଳା ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର ସବର୍ଣ୍ଣ ବ୍ୟକ୍ତିମାନେ ଦଳିତ ମହିଳାମାନେ ସାହିଦେଇ ଫେରୁଥିବା ବେଳେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦେବା ସହ ଧମକାଇ ଭୟଭୀତ କରିଥିବା ଅଭିଯୋଗ କରିଛନ୍ତି। ଏସମ୍ବନ୍ଧରେ ସାହିର ମୁରବୀ ଲୋକମାନଙ୍କୁ ଜଣାଇବାରୁ ସବର୍ଣ୍ଣ ଲୋକମାନେ ବହୁ ସଂଖ୍ୟାରେ ଅଛନ୍ତି ତେଣୁ ଆମ୍ଭେ ତାଙ୍କୁ ପାରିବା ନାହିଁ ଏବଂ ଆଇନର ଆଶ୍ରୟ ନେବା ବୋଲି କହିଥିଲେ। ପୂର୍ବରୁ ଦଳିତ ସାହିର ଲୋକମାନେ କେଉଁ ଆବାହମାନ କାଳରୁ ଗ୍ରାମମୁଣ୍ଡରେ ଥିବା ସରକାରୀପଡ଼ିଆ ଉପରେ କେତେକ ଦରକାରୀ ଗଛ ଲଗାଇବା ସହ କିଛି ଅଳ୍ପ ଭୂମିକୁ ଚାଷ ଉପଯୋଗୀ କରି ସେଥିରୁ ଉତ୍ପାଦିତ ପଦାର୍ଥରେ ସାହିର ଚୈତନ୍ୟ ଠାକୁର, ଶନି ଠାକୁର ଓ ମଙ୍ଗଳା ମନ୍ଦିରର ପୂଜାକାମରେ ଲଗାଇ ଆସୁଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଗଛ ଓ ଚାଷ ଜମିକୁ ଜେସିବି ଲଗାଇ ତାଡ଼ି ନଷ୍ଟ କରୁଥିଲେ। ଏହାର ପ୍ରତିବାଦ କରିବାରୁ ଏଭଳି ଘଟଣା ଘଟିଥିବା କହିଛନ୍ତି। ଦଳିତ ସାହିକୁ ପାଣି ଛାଡୁନାହାଁନ୍ତି, ଇଲେକ୍ଟ୍ରିକ ଲାଇନ କାଟି ଦେଉଛନ୍ତି ଏବଂ ଭାଗଚାଷ ବନ୍ଦ କରି ଗାଇଗୋରୁଙ୍କୁ ଚରିବା ପାଇଁ ମନା କରୁଛନ୍ତି। ପିଲାମାନେ ପାଠପଢ଼ି ନଯିବା ଓ ଅନ୍ୟାନ୍ୟ ମନ୍ଦିର ବାରଣ କରୁଛନ୍ତି। ତେଣୁ ଆଇନର ଆଶ୍ରୟ ନେବା ପାଇଁ ଗ୍ରାମର ମହିଳାମାନେ ଉପାୟ ଶୂନ୍ୟ ହୋଇ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗ ପ୍ରଦାନ ବେଳେ ଗ୍ରାମର ମହିଳା ସୁବାଷିନୀ ମଲ୍ଲିକ, ଦେବସୀ ମଲ୍ଲିକ, ନିରୁପମା ମଲ୍ଲିକ, ଯଶୋଦା ମଲ୍ଲିକ, ମାନିନୀ ମଲ୍ଲିକ, କାଞ୍ଚନ ମଲିକ, ଜ୍ୟୋତ୍ସ୍ନା ମଲିକଙ୍କ ସମେତ ବହୁ ମହିଳା ଓ ପୁରୁଷଙ୍କ ସହିତ ଦଳିତ ନେତା ଶ୍ରୀକାନ୍ତ ମଲ୍ଲିକ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକ ଅନନ୍ତ ନାରାୟଣ ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଗଁଦିଆ, ୧୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ପୁରୁଣାଅମାଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ନାରାୟଣ ଶତପଥୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ନୂଆଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁଗଳ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ମହେଶ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ, ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ବିଜୟ କୁମାର ସାମନ୍ତ, ଶ୍ରୀଧର ସ୍ୱାମୀ ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ, ଦେବବ୍ରତ ନାଥ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକନେତା ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ଅରୁଣ ଉଦୟ ସ୍ୱାଇଁ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବୀରକିଶୋର ନାୟକ, ନକୁଳ ଚନ୍ଦ୍ର ଶତପଥୀ, ସଞ୍ଜୟ କୁମାର ସାମନ୍ତ, ଦୁର୍ଯ୍ୟୋଧନ ସାହୁ, ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସାମନ୍ତ, ବିଦ୍ୟାଧର ପରିଡ଼ା, ଅଲେଖ ଚନ୍ଦ୍ର ବେହେରା, ପ୍ରଧାନଶିକ୍ଷକ ପବନା ମହାଳିକ, ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ, ସହକାରୀ ଶିକ୍ଷକ ଦିନେଶ ବେହେରା, ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ସହିତ ଲହଡା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ହିନ୍ଦି ଶିକ୍ଷକ ପ୍ରହଲ୍ଲାଦ ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ମଲ୍ଲିକ, ଶିକ୍ଷକ ସୂର୍ଯ୍ୟମଣି ବେହେରାଙ୍କ ସହିତ ପରିଚାଳନା ପରିଷଦ ସଭାପତି ପ୍ରସନ୍ନ ରାଉତ ପ୍ରଧାନଶିକ୍ଷକଙ୍କ ବିଦ୍ୟାଳୟ ପ୍ରତିଥିବା ଅକୁଣ୍ଠ ସହଯୋଗର ବର୍ଣ୍ଣନା କରିଥିଲେ। ଶିକ୍ଷକ ନେତା ଅମୀୟ କୁମାର ପତି ହିନ୍ଦୋଳରେ ଶିକ୍ଷକଙ୍କ କାର୍ଯ୍ୟାବଳୀର ଉଦାହରଣ ଦେଇଥିଲେ। ନିହଳପ୍ରସାଦ, ପିଙ୍ଗୁଆ ଓ ଲହଡ଼ାର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ବିଦ୍ୟାଳୟ ତରଫରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସମୟରେ ଶ୍ରୀ ଶତପଥୀଙ୍କ ସହିତ ତାଙ୍କ ସହଧର୍ମିଣୀ ଜ୍ୟୋସ୍ନାରାଣୀ ମିଶ୍ର ଓ ସମସ୍ତ ପରିବାରବର୍ଗ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଜୟ କୁମାର ବାନରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ।



# ଶ୍ରୀ ଗୁଣ୍ଡିଚା ମନ୍ଦିରରେ ହେରା ପଞ୍ଚମୀ ନୀତି



ପରଜଙ୍ଗ, ୧୭(ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବଜାରରେ ରହିଥିବା ଶ୍ରୀ ଗୁଣ୍ଡିଚା ମନ୍ଦିରରେ ପବିତ୍ର ହେରା ପଞ୍ଚମୀ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ଦିନ ବ୍ୟାପୀ ଶ୍ରଦ୍ଧାଳୁ ଓ ଭକ୍ତମାନେ ମନ୍ଦିରକୁ ଆସି ଦର୍ଶନ ଏବଂ ପୂଜାର୍ଚ୍ଚନା କରି ମହାପ୍ରଭୁଙ୍କ କୃପା ଲାଭ କରିଥିଲେ। ସନ୍ଧ୍ୟା ସମୟରେ ମହିଳା ଓ ପୁରୁଷମାନଙ୍କ ନାମ ସଙ୍କୀର୍ତ୍ତନରେ ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା। ରାତ୍ର ୯ ଘଟିକା ସମୟରେ ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ଆୟୋଜନ କରାଯାଇଥିଲା। ହେରା ପଞ୍ଚମୀ ଉପଲକ୍ଷେ ମନ୍ଦିରର ମୁଖ୍ୟ ପୂଜକ ବସନ୍ତ କୁମାର ଦାସ, ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ, ବିନୟ କୁମାର ଦଳବେହେରା, ରଞ୍ଜନ କୁମାର ଦଳବେହେରା, ସାରଦା ପ୍ରସନ୍ନ କବି, ମହେଶ୍ୱର ପରିଡ଼ା, ଦାମୋଦର ବାରିକ ସମେତ ଗ୍ରାମବାସୀ, ବ୍ୟବସାୟୀ ପ୍ରତିଷ୍ଠାନ ଓ ଅନ୍ୟଶ୍ରଦ୍ଧାଳୁ ଭକ୍ତମାନଙ୍କ ସହଯୋଗରେ ଶୃଙ୍ଖଳାର ସହ ହେରାପଞ୍ଚମୀ ପାଳିତ ହୋଇଯାଇଛି।

# ଜିଏମ୍‌ଆର୍ ପରିସରରେ ରକ୍ତଦାନ ଶିବିର

**■ ୨୯୮ ୟୁନିଟ୍ ସଂଗ୍ରହ**

ଢେଙ୍କାନାଳ, ୧୭(ସମିସ): ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଅଧୀନ କମଳାଙ୍ଗରୁ କମଳାଙ୍ଗ ଏନର୍ଜି ଲିମିଟେଡ ପକ୍ଷରୁ ମଙ୍ଗଳବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିକେଏଲ ଓ ଏହାର ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଜିଏମଆର ଭରଲକ୍ଷ୍ମୀ ଫାଉଣ୍ଡେସନ, ଜିଲ୍ଲା ବ୍ଲଡ ବ୍ୟାଙ୍କର (ଢେଙ୍କାନାଳ) ର ମିଳିତ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରୁ ମୋଟ ୨୯୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିକେଏଲ ପ୍ଲାଣ୍ଟ ହେଡ ମନୋଜକୁମାର ମିଶ୍ର ଏହି ଶିବିରକୁ ଉଦଘାଟନ କରିଥିଲେ ଓ ନିଜେ ରକ୍ତଦାନ କରି ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଜିଏମଆର କର୍ମଚାରୀ ରକ୍ଷା ସିକ୍ୟୁରିଟି, ଅଗ୍ନିସମ କର୍ମଚାରୀ, ଜିଏମଆର ଡିଏଭି ପବ୍ଲିକ ସ୍କୁଲ କର୍ମଚାରୀମାନେ ରକ୍ତଦାନ କରିଥିଲେ। ଜିଏମଆର ଏନର୍ଜି (ଥର୍ମାଲ) ଲିମିଟେଡ ସିଓଓ ଧନଞ୍ଜୟ ଦେଶପାଣ୍ଡେ ସମସ୍ତ ରକ୍ତଦାତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନର ଏହି ମହାନ କାର୍ଯ୍ୟକୁ ଜାରୀରଖିବା ପାଇଁ ପରମର୍ଶ ଦେଇଥିଲେ। ଜିଲ୍ଲାରେ ଜିକେଏଲ ଏକମାତ୍ର ଲଗାତର ଭାବେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ସ୍ଥାନୀୟ ପ୍ରଶାସନ ଠାରୁ ପୁରସ୍କୃତ ହୋଇଆସୁଛି।




## ୭୬ତମ ବନ ମହୋତ୍ସବ ସପ୍ତାହ

# ‘ବୃକ୍ଷ ହିଁ ଜୀବନର ପ୍ରକୃତ ବନ୍ଧୁ’




ଢେଙ୍କାନାଳ, ୧୭(ସମିସ)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍ ଏବଂ ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ କଲେଜ ପରିସରରେ ସଚେତନତା ସହ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ ଚାରାରୋପଣ ସହ ଏହାର ଯତ୍ନନେବା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ଫାଉଣ୍ଡେସନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମ ପାଇଁ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ସାମିଲ ହୋଇ ଅନୁଷ୍ଠାନର କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ଉଇଲସନ୍ ଭାତ୍ରା ସଭା ପରିଚାଳନ କରିଥିଲା ବେଳେ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଡ. ଦେବରାଜ ପରିଡ଼ା, ଗୁରୁଦେବଜୀ ଫାଉଣ୍ଡେସନର ମାଷ୍ଟର ସୌମ୍ୟବ୍ରତ ସାହୁ, ମହାବିଦ୍ୟାଳୟର ଯୁକ୍ତ ୨ କାର୍ଯ୍ୟକ୍ରମ ଅଧିକାରିଣୀ ବିଦୁସି ମଧୁସ୍ମିତା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ରେଡ୍‌ଡୋନର କ୍ଲବର ସଂଯୋଜକ ରାଜେଶ ବେହେରା ଓ ଶକ୍ତିବାହିନୀର ତ୍ରିଶା ମହାନ୍ତି ଓ ମଧୁସ୍ମିତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୌମ୍ୟବ୍ରତ ସାହୁ ଉପସ୍ଥିତ ରହି ଚାରାରୋପଣ କରିବା ସହିତ ବୃକ୍ଷ ହିଁ ପ୍ରକୃତ ଜୀବନ ବନ୍ଧୁ ବୋଲି ମତପ୍ରକାଶ କରିଥିଲେ। ତେଣୁ ଆଜି ଠାରୁ ଆସନ୍ତୁ ଆମେ ଗୋଟିଏ ଗୋଟିଏ ଗଛ ଲଗାଇ ପ୍ରକୃତ ଅମ୍ଳଜାନ ସୃଷ୍ଟି କରିବା ପାଇଁ ଅନୁରୋଧ କରିଥିଲେ। ମହୋତ୍ସବରେ ୧୦୦୦ରୁ ଊର୍ଦ୍ଧ୍ୱ ଚାରା ଜିଲ୍ଲାର ସମସ୍ତ ବ୍ଲକରେ ଲାଗିବ ବୋଲି ଫାଉଣ୍ଡେସନ ପକ୍ଷରୁ ପ୍ରକାଶ କରାଯାଇଛି। କାର୍ଯ୍ୟକ୍ରମକୁ ଫାଉଣ୍ଡେସନ ଓ ଏନଏସଏସର ସ୍ୱେଚ୍ଛାସେବୀ, ଗ୍ରୀନ ସ୍ୱରେଡ଼ର କ୍ଲବର ସଂଯୋଜକ ସତ୍ୟଜିତ ଦଳେଇ ପରିଚାଳନା କରିଥିବା ବେଳେ ମହାଦେବବାହିନୀର ବିଶ୍ୱଜିତ ବେହେରା ସମସ୍ତ ଉପସ୍ଥିତ ସଦସ୍ୟ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ୭୬ତମ ବନ ମହୋତ୍ସବ ୨୦୨୫ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଗତ ୧ ତାରିଖରୁ ଆରମ୍ଭ ହୋଇଛି। ଗୁରୁଦେବଜୀ ଫାଉଣ୍ଡେସନ ଗ୍ରୀନ୍ ସ୍ୱରେଡ଼ର୍ କ୍ଲବ ପକ୍ଷରୁ ଆୟୋଜିତ ସବୁଜ ଯାତ୍ରାରେ ସାମିଲ ହେବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଆଲୋଚନାରେ ‘ଗୋଟିଏ କଥା ମନେ ରଖ ହେ ସ୍ୱାର୍ଥୀ ମଣିଷ, ଗଛ କେବେ ବେଇମାନି କରିନି’ ଏବଂ ‘ଜୀବ ଥିବା ପର୍ଯ୍ୟନ୍ତ ତୁମର ସାଥିରେ ରହି ସେବା କରୁଛି, ଶେଷରେ ତୁମର ଶବ ବି ଦାହ କରୁଛି’। ସବୁଜଯାତ୍ରାରେ ଯାତ୍ରୀ ହେବାକୁ ଚାରାରୋପଣ ପାଇଁ ଆଗେଇ ଆସିବା ସହ ଆମକୁ ସହଯୋଗ କରନ୍ତୁ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ବନ ମହୋତ୍ସବ ୧୧ ତାରିଖ ଦିନ ଶେଷ ହେବ ଏବଂ ସେଥିପାଇଁ ସମସ୍ତ ପ୍ରକୃତି ପ୍ରେମୀ ତଥା ବୃକ୍ଷ ପ୍ରେମୀମାନଙ୍କୁ ଏହି ଯାତ୍ରାରେ ସାମିଲ ହେବାକୁ ନିବେଦନ କରାଯାଇଛି।



# ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନର ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀ



ଢେଙ୍କାନାଳ, ୧୭(ସମିସ): ସ୍ଥାନୀୟ ରାଜବାଟୀ ଚୌକସ୍ଥିତ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନ ପରିସରରେ ସଂଗଠନର ଜିଲ୍ଲାସ୍ତରୀୟ କର୍ମୀ ସମ୍ମିଳନୀ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ସକାଳ ମାତୃ ପତାକା ଉତ୍ତୋଳନ କରାଯାଇ ବନ୍ଦେ ମା’ ତରମ୍ ଗାନ କରାଯାଇଥିଲା। ଏହାପରେ ସାଧାରଣ ସଭାର ଆରମ୍ଭ କରିବା ପୂର୍ବରୁ ଦୁର୍ଗା ସ୍ତୋତ୍ର ପାଠ କରିଥିଲେ ଗୀତାଞ୍ଜଳି ଅପା, ମାତୃ ବନ୍ଦନା ଗାନ କରିଥିଲେ ରାନୁ ଅପା ଓ ବିଜୟ ଲକ୍ଷ୍ମୀ ଅପା, ମା’ ପୁସ୍ତକର ୬ଷ୍ଠ ଅଧ୍ୟାୟ ଶେଷ ପାରା ପାଠ କରିଥିଲେ ପ୍ରଣତୀ ଅପା। ସଂଗଠନର ମୁଖପତ୍ର ଦିବ୍ୟ କରୁଣାକୁ ସାଧକ ପ୍ରସାଦ ତ୍ରିପାଠୀ ଉନ୍ମୋଚନ କରିଥିଲେ। ପଞ୍ଚାୟତ ସ୍ତରରେ ସଂଗଠନମାନଙ୍କ ଭିତରେ ପଞ୍ଚାୟତରୁ ସକୁନ୍ତଳା ବେହେରା, ସୁଣ୍ଡେଇ ପଞ୍ଚାୟତର ରୀନାରାଣୀ ଅପା, ଗୁଣଦେଇ ପଞ୍ଚାୟତରୁ ସନ୍ତୋଷ ଭାଇ, ଜରଡା ପଞ୍ଚାୟତର ବିମଳ ଭାଇ, କଣ୍ଟାପାଳ ରୁ ଟଙ୍କଧର ଭାଇ, ବ୍ଲକ ସଂଗଠକମାନଙ୍କ ମଧ୍ୟରେ ସବିତା ଅପା, ଦୀନବନ୍ଧୁ ଭାଇ, ରତ୍ନପ୍ରଭା ଅପା, ଦଶକର୍ମଧାରାରୁ ମେଘନାଦ ଭାଇ, ରାଜଶ୍ରୀ ଅପା, ଅଜୟ ଭାଇ ପ୍ରଭୃତି ନିଜ ନିଜର ବକ୍ତବ୍ୟକୁ ଉପସ୍ଥାପନ କରିଥିଲେ। ପରେ ମାତୃସାଧକ କପିଳାସ ପ୍ରସାଦ ଦାସ, ସାଧକ ପ୍ରସାଦ ତ୍ରିପାଠୀ ଶ୍ରୀ ମା’ଶ୍ରୀ ଅରବିନ୍ଦଙ୍କ ଆଧ୍ୟାତ୍ମିକ ଜୀବନ ଓ କୃପାପ୍ରାପ୍ତ ବିଷୟରେ ସୁଚିନ୍ତିତ ବକ୍ତବ୍ୟମାନ ପ୍ରଦାନ କରିଥିଲେ। ସଂଗଠନର ସଂଗଠିକା ସୁଲୋଚନା ସାହୁ ତାଙ୍କର ବିବରଣୀ ପାଠ କରିଥିଲେ। ଅକ୍ଷୟ କୁମାର ବିଶ୍ୱାଳ ଜୋନାଲ୍ ସଂଗଠକ ତାଙ୍କର ବିବରଣୀ ପାଠ କରିଥିଲେ। ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ ଦଶକର୍ମଧାରା ସାହିତ୍ୟ ପରିଷଦର ସଦସ୍ୟ ତଥା ଅନୁଷ୍ଠାନର ସମ୍ପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ନିରଞ୍ଜନ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ମାତୃଭକ୍ତମାନଙ୍କୁ ମା’ଙ୍କ ବାଣୀ ସହ ପୁସ୍ତକ ‘ଦିବ୍ୟ କରୁଣା’କୁ ବଣ୍ଟନ କରାଯାଇଥିଲା। ପ୍ରସାଦସେବନ କାର୍ଯ୍ୟକ୍ରମ ପରେ ଅପରାହ୍ନ ୫ଟା ସମୟରେ ମାତୃ ପତାକା ଅବତରଣ କରାଯିବା ପରେ ଏହି ଦିବସୀୟ କାର୍ଯ୍ୟକ୍ରମକୁ ସାଙ୍ଗ କରାଯାଇଥିଲା ଏବଂ ସମସ୍ତଙ୍କୁ ଜଗଦ୍‌ଜନନୀ ମା’ଙ୍କର ଆଶୀର୍ବାଦ ପ୍ରଦାନ କରିବା ପରେ ସମସ୍ତେ ବିଦାୟ ନେଇଥିଲେ।

# ଏଲ୍‌ଏଲ୍‌ବି ପାଇଁ ଆରମ୍ଭ ହେଲା ଆବେଦନ


ଭୁବନେଶ୍ୱର,୧।୭ (ସମିସ): ୩ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ, ୧୬ରେ ସଂଶୋଧନ କରିପାରିବେ।ଜୁଲାଇ୨୧ତାରିଖରେ ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେବା ସହ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ।୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାୟୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମଲେଖା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ହେବ ନାହିଁ। ମାର୍କ ଓ ସଂରକ୍ଷଣ ଆଧାରରେ ଚୟନ କରାଯିବ। ସୂଚନାଯୋଗ୍ୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ୟୁନିଭର୍ସିଟି ଆଇନ୍ ମହାବିଦ୍ୟାଳୟ ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟରେ ପଢ଼ିବା ପାଇଁ ଏହି ନାମଲେଖା ପ୍ରକ୍ରିୟା ହେବ।

**ଅଗଷ୍ଟ ୧୧ରୁ ପାଠପଢ଼ା**

# ଆମେରିକା ଓ ବୁଲଗେରିଆର ଦୁଇ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ବୁଝାମଣା

ଭୁବନେଶ୍ୱର,୧।୭ (ସମିସ): ଶୈକ୍ଷିକ ସହଯୋଗ ନେଇ ବିଶ୍ୱର ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ କିଟ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଆଭାସୀ ମାଧ୍ୟମରେ ଆମେରିକାର ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ଓ ବୁଲଗେରିଆର ବର୍ଗାସ୍ ମୁକ୍ତ ବିଶ୍ୱବିଦ୍ୟାଳୟ ସହ କିଟ୍ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ଏବଂ ସଦ୍‌ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି।

ଏହି ବୁଝାମଣା ଉଭୟ କିଟ୍ ଓ ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ମଧ୍ୟରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ମିଳିତ ଗବେଷକ ବିନିମୟ ସହ ଅନେକ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ସହଜ କରିବ। ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଗବେଷଣା, ଶିକ୍ଷାଗତ ପ୍ରକାଶନ ବିନିମୟ, ଗ୍ରୀଷ୍ମ ଏବଂ ଶୀତକାଳୀନ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ସହ ଅନ୍ୟାନ୍ୟ ପାରସ୍ପରିକ ସମ୍ମତିଭିତ୍ତିକ ଶିକ୍ଷାଗତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟରେ ମଧ୍ୟ ସହଯୋଗ କରିବେ।



କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଏହି ବୁଝାମଣା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।

ଆମେରିକାନ ୟୁନିଭର୍ସିଟି ଅଫ୍ ମାଲଟାର ସଭାପତି ପ୍ରଫେସର ଇଆନ୍ ରୋବସନ୍, ମାଲଟାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗେ, ବୁଲଗେରିଆର ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର୍ ମିଲେନ ବାଲଟୋଭ, କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର୍ ଶରଣଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୁଚିତ ହେଉଛି ଭକ୍ତର ଅଧିକାର

# ଆଉ ଛୁଇଁ ହେବନି ଅରୁଣ ସ୍ତମ୍ଭ

ପୁରୀ,୧।୭ (ସମିସ): ଭକ୍ତର ଅଧିକାର ସଂକୁଚିତ ହେବାରେ ଲାଗିଛି। ଶୃଙ୍ଖଳା ଏବଂ ସଂସ୍କାର ପାଇଁ ହିଁ ପ୍ରଥମେ ଭକ୍ତଙ୍କୁ ଉତ୍ସର୍ଗ କରିବାକୁ ପଡୁଛି। ଶ୍ରୀମନ୍ଦିର କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ଅଧିକାର ହରାଇବାରେ ଲାଗିଛନ୍ତି ଶ୍ରଦ୍ଧାଳୁ। ଏବେ ପୁଣି ଏକ ଭକ୍ତର ଅଧିକାର ଉପରେ କୁଠାରାଘାତ। ଏଣିକି ଅରୁଣସ୍ତମ୍ଭ ଛୁଇଁପାରିବେ ନାହିଁ ଭକ୍ତ, ଯାହାକୁ ନେଇ ଭକ୍ତ ସେବାୟତଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅରୁଣ ସ୍ତମ୍ଭ ହେଉଛି ଆସ୍ଥା ଓ ବିଶ୍ୱାସର ପ୍ରତୀକ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁ ପ୍ରଥମେ ସିଂହଦ୍ୱାର ସମ୍ମୁଖରେ ଥିବା ଅରୁଣସ୍ତମ୍ଭ ଦର୍ଶନ ଓ ସ୍ପର୍ଶ ସହ ପ୍ରଣିପାତ କରିଥା'ନ୍ତି। ଏହାପରେ ମନ୍ଦିରକୁ ପ୍ରବେଶ କରିଥା'ନ୍ତି। କେବଳ ଭକ୍ତ ନୁହଁନ୍ତି, ସେବାୟତ ମଧ୍ୟ ଏହାକୁ ପ୍ରଥମେ ଦର୍ଶନ ଓ ପ୍ରଣିପାତ କରିଥା'ନ୍ତି। ତେବେ ବ୍ରିଟିଶ ସମୟରୁ ଅରୁଣସ୍ତମ୍ଭ ଲୁହାବାଡ଼ ଦ୍ୱାରା ଘେରି ରହିଥିଲା। ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ କାଢ଼ି ପିତ୍ତଳ ବ୍ୟାରିକେଡ୍ ଲଗାଯାଇଛି। ଅରୁଣସ୍ତମ୍ଭର ସୁରକ୍ଷା ଓ ଦୀର୍ଘସ୍ଥାୟୀ ପାଇଁ ଏହି ପିତ୍ତଳ ବ୍ୟାରିକେଡ୍ ଲଗାଯାଇଥିବା କୁହାଯାଇଛି। ହେଲେ ଏହାଦ୍ୱାରା ଶ୍ରଦ୍ଧାଳୁମାନେ ଆଉ ପୂର୍ବ ପରି ଅରୁଣ ସ୍ତମ୍ଭକୁ ସ୍ପର୍ଶ କରିପାରୁନାହାନ୍ତି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ପ୍ରଶାସନ ଯଦି ଏଭଳି ବିଧି ପରମ୍ପରା ସହ ଜଡ଼ିତ ନିଷ୍ପତ୍ତି ନେବାକୁ ଚାହିଁଥିଲା କିନ୍ତୁ ଏନେଇ କୌଣସି ସେବାୟତଙ୍କ ସହ ଆଲୋଚନା କରିନାହିଁ। ଏପରିକି ଚୁନରା ସେବାୟତଙ୍କ ସହିତ ମଧ୍ୟ ଆଲୋଚନା ହୋଇନାହିଁ। ପ୍ରାୟ ୪ଫୁଟ୍ ଉଚ୍ଚର ପିତ୍ତଳ ବ୍ୟାରିକେଡ୍ ଲଗାଯିବା ଦ୍ୱାରା ଅଧିକାଂଶ ଭକ୍ତ ଆଉ ଅରୁଣସ୍ତମ୍ଭ ସ୍ପର୍ଶ କରିପାରୁନାହାନ୍ତି। ଏହା ସେମାନଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଛି। ଏ ସମ୍ପର୍କରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ଏ ନେଇ ଆଲୋଚନା କରିବେ।



ସୂଚନାଥାଉ କି, ୩୪ଫୁଟ୍ ଉଚ୍ଚ ଏହି ଶିଳାସ୍ତମ୍ଭ ପୂର୍ବରୁ କୋଣାର୍କ ମନ୍ଦିରର ଶୋଭାବର୍ଦ୍ଧନ କରୁଥିଲା। ୧୬ କୋଣୀ ଏହି ଶିଳାସ୍ତମ୍ଭର ଉପରି ଭାଗରେ ସୂର୍ଯ୍ୟ ଦେବତାଙ୍କୁ ପ୍ରାର୍ଥନା କରିବା ମୁଦ୍ରାରେ ଅରୁଣଙ୍କ ମୂର୍ତ୍ତି ରହିଛି। ଅରୁଣଙ୍କ ସମାନ ଉଚ୍ଚତାରେ ବଡ଼ଦେଉଳ ରତ୍ନବେଦୀ ରହିଛି ବୋଲି କୁହାଯାଏ। ଅଷ୍ଟାଦଶ ଶତାବ୍ଦୀରେ ତତ୍କାଳୀନ ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନ କାଳରେ କୋଣାର୍କରୁ ସ୍ଥାନାନ୍ତର ହୋଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶୋଭା ପାଉଛି ଅରୁଣସ୍ତମ୍ଭ।

# ରାଜପଥରେ ଟ୍ୟାଙ୍କର୍‌ରୁ ଗ୍ୟାସ୍ ଲିକ୍

## ଲୋକେ ଭୟଭୀତ; ଅଟକି ରହିଛି ବହୁ ଗାଡ଼ି

ସାରସକଣା/ଜାମଶୋଳା, ୧।୭ (ସମିସ): ସାରସକଣା ବ୍ଲକ୍ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଜାମଶୋଳା ନିକଟ ଜିଓ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ପ୍ରୋପିଲିନ୍ ଗ୍ୟାସ୍ ଭର୍ତ୍ତି ଟ୍ୟାଙ୍କର୍‌ରୁ ଗ୍ୟାସ୍ ଲିକ୍ ହେବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଓଡ଼ିଶା-ଝାଡ଼ଖଣ୍ଡ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଧାରା ୧୬୩ ଜାରି କରାଯାଇଛି। ଏହି ଗ୍ୟାସ୍ ବିଷାକ୍ତ କି ସାଧାରଣ, ତାହା ଜାଣିବା ପାଇଁ ବାଲେଶ୍ୱରରୁ ବିଶେଷଜ୍ଞଙ୍କୁ ଡକାଯାଇଛି। ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ବ୍ୟବସ୍ଥା କରାଯିବା ସହ ୨କିମି ଯାଏ ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଏହାସହ ସ୍ଥାନୀୟ ଲୋକଙ୍କୁ ଘରୁ ନ ବାହାରିବାକୁ ନିବେଦନ କରାଯାଇଛି। ଶାନ୍ତି ଏବଂ ସହଯୋଗ ବଜାୟ ରଖିବା ସହ ଗୁଜବରେ ଧ୍ୟାନ ନଦେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅପରପକ୍ଷେ, ଏଥିଯୋଗୁଁ ରାଜପଥରେ ଶହଶହ ଯାନବାହନ ଅଟକି ରହିଛି। ବାହାରାଗୋଡ଼ା ଥାନା ପ୍ରଭାରୀ ଏବଂ ଜୋନାଲ ଅଧିକାରୀ ସକାଳଠାରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି।

■ +୩ ତୃତୀୟ ରାଉଣ୍ଡ ମେଧା ତାଲିକା

# ୨ ରାଉଣ୍ଡ ପରେ ନାମଲେଖାରୁ ଦୂରେଇ ରହିଲେ ୫୦% ପିଲା


ଭୁବନେଶ୍ୱର, ୧।୭ (ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୯,୮୧୮ ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୦୨୩ ଛାତ୍ର ଥିବା ବେଳେ ୨୮,୭୯୨ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ପୂର୍ବପରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି। କଳା, ବିଜ୍ଞାନ ସମେତ ବାଣିଜ୍ୟରେ ସର୍ବାଧିକ କଟ୍-ଅଫ୍ ଯାଇଛି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଫ୍ରିଜ୍ ଅପସନ୍ ଦେଇ ନାମ ଲେଖାଇବାକୁ ବାଧ୍ୟ। ଅନ୍ୟଥା ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ। ଅପରପକ୍ଷେ, ପ୍ରଥମ ଦୁଇଟି ରାଉଣ୍ଡରେ ମୋଟ୍ ୨ଲକ୍ଷ ୨୧ହଜାର ୨୨୪ ପିଲା ଚୟନ ହୋଇଥିବା ବେଳେ ମାତ୍ର ୧ଲକ୍ଷ ୯ ହଜାର ୪୦୦ ଜଣ ନାମ ଲେଖାଇଛନ୍ତି। ଅର୍ଥାତ୍ ୫୦%ରୁ ଅଧିକ ପିଲା ନାମ ଲେଖାଇନାହାନ୍ତି। ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୪ ତାରିଖ ମଧ୍ୟରେ ନାମ ଲେଖାଇପରିବେ। ଏହା ପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ ତାରିଖରେ ଇ-ସ୍ପେସ୍‌ରେ ଓ ୧୩ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

**ନାମଲେଖା ପାଇଁ ୪୯,୮୧୮ ଚୟନ**

# ଇସ୍ରୋ ବୁଲିଲେ ସୌମ୍ୟ ଓ ପ୍ରୀତିକା

ଢେଙ୍କାନାଳ,୧।୭ (ସମିସ): ତାଳଚେର ଏମ୍‌ସିଏଲ ସ୍ଥିତ ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ପ୍ରୀତିକା ପ୍ରିୟଦର୍ଶିନୀ ଏବଂ ଅନୁଗୋଳ ଜିଲ୍ଲା ବଁଅରପାଳସ୍ଥିତ ପଞ୍ଚଗଡ଼ ବିଜୟ କୁମାର (ପିବିକେ) ସରକାରୀ ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ସାହୁ ବେଙ୍ଗାଲୁରସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରିଛନ୍ତି। ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱର୍କ (ଇଷ୍ଟ୍ରାକ) ଏବଂ ୟୁଆରଓ ସାଟେଲାଇଟ ସେଣ୍ଟର (ୟୁଆରଏସସି) ପରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଟାଟାଷ୍ଟିଲ୍ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ) ୨୦୨୪ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ୨ ଛାତ୍ରଛାତ୍ରୀ ମନୋନୀତ ହୋଇ ଇସ୍ରୋ ପରିଭ୍ରମଣର ସୁଯୋଗ ପାଇଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଉପସଚିବ ଏବଂ ପଠାଣିସାମନ୍ତ ପ୍ଲାନେଟୋରିୟମର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା ଏବଂ ଟାଟାଷ୍ଟିଲର ଅଧିକାରୀଙ୍କ ସହିତ ଛାତ୍ରଛାତ୍ର ଓ ସେମାନଙ୍କ ଅଭିଭାବକମାନେ ୨୦୨୫ ମେ' ୨୪ରେ ବେଙ୍ଗାଲୁର ଯାତ୍ରା କରିଥିଲେ। ୨୦୨୫ ମେ' ୨୮ରେ ପରିଭ୍ରମଣ ସାରି ଫେରିଥିଲେ। ତାଳଚେରର ଆଲୋକକୁମାର ସାହୁ ଏବଂ ପ୍ରଭାତୀ ସାହୁଙ୍କ ଝିଅ ପ୍ରତିକା କହିଛନ୍ତି, ମୂଲ୍ୟାୟନରୁ ଆରମ୍ଭ କରି ପରିଦର୍ଶନ ପର୍ଯ୍ୟନ୍ତ ସମଗ୍ର ଯାତ୍ରା ବେଶ୍ ଉତ୍ସାହଜନକ ଥିଲା। ଏଥିରୁ ଅନେକ ଜ୍ଞାନ ଆହରଣ କରିପାରିଛୁ।





# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୬୫ ● ପାଉଣ୍ଡ ୧୧୭.୭୧
- ୟୁରୋ ୧୦୧.୮୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୯,୩୧୩ (ନୂଆଦିଲ୍ଲୀ)
- ରୁପା : ୧,୧୨,୬୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୬୯୭.୦୦
- ନିଫ୍ଟି ୨୫,୫୪୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପ୍ରତି ଭାରତୀୟଙ୍କ ମୁଣ୍ଡରେ ୪.୮ ଲକ୍ଷ ଋଣ

ନୂଆଦିଲ୍ଲୀ,୧।୭ (ଏଜେନ୍ସି)

ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡପିଛା ହାରାହାରି ଋଣ ୪.୮ ଲକ୍ଷ ଟଙ୍କା। ୨୦୨୩ ମାର୍ଚ୍ଚରେ ଏହା ୩.୯ ଲକ୍ଷ ଟଙ୍କା ଥିଲା। ତେବେ କୌତୂହଳର ବିଷୟ ହେଉଛି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟଙ୍କ ଉପରେ ମୁଣ୍ଡ ପିଛା ଋଣ ପରିମାଣରେ ୨୩% ବୃଦ୍ଧି ଘଟିଛି। ଅର୍ଥାତ୍ ପ୍ରତ୍ୟେକ ଭାରତୀୟଙ୍କ ହାରାହାରି ଋଣ ୯୦,୦୦୦ ଟଙ୍କା ବୃଦ୍ଧି ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜୁନ୍‌ର ଆର୍ଥିକ ସ୍ଥିରତା ରିପୋର୍ଟରେ ଏହି ସୂଚନା ଦିଆଯାଇଛି।



ଭାରତୀୟଙ୍କ ଉପରେ ବଢୁଥିବା ଋଣ ଏହା ଦର୍ଶାଉଛି ଯେ ଦେଶରେ ଲୋକମାନେ ପୂର୍ବ ଅପେକ୍ଷା ଅଧିକ ଋଣ ନେଉଛନ୍ତି। ଏଥିରେ ଗୃହ ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟ ଏବଂ ଅନ୍ୟାନ୍ୟ ଖୁଚୁରା ଋଣ ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ଋଣ ଏବଂ କ୍ରେଡିଟ୍ କାର୍ଡ ଦେୟ ଭଳି ଅଣ-ଗୃହ ଖୁଚୁରା ଋଣ ସର୍ବାଧିକ ବୃଦ୍ଧି ପାଇଛି। ଏହି ଋଣଗୁଡ଼ିକ ମୋଟ ଘରୋଇ ଋଣର ୫୪.୯%। ଏହା ଖର୍ଚ୍ଚଯୋଗ୍ୟ ଆୟର ୨୫.୭%। ଏଥିରେ ଗୃହ ଋଣର ଭାଗ ୨୯%। ତେବେ ଏଥିରେ ଅଧିକାଂଶ ଲୋକ ପୂର୍ବରୁ ଋଣ ନେଇସାରିଛନ୍ତି ଏବଂ ପୁଣି ନେଉଛନ୍ତି। ଅପରପକ୍ଷେ ଆର୍‌ବିଆଇ ଅନୁଯାୟୀ, ଭାରତର ମୋଟ ଜିଡିପିର ୪୨% ଋଣ। ଭାରତରେ ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି, ଯାହାର ଅର୍ଥ ସେମାନଙ୍କଠାରୁ ଟଙ୍କା ହରାଇବାର ଆଶଙ୍କା କମ୍। ରିଜର୍ଭ ବ୍ୟାଙ୍କ କହିଛି ଯେ ବର୍ତ୍ତମାନ ଏହି ଋଣରୁ କୌଣସି ବଡ଼ ବିପଦ ନାହିଁ। ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି। ସେମାନେ ଋଣ ପରିଶୋଧ କରିବାକୁ ସକ୍ଷମ।

କ୍ଷୁଦ୍ର ଆର୍ଥିକ କ୍ଷେତ୍ରରେ (କ୍ଷୁଦ୍ର ଋଣ ଗୋଷ୍ଠୀ) ଋଣଗ୍ରହୀତାଙ୍କ ହାରାହାରି ଦେୟ ୧୧.୭%କୁ ହ୍ରାସ ପାଇଛି, କିନ୍ତୁ ୦୨୫ ର ଦ୍ୱିତୀୟାର୍ଦ୍ଧରେ ଚାପଗ୍ରସ୍ତ ସମ୍ପତ୍ତି ସଂଖ୍ୟା ବୃଦ୍ଧି ପାଇଛି। ଆର୍‌ବିଆଇ କହିଛି ଯେ କ୍ଷୁଦ୍ର ଆର୍ଥିକ କମ୍ପାନୀଗୁଡ଼ିକ ଅଧିକ ସୁଧ ହାର ଏବଂ ଲାଭାଂଶ ଆଦାୟ କରୁଛନ୍ତି। ଯାହା ଋଣଗ୍ରହୀତାଙ୍କ ପାଇଁ ପରିଶୋଧ କରିବା କଷ୍ଟକର ହେଉଛି। ୨୦୨୫ ମାର୍ଚ୍ଚ ସୁଦ୍ଧା, ଅନ୍ୟ ଦେଶମାନଙ୍କ ପ୍ରତି ଭାରତର ଋଣ / ବାହ୍ୟ ଋଣ ୭୩୬.୩ ବିଲିୟନ ଡଲାର ଥିଲା, ଯାହା ଗତ ବର୍ଷ ତୁଳନାରେ ୧୦% ଅଧିକ।

■ ୨୦୨୩ରେ ଥିଲା ୩.୯ ଲକ୍ଷ ଋଣ
■ ଦୁଇ ବର୍ଷରେ ଋଣ ୨୩% ବଢ଼ିଛି

# ଆଦାନୀ ଓ ଇସ୍କନ୍‌ର ମିଳିତ ସହଯୋଗରେ ରଥଯାତ୍ରାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ



ଭୁବନେଶ୍ୱର,୧।୭ (ସମିସ): ଚଳିତ ବର୍ଷ ପୁରୀ ରଥଯାତ୍ରା ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ଏକ ଅନନ୍ୟ ସହଯୋଗ ସ୍ଥାପନ ହୋଇ ଶ୍ରଦ୍ଧାଳୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ପ୍ରସାଦ ସେବନ କରାଇବାର ଦାୟିତ୍ୱ ତୁଲାଇଛନ୍ତି। ଗତ ୩ ଦିନ ହେବ ରଥଯାତ୍ରାରେ ଆଦାନୀ ଗ୍ରୁପ ତଥା ଇସ୍କନର ମିଳିତ ସହଯୋଗରେ ଏହି ପ୍ରସାଦ ସେବା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଏହି ପ୍ରସାଦରେ ଅନ୍ନ, ଦହି ଭାତ, ରୁଟି, ପରିବା ତରକାରୀ, ଡାଲି, ପାୟସମ୍, ଗୁଲାବ୍ ଜାମୁନ, ଏବଂ ହାଲୱା ଆଦି ଅନ୍ତର୍ଭୁକ୍ତ। ଏହା କେବଳ ଶ୍ରଦ୍ଧାଳୁମାନଙ୍କ ପେଟ ପୁରିବା ପାଇଁ ନୁହେଁ ବରଂ ଖରାରେ ଦୀର୍ଘ ବାଟ ଅତିକ୍ରମ କରି ଆସୁଥିବା ଲୋକଙ୍କ ପୁଷ୍ଟିକର ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସାହାଯ୍ୟ କରିଥିଲା। ପ୍ରତ୍ୟେକ ଥାଳିରେ ପ୍ରାୟ ୭୦୦ ରୁ ୯୦୦ କ୍ୟାଲୋରୀ, ୨୦ ଗ୍ରାମରୁ ଅଧିକ ପ୍ରୋଟିନ ଏବଂ ଫାଇବର, ଭିଟାମିନ ଏବଂ ଅତ୍ୟାବଶ୍ୟକ ଖଣିଜ ତତ୍ତ୍ୱର ଏକ ପୌଷ୍ଟିକ ମିଶ୍ରଣ ବିତରଣ କରାଯାଇଥିଲା। ତାଳବଣିଆ ବସଷ୍ଟାଣ୍ଡ ପୁରୀ ରେଳ ଷ୍ଟେସନ, ଗୁଣ୍ଡିଚା ମନ୍ଦିର ନିକଟ, ସ୍ୱର୍ଗଦ୍ୱାର ଜଙ୍କସନ୍, ବଗଲା ଧର୍ମଶାଳା, ଦିଗବାରେଣୀ ପାର୍କିଂ ଏବଂ ଦୁଧୱାଲା ଧର୍ମଶାଳା ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ସ୍ୱେଚ୍ଛାସେବୀମାନେ ନମ୍ରତାର ସହ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି। ଖାଦ୍ୟ ପରିବେଷଣରେ କୌଣସି ପ୍ରକାର ଥର୍ମୋକୁଲ କିମ୍ବା ପ୍ଲାଷ୍ଟିକ୍ ର ବ୍ୟବହାର କରାଯାଇନଥିଲା ବେଳେ ଜୈବ ବିଘଟନଶୀଳ କାଗଜପ୍ଲେଟ୍ର ବ୍ୟବହାର କରାଯାଉଛି।

# ରଥଯାତ୍ରାରେ ଅଲଟ୍ରାଟେକ୍ ସିମେଣ୍ଟ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ପାଇଲା ସ୍ଥାନ

ଭୁବନେଶ୍ୱର,୧।୭ (ସିମସ): ଚଳିତ ରଥଯାତ୍ରାରେ, ପୁରୀ ସମୁଦ୍ର ବେଳାଭୂମିରେ ସବୁଠାରୁ ବଡ଼ ଆନାମର୍ଫିକ୍ ସମନ୍ୱିତ ଗୃହ ସ୍ଥାପନା ପାଇଁ ଅଲଟ୍ରାଟେକ୍ ସିମେଣ୍ଟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପାଇଲା ସ୍ଥାନ। ଏହି ଐତିହାସିକ ସଫଳତାରେ ସିମେଣ୍ଟ ବ୍ରାଣ୍ଡ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ ପ୍ରତିଷ୍ଠିତ ପୁରୀ ସମୁଦ୍ର ବେଳାଭୂମିରେ ସର୍ବବୃହତ ଆନାମର୍ଫିକ୍ ଡିସ୍‌ପ୍ଲେ ସମନ୍ୱିତ ଗୃହ ସ୍ଥାପନ କରି ଆନୁଷ୍ଠାନିକ ଭାବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରିଛି, ଯାହା ୨୦୨୫ ରଥଯାତ୍ରାର ମହାନ ଉତ୍ସବ ସମୟରେ ନବସୃଜନ, ଡିଜାଇନ୍ ଏବଂ ଗଠନାତ୍ମକ ଉତ୍କର୍ଷତାର ଏକ ଅନନ୍ୟ ମିଶ୍ରଣକୁ ରଚନା କରିଛି। ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୁଗ୍ମ ସଭାପତି - ଜୋନାଲ ମୁଖ୍ୟ ଅମିତାଭ ପାଣ୍ଡେ ଅଲଟ୍ରାଟେକ୍ ସିମେଣ୍ଟ ବ୍ରାଣ୍ଡ ପକ୍ଷରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏହି ସମ୍ମାନ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ନରବିଜୟ ଯାଦବ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ସରକାରୀ ପ୍ରତିନିଧି, ପ୍ରଦାନ କରିଥିଲେ। ରେକର୍ଡ କରିଥିବା ଏହି ସ୍ଥାପନା ଲ୍ଇଡି ମାଧ୍ୟମରେ ଏକ ଦୁଇ ମହଲା ବିଶିଷ୍ଟ କଂକ୍ରିଟ୍ ଘର ଗଠନ ରହିଛି ଯାହା ଏକ ଆଧୁନିକ ଭାରତୀୟ ଘର ସଦୃଶ ଡିଜାଇନ୍ କରାଯାଇଛି ଓ ଏକ ବାହ୍ୟ ଆନାମର୍ଫିକ୍ ୩ଡି ପ୍ରଦର୍ଶନ ସହିତ ସହଜରେ ସମନ୍ୱିତ ହୋଇଛି ଯାହା ଭାରତରେ ପ୍ରଥମ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ର ମାନ୍ୟତା ଦାୟିତ୍ୱ ନେଇଥିବା ନରବିଜୟ ଯାଦବ ବର୍ତ୍ତମାନ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପତ୍ରିକାର ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି।




# ନିଯୁକ୍ତିଭିତ୍ତିକ ପ୍ରୋତ୍ସାହନ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ (ଇଏଲଆଇ) ଯୋଜନାକୁ ଅନୁମୋଦନ ଦେଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ଉତ୍ପାଦନ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ସବୁ କ୍ଷେତ୍ରରେ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇଏଲଆଇ ଯୋଜନା ଅଧୀନରେ, ପ୍ରଥମ ଥର କାମ କରୁଥିବା ପାଇଁ କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ। ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ। ମୋଟ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ୨୦୨୪-୨୫ କେନ୍ଦ୍ର ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ଇଏଲଆଇ ଯୋଜନା ଘୋଷଣା କରାଯାଇଥିଲା।

- ଉତ୍ପାଦନ କ୍ଷେତ୍ରକୁ ଗୁରୁତ୍ୱ, ପ୍ରଥମ ଥର କାମ କରୁଥିବା ଲୋକଙ୍କୁ ପ୍ରୋତ୍ସାହନ
- ମିଳିବ ଦୁଇଟି କିସ୍ତିରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ

# ରଥଯାତ୍ରା ଉତ୍କଳ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୭ (ସମିସ): ରଥଯାତ୍ରା ଅବସରରେ ଉତ୍କଳ ବିଦ୍ୟୁତ କର୍ମଚାରୀ ସଂଘ (ୟୁବିକେଏସ୍) ପକ୍ଷରୁ ପୁରୀ ବଡଶଙ୍ଖ ନିକଟରେ ଏକ ଉଲ୍ଲେଖନୀୟ ମାନବିକ ଉଦ୍ୟମ ହିସାବରେ ଭକ୍ତ ମାନଙ୍କ ପାଇଁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହଜାର-ହଜାର ଭକ୍ତଙ୍କୁ ଉଚିତ ବ୍ୟବସ୍ଥାରେ ମାନ୍ୟତା ଓ ସ୍ନେହସହିତ ଖାଦ୍ୟ ପରିବେଶନ କରାଯାଇଥିଲା। ସଂଘର ୧୦୦ ରୁ ଅଧିକ ସ୍ୱେଚ୍ଛାସେବୀ ସଚେଷ୍ଟ ଭାବରେ ଏଥିରେ ଅଂଶଗ୍ରହଣ କରି ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ଶୃଖଳାବଦ୍ଧ ବ୍ୟବସ୍ଥା ମାଧ୍ୟମରେ ସେବା ଦେଇଥିଲେ। ସଂଘର ସଭାପତି ୟୁର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଅମିତ୍ ମହାପାତ୍ର ଓ ସାଧାରଣ ସମ୍ପାଦକ ସୁଧୀର କୁମାର ସାହୁଙ୍କ ମିଳିତ ନେତୃତ୍ୱରେ ଏହି ଉଦ୍ୟମ ସଫଳ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍ ଷ୍ଟେସନ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

# ବିବାହିତ ପୁରୁଷଙ୍କର ବୃଦ୍ଧି ପାଏ ଆୟୁ!



ବିବାହ ପରେ ଉଭୟ ପୁରୁଷ ଓ ମହିଳାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥାଏ। ତେବେ ବିବାହ ପୁରୁଷଙ୍କ ପାଇଁ ଲାଭଦାୟକ ହୋଇଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଅବିବାହିତ ପୁରୁଷଙ୍କ ତୁଳନାରେ ବିବାହିତ ପୁରୁଷ ଦୀର୍ଘ ଦିନ ପର୍ଯ୍ୟନ୍ତ ସୁସ୍ଥ ଓ ଜୀବିତ ରହିବା ସମ୍ଭାବନା ଅଧିକ। ପୁରୁଷ ଓ ମହିଳାଙ୍କ ବୟସ ଉପରେ ବିବାହର ଅଲଗା ଅଲଗା ପ୍ରଭାବ ଥିବା ଏହି ଅଧ୍ୟୟନ ଏକପ୍ରକାର ସୂଚାଇଛି। ବିବାହିତ ପୁରୁଷଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ପୁରୁଷଙ୍କ ତୁଳନାରେ ଧୀରେ ବୃଦ୍ଧି ପାଏ। ଅବଶ୍ୟ ମହିଳାଙ୍କ କ୍ଷେତ୍ରରେ ଏହି ସ୍ଥିତିଟି ଅଲଗା ଥାଏ। ତେବେ ଜୀବନସାଥୀ ସହିତ ରହୁଥିବା ପୁରୁଷ ଦୀର୍ଘାୟୁ ହୋଇଥାନ୍ତି ବୋଲି ଏହି ଅଧ୍ୟୟନରେ କୁହାଯାଇଛି।

ଅଧ୍ୟୟନ ଅନୁସାରେ, ଛାଡ଼ପତ୍ର କିମ୍ବା ବିଧବା ମହିଳାଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ମହିଳାଙ୍କ ତୁଳନାରେ ଅଧିକ କଷ୍ଟକର ହୋଇଥାଏ। ଏହି ଅଧ୍ୟୟନ କାନାଡ଼ାର ବୟସ୍କ ଲୋକଙ୍କ ଉପରେ ଆଧାରିତ ଥିଲା। ଏଥିରେ ୪୫ରୁ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଜୀବନଶୈଳୀକୁ ୨୦ ବର୍ଷ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯାଇଥିଲା। ଏଥିରୁ ଏକଥା ଜାଣିବାକୁ ଚେଷ୍ଟା କରାଯାଇଥିଲା ଯେ, ବିବାହ କରିବା ତଥା ନ କରିବା ଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ଓ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପଡ଼ିଥାଏ। ବିବାହର ପ୍ରଭାବ ପୁରୁଷ ଓ ମହିଳାଙ୍କ ଜୀବନ ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ ବୋଲି ଏହି ଅଧ୍ୟୟନରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ଏକଥା ବି ଦର୍ଶାଯାଇଛି ଯେ, ବିବାହ କେବଳ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନୁହେଁ, ବରଂ ମାନସିକ ଅବସ୍ଥା ତଥା ଲୋକଙ୍କର ଭାବପ୍ରବଣତା ଉପରେ ମଧ୍ୟ ପ୍ରଭାବ ପକାଏ।



# ଜୁଲାଇ ୩ରେ 'ରାମାୟଣ'ର ପ୍ରଥମ ଝଲକ୍

ବଲିଉଡ୍ ଅଭିନେତା ରଣବୀର କପୁର ଓ ସାଇପଲ୍ଲବୀଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ ହେବ ବୋଲି କୁହାଯାଉଛି। ସବୁଠୁ ବଡ଼ କଥା ହେଉଛି ଏଥିରେ ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀର ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଏହି ଫିଲ୍ମ ବେଶ୍ ଖାସ୍ ହେବାକୁ ଯାଉଛି। ଜୁଲାଇ ୩ ତାରିଖରେ ଫିଲ୍ମର ଲୋଗୋ ରିଲିଜ୍ କରାଯିବ। ଏହି ଦିନ ଦର୍ଶକଙ୍କୁ ଫିଲ୍ମର ଝଲକ୍ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଇତିମଧ୍ୟରେ 'ରାମାୟଣ'ର ତିନି ମିନିଟ୍‌ର ଫିଲ୍ମର ଟିଜର୍ ପ୍ରସ୍ତୁତ ମଧ୍ୟ ହୋଇ ଯାଇଛି। ତେବେ ଫିଲ୍ମ ରିଲିଜ୍ ହେବାକୁ ଆହୁରି ଦେଢ଼ ବର୍ଷ ବାକି ଥିବାରୁ ଫିଲ୍ମ ନିର୍ମାତା ଏବେ ଟିଜର୍ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ନୀତେଶ ତିୱାରିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଭାବପ୍ରବଣତା ସହ ଟେକ୍ନୋଲଜିର ଏକ ନିଆରା ସଂଯୋଗ ଦେଖିବାକୁ ମିଳିବ। ଏହାପୂର୍ବରୁ ରାମାୟଣ ଉପରେ ପ୍ରଭାସଙ୍କ 'ଆଦିପୁରୁଷ' ମୁକ୍ତିଲାଭ କରିଥିଲା। ଫିଲ୍ମର ସଂଳାପ ଠାରୁ ଆରମ୍ଭ କରି ଭିଏଫ୍ଏକ୍ସରେ ଅନେକ ତ୍ରୁଟି ଦେଖାଯାଇଥିଲା। ଯେଉଁଥିପାଇଁ ସାମାଜିକ ଗଣମାଧ୍ୟମରେ ଏହାକୁ ଜବରଦସ୍ତ ଟ୍ରୋଲ୍ କରାଯାଇଥିଲା। 'ଆଦିପୁରୁଷ'ର ଟିଜର୍ ରିଲିଜ୍ ହେବା ପର ଠାରୁ ହିଁ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଫିଲ୍ମ ଆସିବା ପରେ ଦର୍ଶକେ ପୂରା ନିରାଶ ହୋଇ ଯାଇଥିଲେ। ତେଣୁ 'ରାମାୟଣ'କୁ ନେଇ ନୀତେଶ ସେମିତି କିଛି ଭୁଲ୍ କରିବାକୁ ଚାହୁଁନାହାନ୍ତି। ଜୁଲାଇ ୩ରେ ଏହାର ଟିଜର୍ ଆସିବ କି ନାହିଁ ଏହାର ନିର୍ମାତା ଏନେଇ ବିଧିବଦ୍ଧ ଭାବେ କିଛି କହିନାହାନ୍ତି।

### ଆଜି ଆସିଥିଲେ...

# ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ




ଓଡ଼ିଆ ସାହିତ୍ୟ ଇତିହାସରେ କାଳନ୍ଦୀ ଚରଣ ପାଣିଗ୍ରାହୀ ଜଣେ ବିରଳ ପ୍ରତିଭା। ସାହିତ୍ୟର ସବୁ ବିଭାଗକୁ ସେ ଋଦ୍ଧିମନ୍ତ କରିଛନ୍ତି। ସେ ଥିଲେ ଏକାଧାରରେ ଜଣେ ଯଶସ୍ୱୀ କବି, କଥାଶିଳ୍ପୀ, ପ୍ରାବନ୍ଧିକ, ସୁସମାଲୋଚକ, ନାଟ୍ୟକାର। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ ଓ ଅନ୍ୟମାନଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ନାମରେ ଏକ ନୂଆଯୁଗର ଆରମ୍ଭ କରିଥିଲେ। ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କର ଲେଖା 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମରାଚିତା', 'ମୁକ୍ତାଗଡ଼ର କ୍ଷୁଧା' ଆଦି ଉପନ୍ୟାସ। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। କାଳିନ୍ଦୀ ଚରଣଙ୍କ ସର୍ବଶ୍ରେଷ୍ଠ କୃତି 'ମାଟିର ମଣିଷ' ଲାଗି ସେ ଘରେ ଘରେ ପରିଚିତ। ଯୌଥ ପରିବାରର ଏକ ଜୀବନ୍ତ ଆଲେଖ୍ୟ ହେଉଛି 'ମାଟିର ମଣିଷ'। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ "ନନସେନ୍ସ କ୍ଲବ୍" ଗଠନ କରିଥିଲେ। ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

## ସମ୍ଭାବନା



# ଚାଟ୍‌ଜିପିଟିରେ କ'ଣ ସେୟାର୍ କରିବେ ନାହିଁ

**ଆଜିକାଲି ପ୍ରାୟ ସମସ୍ତେ ଚାଟ୍‌ଜିପିଟିର ବ୍ୟବହାର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କରୁଛନ୍ତି। ବେଳେ ବେଳେ ଏଥିରେ ଅଜଣାତରେ ବି ଲୋକମାନେ ବ୍ୟକ୍ତିଗତ ତଥ୍ୟ ସେୟାର୍ କରନ୍ତି। ଯାହାକି ଗୋପନୀୟତା ପ୍ରତି ବିପଦ ସୃଷ୍ଟି କରିଥାଏ। ତେବେ ଚାଟ୍‌ଜିପିଟି ସହିତ କ'ଣ ସବୁ ସେୟାର୍ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**



- ଚାଟ୍‌ଜିପିଟିରେ ସୋସିଆଲ ମିଡିଆ ପାସ୍‌ୱାର୍ଡ ଏବଂ ଇମେଲ୍ ଆଦି ବାବଦରେ ସେୟାର୍ କରନ୍ତୁ ନାହିଁ।
- ଏଥିରେ ବ୍ୟାଙ୍କ ତଥା କ୍ରେଡିଟ୍ କାର୍ଡ ବିବରଣୀ ପ୍ରଦାନ କରନ୍ତୁ ନାହିଁ।
- ସେହିପରି ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ପ୍ୟାନ୍ କାର୍ଡ ତଥ୍ୟ ପ୍ରଦାନରୁ ଦୂରେଇ ରୁହନ୍ତୁ।
- କାମ କରୁଥିବା ସ୍ଥାନ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରନ୍ତୁ ନାହିଁ।
- ଚାଟ୍‌ଜିପିଟିରୁ ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ଭୟ ଥାଏ। ତେଣୁ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବା ଭଲ।
- ଚାଟ୍‌ଜିପିଟି ବ୍ୟବହାର କରିବା ସମୟରେ ପ୍ରାଇଭେସି ପଲିସିକୁ ଧ୍ୟାନରେ ପଢ଼ନ୍ତୁ। ଏହାର ବ୍ୟବହାର କେବଳ ଅଫିସିଆଲ ୱେବ୍‌ସାଇଟ୍ ଏବଂ ଆପ୍ ଦ୍ୱାରା କରନ୍ତୁ।

# ଜେନ୍-ଜିଙ୍କ କାର୍ଯ୍ୟ ଚାପ

**ଏବର ସମୟରେ ଜେନେରେସନ ଜେଡ୍ ବା ଜେନ୍-ଜିଙ୍କ ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଉଛି। ଏହି ପିଢ଼ିଙ୍କ ପାଖରେ ଅଧିକ ଉତ୍ସାହ, ଆତ୍ମବିଶ୍ୱାସ ଓ ଉର୍ଜା ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ବି ସେମାନେ କାର୍ଯ୍ୟ ଚାପକୁ ନେଇ ଚିନ୍ତିତ ରହୁଛନ୍ତି। ଏହି ପିଢ଼ିଙ୍କ କାମ କରିବା ତରିକା ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବେଳେ ସେମାନେ କାର୍ଯ୍ୟ ଚାପକୁ କିଭଳି ଭାବେ ନିୟନ୍ତ୍ରଣ କରିବେ, ସେ ସମ୍ପର୍କରେ ଜାଣିବା।**



**ଜରୁରି କାମକୁ ପ୍ରଥମେ କରନ୍ତୁ:** ୧୯୯୭-୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଢ଼ିକୁ ଜେନେରେସନ ଜି ବା ଜେନ୍-ଜି, ଜେଡ୍ ବୋଲି କୁହାଯାଏ। ସେମାନଙ୍କ ଚାଲିଚଳଣି ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଛି। ସେହିପରି ଉତ୍ସାହର ସହିତ କାମ କଲେ ବି ସେମାନେ କାମ ଚାପ ସମସ୍ୟାକୁ ସାମ୍ନା କରୁଛନ୍ତି। ତେବେ କାମ ଯେତେବେଳେ ଅଧିକ ଲାଗୁଛି, କେଉଁ କାମ ପ୍ରଥମେ କରିବା ଜରୁରି, ତାହା ପ୍ରଥମେ ସ୍ଥିର କରନ୍ତୁ। ଜରୁରି କାମକୁ ପ୍ରଥମେ ପୂରା କରନ୍ତୁ। ଏ ନେଇ କାର୍ଯ୍ୟ ତାଲିକା ପ୍ରସ୍ତୁତି କରିପାରିବେ। ଏହା ଦ୍ୱାରା କିଛି ମାତ୍ରରେ କାର୍ଯ୍ୟ ଚାପ ହ୍ରାସ ପାଇପାରେ।

**କାମ ମଝିରେ ବ୍ରେକ୍ ନିଅନ୍ତୁ:** ସେହିପରି ଲଗାତାର ବସି କାମ କରିବା ଦ୍ୱାରା କାର୍ଯ୍ୟ ଚାପ ବଢ଼ିପାରେ। ପ୍ରତି ଘଣ୍ଟାଏ ଏବଂ ଦୁଇ ଘଣ୍ଟା ମଧ୍ୟରେ ୫-୧୦ ମିନିଟ୍‌ରେ ଛୋଟ ବ୍ରେକ୍ ନିଅନ୍ତୁ। ଏହା ଦ୍ୱାରା ମନ ଖୁସି ରହିବ। କାମ କରିବାରେ ଆଗ୍ରହ ଆସିବ। ତେବେ କାମ ସରିବା ପରେ ଏବଂ ଛୁଟି ଦିନରେ କାମରୁ ସମ୍ପୂର୍ଣ୍ଣ ଭାବେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କୌଣସି କାମରେ ସମସ୍ୟା ଆସୁଥିଲେ କିମ୍ବା କାର୍ଯ୍ୟ ଭାର ଅଧିକ ଲାଗୁଥିଲେ, ସହକର୍ମୀ କିମ୍ବା ମାଲିକଙ୍କୁ ସାହାଯ୍ୟ ମାଗିବାକୁ ସଙ୍କୋଚ କରନ୍ତୁ ନାହିଁ।

**ମନକଥା ପ୍ରିୟଜନଙ୍କ ସହ ଆଲୋଚନା କରନ୍ତୁ:** ଅନ୍ୟପଟେ ଭଲ ନିଦ୍ରା ସହ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ବ୍ୟାୟାମ କରନ୍ତୁ। ଏହି ଅଭ୍ୟାସ ଚାପକୁ କମ୍ କରେ। ଏହାବାଦ୍ ଅଧିକ ଚାପ ଅନୁଭବ କରୁଥିଲେ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ଆଲୋଚନା କରନ୍ତୁ। ତେବେ କାମ ଚାପରେ କାର୍ଯ୍ୟରୁ ନ ଓହରି ଜୀବନରେ ଆଗକୁ ବଢ଼ିବାକୁ ଚେଷ୍ଟା କରନ୍ତୁ। ନୂଆ କଳା କୌଶଳ ଶିଖିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ମିଳେ।

# ଅଫିସ୍ ବନ୍ଧୁତା



ଅଫିସ୍ କେବଳ କାମ କରିବା ସ୍ଥାନ ନୁହେଁ, ବରଂ ଏଠାରେ ଏମିତି ବି କିଛି ସାଙ୍ଗ ମିଳନ୍ତି, ଯେଉଁମାନଙ୍କ ସହ ସୁଖ, ଦୁଃଖ ବଣ୍ଟା ଯାଏ। ଅଫିସ୍‌ରେ ଗୋଟିଏ ସମୟରେ ଯିବା ଆସିବା କରିବା ତଥା ଅନେକ ସମୟରେ ଗୋଟିଏ ପ୍ରୋଜେକ୍ଟରେ ଏକାଠି କାମ କରିବାକୁ ହୋଇଥାଏ। ଏହିପ୍ରକାରେ ଏଠାରେ ଜଣକୁ ଗୋଟିଏ ରୁଟିନ୍‌ରେ ପରସ୍ପରକୁ ଜାଣିବା ଏବଂ ବୁଝିବାର ସୁଯୋଗ ଜୁଟେ। ଫଳରେ ବନ୍ଧୁତା ଆପେ ଆପେ ଗଢ଼ି ଉଠେ। ଅଫିସ୍ ସାଙ୍ଗସାଥୀଙ୍କ ସହିତ ଦିନର ଏକ ବଡ଼ ଅଂଶ ସେୟାର୍ କରିବାକୁ ପଡ଼େ। ଏତେ ସମୟ ଜଣକ ସହ ଏକାଠି ଅତିବାହିତ କରିବା ଦ୍ୱାରା ଏକ ବିଶେଷ ପ୍ରକାର ସମ୍ପର୍କ ଗଢ଼ି ହୋଇଯାଏ। ଯାହାକି ପରବର୍ତ୍ତୀ ସମୟରେ ବନ୍ଧୁତାରେ ରୂପାନ୍ତରିତ ହୋଇଥାଏ। ଅନେକ ସମୟରେ ଅଫିସ୍ କାମ ଚାପପୂର୍ଣ୍ଣ ହୋଇଥାଏ। ତେଣୁ ଅଫିସ୍‌ରେ ଏମିତି ଜଣେ ସାଙ୍ଗ ହେବା ଦରକାର, ଯାହା ସହ ମନକଥା ଓ କାର୍ଯ୍ୟ ଚାପ ବାବଦରେ ଆଲୋଚନା କରି ହେଉଥିବ।

ସେହିପରି ଅଫିସ୍‌ରେ କିଛି ଜଣ ଏମିତି ମିଳନ୍ତି, ଯେଉଁମାନଙ୍କ ସହିତ କ୍ୟାରିୟର ଲକ୍ଷ୍ୟ ଓ ସଉକ ମଧ୍ୟ ମେଳ ଖାଏ। ଏହା ବନ୍ଧୁତାକୁ ଆହୁରି ମଜଭୁତ କରିବା ଦିଗରେ କାର୍ଯ୍ୟ କରେ। ଅନ୍ୟପଟେ ଅଫିସ୍‌ରେ କିଛି ସମସ୍ୟାରେ ସାହାଯ୍ୟର ହାତ ବଢ଼ାଉଥିବା ମଣିଷ ହିଁ ଅଫିସ୍‌ର ପ୍ରକୃତ ବନ୍ଧୁ ହୋଇଥାନ୍ତି। ସେହିପରି ଅଫିସ୍‌ରେ ଚା' ଓ କଫି ଭଳି ଛୋଟ ଛୋଟ ବ୍ରେକ୍‌ରେ ଗପସପ ଏବଂ ହସ ଖୁସି ବନ୍ଧୁତାକୁ ଅଧିକ ମଜଭୁତ କରେ। ଏହା ବାଦ୍ ଅଫିସ୍‌ରେ ସାଙ୍ଗସାଥୀଙ୍କଠାରୁ ନୂଆ ଜିନିଷ ଶିଖିବାକୁ ମିଳିଥାଏ। ଏହି ଶିଖି-ଶିଖେଇବାର ସମ୍ପର୍କ ବି ଏକପ୍ରକାର ବନ୍ଧୁତାରେ ପରିଣତ ହୋଇଥାଏ।

# ସ୍ମାର୍ଟ ଲୋକଙ୍କ ସ୍ମାର୍ଟ ଅଭ୍ୟାସ

**ପ୍ରତ୍ୟେକ ଲୋକଙ୍କ ସ୍ୱଭାବ, ଚାଲିଚଳଣି, ବ୍ୟବହାର ଏବଂ ଅଭ୍ୟାସ ଭିନ୍ନ ଭିନ୍ନ ଥାଏ। ଏହି କ୍ରମରେ କୌଣସି ବ୍ୟକ୍ତି ଜନ୍ମରୁ ସ୍ମାର୍ଟ ହୋଇ ନ ଥାନ୍ତି। ସେମାନଙ୍କର କିଛି ଅଭ୍ୟାସ ହିଁ ସେମାନଙ୍କୁ ସ୍ମାର୍ଟ କରିଥାଏ।**

- ତେବେ ସ୍ମାର୍ଟ ଲୋକଙ୍କ ସବୁଠୁ ଭଲ ଅଭ୍ୟାସ ହେଉଛି, ସେମାନେ ଅତ୍ୟନ୍ତ ଜିଜ୍ଞାସୁ ହୋଇଥାନ୍ତି।
- ସବୁବେଳେ ନୂଆ ନୂଆ ଜିନିଷ ବାବଦରେ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି।
- ସ୍ମାର୍ଟ ଲୋକଙ୍କର ପଢ଼ାପଢ଼ି ପ୍ରତି ରୁଚି ଥାଏ। ସେମାନେ ବିଭିନ୍ନ ବହି ପଢ଼ାକୁ ଗୁରୁତ୍ୱ ଦିଅନ୍ତି।
- କଥାବାର୍ତ୍ତା ସମୟରେ ସେମାନେ ଅନ୍ୟର କଥାକୁ ଧ୍ୟାନରେ ଶୁଣନ୍ତି। ସେମାନେ ଅନ୍ୟର ବିଚାର ଓ ଅଭିଜ୍ଞତାକୁ ବୁଝିବାକୁ ଚେଷ୍ଟା କରନ୍ତି।
- ସବୁବେଳେ ସକାରାତ୍ମକ ଦୃଷ୍ଟିକୋଣରେ ରହିବାକୁ ଭଲପାଆନ୍ତି ଏବଂ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରନ୍ତି।
- ସେମାନେ ସମୟ ପରିଚାଳନା ଠିକ୍ ଭାବେ କରନ୍ତି। କୌଣସି କାମକୁ ବିଳମ୍ବରେ କରି ନ ଥାନ୍ତି।


## ଏଜ୍‌ବାଷ୍ଟନରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଆଜିଠାରୁ

# ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତ

ଏଜବାଷ୍ଟନ,୧।୭ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଅନୁଷ୍ଠିତ ହେବ। ସିରିଜ୍ ବରାବର କରିବାକୁ ଦୃଢ଼ ଆଶାୟୀ ଥିବା ଭାରତକୁ ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଅନ୍ୟ ପକ୍ଷରେ ଇଂଲଣ୍ଡ ମଧ୍ୟ ମ୍ୟାଚ୍ ଜିତି ୨-୦ରେ ସିରିଜ୍ ଅଗ୍ରଣୀ ନେବାକୁ ବଡ ଆଶା ରଖିଛି। ଏଥିଲାଗି ପ୍ରଥମ ଟେଷ୍ଟ ଜିତିଥିବା ଦଳରେ କୌଣସି ପରିବର୍ତ୍ତନ କରିନାହିଁ ଇଂଲଣ୍ଡ। କିନ୍ତୁ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ଭାରତ ଏଯାଏ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍ ଜିତିନାହିଁ। ଏଠାରେ ଦଳ ୮ଟି ମ୍ୟାଚ୍ ଖେଳି ୭ଟିରେ ହାରିଥିଲାବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିଛି। ଯାହା ଫଳରେ ଦଳ ଏଠାରେ ଓ ଚଳିତ ସିରିଜ୍‌ରେ ପ୍ରଥମ ଟେଷ୍ଟ ବିଜୟ ଲକ୍ଷ୍ୟରେ ରହିଛି। ସେହିପରି ଇଂଲଣ୍ଡ ଏଠାରେ ଖେଳିଥିବା ଶେଷ ୭ଟି ଟେଷ୍ଟ ମଧ୍ୟରୁ ଶେଷ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଉଭୟ ଦଳ ନିକଟରେ ମ୍ୟାଚ୍ ଜିତିବାକୁ ସମାନ ସୁଯୋଗ ରହିଛି।

କିନ୍ତୁ ଏଠାରେ ଟେଷ୍ଟ ମ୍ୟାଚ୍ ଜିତିବା ଭାରତ ଲାଗି ଏତେଟା ସହଜ ନୁହେଁ। ଦଳର ପ୍ରମୁଖ ବୋଲିଂ ଅସ୍ତ୍ର ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହୋଇନାହିଁ। ତାଙ୍କ ଅନୁପସ୍ଥିତିରେ ଭାରତ ଏଠାରେ କିପରି ମୁକାବିଲା କରିବ ତାହାକୁ ନେଇ ସୃଷ୍ଟି ହୋଇଛି ସଂଶୟ। ସେ ଏହି ସିରିଜ୍‌ରେ ୩ଟି ମ୍ୟାଚ୍ ଖେଳିବେ ବୋଲି କୁହାଯାଉଥିଲେ ମଧ୍ୟ ୱାର୍କଲୋଡ ଅନୁଯାୟୀ ବୁମ୍‌ରାଙ୍କୁ ଏହି ଟେଷ୍ଟରୁ ବାଦ୍ ଦେବା ଭାରତ ଲାଗି ବୁମେରାଂ ହୋଇପାରେ। ଏଣୁ ହରଡ଼ ଘଣାରେ ପଡ଼ିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ତାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ତାଙ୍କୁ ଯଦି ବାଦ୍ ଦିଆଯାଏ ତେବେ ଦଳ ସଂକଟରେ, ଯଦି ସେ ଖେଳନ୍ତି ତେବେ ସେ ନିଜେ ଅଡୁଆରେ ପଡ଼ି ପାରନ୍ତି। ଏଭଳି ସମୟରେ ଯଦି ସେ ନ ଖେଳନ୍ତି, ଅନ୍ୟତମ ଯୁବ ଫାଷ୍ଟ ବୋଲର ଆକାଶ ଦୀପ୍ ତାଙ୍କ ସ୍ଥାନରେ ଖେଳିବେ। ଆକାଶଙ୍କର ନିଜ ବୋଲିଂ ଉପରେ ଢ଼େର ନିୟନ୍ତ୍ରଣ ରହିଛି ଓ ଅଷ୍ଟ୍ରେଲିଆରେ ସେ ସୁନ୍ଦର ବୋଲିଂ କରିଥିଲେ। ସେହିପରି ଦଳ ଦ୍ୱିତୀୟ ଖେଳାଳି ବଦଳ କରିବ ବୋଲି ଆଶା ରଖିଛି। ସେହି ଖେଳାଳି ଜଣଙ୍କ ହେଲେ ଶାର୍ଦ୍ଦୁଳ ଠାକୁର। ଶାର୍ଦ୍ଦୁଳ ପ୍ରଥମ ଟେଷ୍ଟରେ ଆଦୌ ଉପଯୋଗୀ ସାବ୍ୟସ୍ତ ହୋଇ ପାରି ନ ଥିଲେ। ଏଣୁ ଭାରତୀୟ ଦଳ ତାଙ୍କୁ ଦ୍ୱିତୀୟ ସୁଯୋଗ ଦେବ ନାହିଁ ବୋଲି ଆଶା କରାଯାଉଛି।





### ■ ସୁନ୍ଦର ହୋଇ ପାରନ୍ତି ଦ୍ୱିତୀୟ ସ୍ପିନର

ଦ୍ୱିତୀୟ ଟେଷ୍ଟ ଖେଳାଯିବାକୁ ଥିବା ଏଜବାଷ୍ଟନ ପିଚ୍‌ରେ ଦୁଇ ଦିନ ପୂର୍ବରୁ ୧୧ ଏମଏମ ଘାସ ଥିଲା। କିନ୍ତୁ ଏବେ ତାହା ଦେଖିବାକୁ ମିଳୁ ନାହିଁ। ଅସହ୍ୟ ଗରମ ଯୋଗୁ ପଡ଼ିଆ ଶୁଷ୍କ ରହିଛି। ଏଭଳି ସ୍ଥିତିରେ ଭାରତ ଦୁଇଜଣ ସ୍ପିନରଙ୍କୁ ଖେଳାଇବ ବୋଲି ଆଶା କରାଯାଉଛି। ଗୋଟିଏ ଦିନ ଆଗରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦୁଇ ଜଣ ସ୍ପିନର ଖେଳାଇବା କଥା ସ୍ପଷ୍ଟ କରିଥିଲେ ସହକାରୀ କୋଚ୍ ରିୟାନ ଟେନ୍ ଡୋଶ୍ଚେଟ୍। ସବୁଆଡୁ ଦେଖିଲେ ଏହି ଟେଷ୍ଟରେ ଭାରତ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବା ସମ୍ଭାବନା ବୃଦ୍ଧି ପାଇଛି। ରବୀନ୍ଦ୍ର ଜାଡେଜା ପ୍ରଥମ ପସନ୍ଦର ସ୍ପିନର ହୋଇଥିଲାବେଳେ କୁଲଦୀପ ଯାଦବ ଦ୍ୱିତୀୟ ସ୍ପିନର ଭାବେ ଖେଳନ୍ତୁ ବୋଲି ଅନେକ ପରାମର୍ଶ ଦେଇଥିଲେ। କିନ୍ତୁ କୁଲଦୀପ ନୁହଁନ୍ତି ଅଫ୍ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏଠାରେ ଖେଳିବାର ସମ୍ଭାବନା ଅଧିକ ରହିଛି। ଏହି ଗ୍ରାଉଣ୍ଡରେ ଅତୀତରେ ଅଫ୍ ସ୍ପିନର ମାନେ ଟେଷ୍ଟରେ ସଫଳତା ପାଇଛନ୍ତି। ଅଷ୍ଟ୍ରେଲିଆର ନାଥାନ ଲାୟନ, ଇଂଲଣ୍ଡର ମୋଇନ ଅଲି ଓ ୨୦୧୮ ରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ଏଠାରେ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଉଭୟ ରେକର୍ଡ ଓ ରଣନୀତି ଯୋଗୁଁ ସୁନ୍ଦରଙ୍କ ଏହି ଟେଷ୍ଟ ଖେଳିବା ସମ୍ଭାବନା ଶତପ୍ରତିଶତ ବୃଦ୍ଧି ପାଇଛି।

### ■ ଇଂଲଣ୍ଡ ଆତ୍ମବିଶ୍ୱାସୀ

ବାଜ୍‌ବଲ ଏରା (ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କଲମଙ୍କ ଖେଳ ଶୈଳୀ)ରେ ଟେଷ୍ଟ ମ୍ୟାଚ୍ ବେଶ ଆକର୍ଷଣୀୟ ହୋଇପାରିଛି। ଏହି ଶୈଳୀର ପ୍ରମୁଖ ଧାରା ହେଉଛି ଆକ୍ରମଣାତ୍ମକ ଖେଳିବା। ଏହି ରଣନୀତିରେ ଇଂଲଣ୍ଡ ବିଫଳତା ଅପେକ୍ଷା ଅଧିକ ସଫଳ ହୋଇଛି। ଏଭଳି ସ୍ଥିତିରେ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟ ଜିତିବାକୁ ଇଂଲଣ୍ଡର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଦଳର ଆତ୍ମବିଶ୍ୱାସ ଏତେ ବଢ଼ିଛି ଯେ, ଦଳ ପ୍ରଥମ ଟେଷ୍ଟ ଖେଳିଥିବା ଏକାଦଶ ଏହି ମ୍ୟାଚ୍ ଲାଗି ଅପରିବର୍ତ୍ତିତ ରଖିଛି। ବୋଲିଂରେ ଦଳ ଅନଭିଜ୍ଞ ଖେଳାଳିଙ୍କୁ ସାମିଲ କରି ମ୍ୟାଚ୍ ଜିତିନେଇଛି। ଏପରିକି ଭାରତ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୪୧ ରନ୍‌ରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩୧ ରନ୍‌ରେ ୬ଟି ୱିକେଟ ଅକ୍ତିଆର କରିବାରେ ଏହି ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦଳର ବ୍ୟାଟିଂ ଲାଇନ୍ ଶକ୍ତିଶାଳୀ ଥିଲାବେଳେ ଉତ୍ସାହୀ ବୋଲରଙ୍କୁ ନେଇ ଇଂଲଣ୍ଡ ଏହି ଟେଷ୍ଟ ଜିତିବ ବୋଲି ଅଧିନାୟକ ତଥା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଆଶା ପ୍ରକାଶ କରିଛନ୍ତି।

**ଭାରତର ସମ୍ଭାବ୍ୟ ଏକାଦଶ**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ), କରୁନ ନାୟାର/ନୀତୀଶ ରେଡ୍ଡି, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା/ଆକାଶ ଦୀପ୍, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ**

ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

**ଖେଳ ସମୟ**

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ


**ପ୍ରସାରଣ**

ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ।

● ୱିମ୍ବଲଡନ ଦ୍ୱିତୀୟ ଦିନ

## ସିନ୍ନରଙ୍କ ଅଗ୍ରଗତି; ପେଗୁଲା ଆରମ୍ଭରୁ ଝୁଣ୍ଟିଲେ

ଲଣ୍ଡନ, ୧।୭ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୨ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ଏକ ନମ୍ବର ପୁରୁଷ ଖେଳାଳି ଇଟାଲୀର ଜାନିକ ସିନ୍ନର ସହଜ ବିଜୟ ସହ ଅଗ୍ରଗତି କରିଛନ୍ତି। କିନ୍ତୁ ମହିଳା ବିଭାଗରେ ଆମେରିକାର ୩ୟ ସିଡ୍ ଜେସିକା ପେଗୁଲା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।



ଏଲିସାବେଟ୍ଟା କୋକିଆରେଟ୍ଟୋ

ସ୍ଥାନୀୟ ଅଲଇଂଲଣ୍ଡ ଲନ୍ ଟେନିସ କ୍ଲବର କୋର୍ଟ-୧ରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ନର ୬-୪, ୬-୩, ୬-୦ ସେଟ୍‌ରେ ସାଥୀ ଇଟାଲୀ ଖେଳାଳି ଲୁକା ନାର୍ଡିଙ୍କୁ ସହଜରେ ହରାଇଥିଲେ। ସେହିଭଳି ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ୬-୭ (୬/୮), ୬-୭ (୮/୧୦), ୬-୪, ୭-୬ (୮/୬), ୬-୪ ସେଟ୍‌ରେ ଫ୍ରାନ୍ସର ପେଣ୍ଡି ପେରିକାର୍ଡଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ୧୩ତମ ସିଡ୍ ଆମେରିକା ଟମି ପଲ୍, ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍ ମଧ୍ୟ ପ୍ରଥମ ରାଉଣ୍ଡରେ ସହଜ ବିଜୟ ସହ ଆଗେଇଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଆମେରିକାର ତାରକା ଖେଳାଳି ତଥା ୩ୟ ସିଡ୍ ଜେସିକା ପେଗୁଲାଙ୍କୁ ନିରାଶ ହେବାକୁ ପଡ଼ିଛି। ପ୍ରଥମ ରାଉଣ୍ଡରେ ଇଟାଲୀର ଏଲିସାବେଟ୍ଟା କୋକିଆରେଟ୍ଟୋ ୬-୨, ୬-୩ ସିଧାସଳଖ ସେଟ୍‌ରେ ମାତ୍ର ୫୮ ମିନିଟ୍‌ରେ ପେଗୁଲାଙ୍କୁ ହରାଇ ମଙ୍ଗଳବାର ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ତେବେ ୨୦୨୪ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଚାଇନାର କ୍ୱିନ୍‌ୱିନ ଝେଙ୍ଗ୍‌ଙ୍କୁ ୫-୭, ୬-୪, ୧-୬ ସେଟ୍‌ରେ ହରାଇ କାଟେରିନା ସିନିକୋଭା ଦିବସର ଅନ୍ୟ ବଡ଼ ବିପର୍ଯ୍ୟୟ ଘଟାଇଥିଲେ।

### ହାରିଲେ ଜ୍ୱେରେଭ୍

ୱିମ୍ବଲଡନ ପୁରୁଷ ଏକକର ପ୍ରଥମ ରାଉଣ୍ଡରେ ବଡ଼ ବିପର୍ଯ୍ୟୟ ଘଟିଛି। ଫ୍ରାନ୍ସର ଅଣସିଡେଡ ଖେଳାଳି ଆର୍ଥର ରିଣ୍ଡରନେଚ୍ ଚମତ୍କାର ଖେଳ ପ୍ରଦର୍ଶନ କରି ପ୍ରଥମ ରାଉଣ୍ଡରେ ତୃତୀୟ ସିଡ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭଙ୍କୁ ୩-୨ରେ ହରାଇ ଏହି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଆର୍ଥର ଏହି ମୁକାବିଲାକୁ ୭-୬, ୬-୭, ୬-୩, ୬-୭, ୬-୪ ରେ ଜ୍ୱେରେଭଙ୍କୁ ହରାଇଥିଲେ।

## ୟୁନମ୍ ପର୍ବତାରୋହଣ କଲେ ଯୋଡାର ଦୀପକ

ଭୁବନେଶ୍ୱର,୧।୭ (ସମିସ): ଓଡ଼ିଶା ତଥା ଯୋଡାର ପର୍ବତାରୋହୀ ଦୀପକ ମହନ୍ତ ବିଶ୍ୱର ଅନ୍ୟତମ ଉଚ୍ଚ ଶୃଙ୍ଗ ମାଉଣ୍ଟ ୟୁନମ୍ ସଫଳତାର ସହ ଆରୋହଣ କରିବାରେ ସମର୍ଥ ହୋଇଛନ୍ତି। ହିମାଚଳ ପ୍ରଦେଶର ଲାହୁଲ ଓ ସ୍ପିତିରେ ଅବସ୍ଥିତ ଏହି ପର୍ବତାରୋହଣରେ ୧୦ଜଣ ପର୍ବତାରୋହୀ ଥିଲେ। ଜୁନ୍ ୨୭ରେ ଏହି ସଫଳତ ପାଇବାରେ ଅଭିଯାତ୍ରୀଙ୍କ ମଧ୍ୟରେ ଏକାଥିଲେ କେନ୍ଦୁଝର ଜିଲ୍ଲା ଯୋଡା ଅଧିବାସୀ ତଥା ରାଜ୍ୟର ଦୁଃସାହସିକ କ୍ରୀଡ଼ା ସଂଘର ସଦସ୍ୟ ଦୀପକ ମହନ୍ତ। ଏହି ସଫଳତା ପାଇବା ପରେ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଆସା (ଏଏସ୍ଏ)ର ସମ୍ପାଦକ ତଥା ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନା, ପୂର୍ବତନ ବରିଷ୍ଠ କ୍ରୀଡ଼ା ଅଧିକାରୀ ତଥା ଉପଦେଷ୍ଟା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ହରେଶ କୁମାର ମିଶ୍ର, ଶିବଶଙ୍କର ପଣ୍ଡା ଓ ବିକ୍ରମ କିଶୋର ଦାସ।





ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ଭୁବନେଶ୍ୱରର ସାତ୍ତ୍ୱିକ ସ୍ୱାଇଁଙ୍କୁ ଖୋର୍ଦ୍ଧା ଜିଲ୍ଲା ସଂଘ ପକ୍ଷରୁ ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂ ସମ୍ବର୍ଦ୍ଧିତ କରୁଛନ୍ତି।

## ୟୁରୋପ୍ ଗସ୍ତ : ଭାରତ-ଏ ହକି ଦଳରେ ଓଡ଼ିଶାରୁ ୪ ଖେଳାଳି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଆଗାମୀ ୟୁରୋପ୍ ଗସ୍ତ ଲାଗି ମଙ୍ଗଳବାର ହକି ଇଣ୍ଡିଆ ପକ୍ଷରୁ ୨୦ ଜଣିଆ ଭାରତ-ଏ ଦଳ ଘୋଷଣା କରାଯାଇଛି। ସଞ୍ଜୟଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୁଇ ଯୁବ ଡିଫେଣ୍ଡର ପ୍ରତାପ ଲାକ୍ରା ଓ ଅମନଦୀପ୍ ଲାକ୍ରା। ସେହିଭଳି ୩ଜଣିଆ ଷ୍ଟାଣ୍ଡବାଇ ତାଲିକାରେ ଓଡ଼ିଶାର ଡିଫେଣ୍ଡର ସୁନିଲ ଜୋଜୋ ଓ ଫରୱାର୍ଡ ସୁଦୀପ ଚିର୍ମାକୋଙ୍କୁ ମଧ୍ୟ ସୁଯୋଗ ମିଳିଛି। ଫଳରେ ଏହି ୟୁରୋପ ଗସ୍ତରେ ଭାରତ-ଏ ସହ ଓଡ଼ିଶାର ୪ଜଣ ଖେଳାଳି ସାମିଲ ହୋଇଛନ୍ତି। ଭାରତ-ଏ ଏହି ଗସ୍ତରେ ଆୟର୍ଲାଣ୍ଡ, ଫ୍ରାନ୍ସ ଓ ନେଦରଲାଣ୍ଡସ ଦଳ ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବ।

● ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

## ଅଶୋକଙ୍କୁ ସ୍ୱର୍ଣ୍ଣ, ସୁସ୍ମିତାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୭ (ସମିସ): ଆମେରିକାରେ ଅନୁଷ୍ଠିତ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଦୁଇ ଓଡ଼ିଆ ଖେଳାଳି ପଦକ ସଫଳତା ପାଇଛନ୍ତି। ସେମାନେ ହେଲେ ଓଡ଼ିଶା ପୁଲିସର କନଷ୍ଟେବଳ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା। ପୁରୁଷ ୮୦୦ ମିଟର ରେସରେ ଅଶୋକ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ସମାନ ଇଭେଣ୍ଟର ମହିଳା ବିଭାଗରେ ସୁସ୍ମିତା ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତି ରାଜ୍ୟ ପୁଲିସ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଉଭୟ ଅଶୋକ ଓ ସୁସ୍ମିତା ରାଜ୍ୟ ଓ ଦେଶ ପାଇଁ ଆହୁରି ଗୌରବ ଆଣନ୍ତୁ ବୋଲି ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଅଶୋକ ଓ ସୁସ୍ମିତା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।





## ପ୍ରତି ମାସରେ ପତ୍ନୀ ଓ ଝିଅଙ୍କୁ ସାମି ଦେବେ ୪ ଲକ୍ଷ

କୋଲକାତା, ୧।୭ (ଏଜେନ୍ସି): ଭାରତୀୟ କ୍ରିକେଟର୍ ମହମ୍ମଦ ସାମିଙ୍କୁ ମଙ୍ଗଳବାର କୋଲକାତା ହାଇକୋର୍ଟରୁ ଜୋରଦାର୍ ଝଟ୍‌କା ଲାଗିଛି। ସାମି ତାଙ୍କ ପତ୍ନୀ ହାସିନ ଜହାନ ଓ ଝିଅ ଆଇରାଙ୍କୁ ଭରଣପୋଷଣ ବାବଦକୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏହି ୪ ଲକ୍ଷରୁ ପତ୍ନୀ ହାସିନଙ୍କୁ ୧.୫ ଲକ୍ଷ ଓ ଝିଅ ଆଇରାଙ୍କୁ ୨.୫ ଲକ୍ଷ ଟଙ୍କା ଦେବାକୁ ଏଥିରେ କୁହାଯାଇଛି। ଏହି ଭରଣପୋଷଣ ରାଶି ୭ ବର୍ଷ ପଛରୁ ଆଦାୟ କରିବାକୁ କୁହାଯାଇଛି। ଅର୍ଥାତ୍ ମାସକୁ ୪ ଲକ୍ଷ ହିସାବରେ ୭ ବର୍ଷକୁ ୩.୩୬ କୋଟି ଟଙ୍କା ସାମି ଆଗାମୀ ୬ ମାସ ମଧ୍ୟରେ ତାଙ୍କ ପତ୍ନୀ ଓ ଝିଅଙ୍କୁ ଦେବେ। ଉଲ୍ଲେଖଯୋଗ୍ୟ, ସାମି ଓ ହାସିନ ୨୦୧୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହାର ବର୍ଷକ ପରେ ଉଭୟଙ୍କ ଔରସରୁ ଏକ ଝିଅ ଜନ୍ମ ହୋଇଥିଲା। କିନ୍ତୁ ପରେ ଜଣାପଡ଼ିଥିଲା ଯେ ହାସିନ ପୂର୍ବରୁ ବିବାହ କରିଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

## ୨୪ ବର୍ଷ ପରେ ବଦଳିଲା ଜାତୀୟ କ୍ରୀଡ଼ା ନୀତି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ଜାତୀୟ କ୍ରୀଡ଼ା ନୀତିକୁ ଅନୁମୋଦନ କରିଛି। ଦେଶରେ କ୍ରୀଡ଼ା କ୍ଷେତ୍ରକୁ ରୂପାନ୍ତରିତ କରିବା ଲକ୍ଷ୍ୟରେ ଜାତୀୟ କ୍ରୀଡ଼ା ନୀତି (ଏନ୍ଏସ୍‌ପି)କୁ ଅନୁମୋଦନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଏଠାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ପ୍ରଚଳିତ ଜାତୀୟ କ୍ରୀଡ଼ା ନୀତି-୨୦୦୧ର ସ୍ଥାନ ନେଇଛି। ଏହାର ଅର୍ଥ ୨୪ ବର୍ଷ ପରେ ବଦଳିଛି। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଶକ୍ତିଶାଳୀ ଦେଶ ଭାବରେ ପ୍ରତିଷ୍ଠା କରିବା ପାଇଁ ଏକ ଦୂରଦୃଷ୍ଟିପୂର୍ଣ୍ଣ ଓ ରଣନୈତିକ ରୋଡ୍‌ମ୍ୟାପ୍ ଏଥିରେ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଉପଲବ୍ଧି ହାସଲ କରିବା ଅନ୍ତର୍ଭୁକ୍ତ ରହିଛି। ଏନ୍ଏସ୍‌ପି-୨୦୨୫କୁ ପ୍ରସ୍ତୁତ କରିବାରେ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ନୀତି ଆୟୋଗ, ଜାତୀୟ କ୍ରୀଡ଼ା ମହାସଂଘ (ଏନ୍ଏସ୍ଏଫ୍) ଓ କିମ୍ବଦନ୍ତୀ ଖେଳାଳିମାନେ ସହଯୋଗ କରିଛନ୍ତି। ଜାତୀୟ କ୍ରୀଡ଼ା ନୀତି-୨୦୨୫ର ମୂଳ ଲକ୍ଷ୍ୟ ହେଉଛି, ଭାରତକୁ ଏକ ଅଗ୍ରଣୀ କ୍ରୀଡ଼ା ରାଷ୍ଟ୍ର ହେବା ପାଇଁ ଏକ ପରିବର୍ତ୍ତନଶୀଳ ପଥ ଉପରେ ସ୍ଥାପନ କରିବା। ଏହା ଅଧୀନରେ ଭାରତରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ରୀଡ଼ା ବିଷୟରେ ସଚେତନ କରାଯିବ। ମହିଳାମାନଙ୍କ ପାଇଁ କ୍ରୀଡ଼ାରେ ଅଂଶଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସେହିଭଳି ନୂତନ ନୀତି ଅଧୀନରେ କ୍ରୀଡ଼ା ଲିଗ୍ ସଂଗଠନକୁ ମଧ୍ୟ ପ୍ରୋତ୍ସାହିତ କରାଯିବ। ଯାହା ଦ୍ୱାରା ଅଧିକରୁ ଅଧିକ ଖେଳାଳି ସୁଯୋଗ ପାଇବେ।

ଫିଫା କ୍ଲବ୍ ବିଶ୍ୱକପ୍‌ରେ **ବିପର୍ଯ୍ୟୟ**

## ଅଲ୍-ହିଲାଲ୍‌ଠୁ ହାରିଲା ମାଞ୍ଚେଷ୍ଟର ସିଟି

ଡଲାସ,୧।୭ (ଏଜେନ୍ସି)

ଆମେରିକାରେ ଚାଲିଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡର ମାଞ୍ଚେଷ୍ଟର ସିଟିକୁ ୪-୩ ଗୋଲରେ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ମାର୍କୋସ ଲିଓନାର୍ଡୋଙ୍କ ଡବଲ ଗୋଲ ବଳରେ ଅଲ-ହିଲାଲ ଏହି ବିପର୍ଯ୍ୟୟ ସୃଷ୍ଟିକରିବାରେ ସମର୍ଥ ହୋଇଛି। ସେହିପରି ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍‌ସେ ୨-୦ ଗୋଲରେ ଇଟାଲୀର ଚାମ୍ପିଅନ କ୍ଲବ୍ ଇଣ୍ଟର ମିଲାନକୁ ହରାଇ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୁଇ ବିପର୍ଯ୍ୟୟସୃଷ୍ଟିକାରୀ ଟିମ୍ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଅର୍ଲାଣ୍ଡୋରେ ଶୁକ୍ରବାର ଖେଳାଯିବ। ଏବେ ଶେଷ କ୍ୱାର୍ଟର ଫାଇନାଲ ମୁକାବିଲା ଲାଗି ମ୍ୟାଚ୍ ଖେଳାଯିବ। ପ୍ରତମ ପ୍ରି-କ୍ୱାର୍ଟରରେ ଆଜି ରାତିରେ ରିଅଲ ମାଦ୍ରିଦ୍ ସହ ଜୁଭେଣ୍ଟସର ଓ ଆସନ୍ତାକାଲି ସକାଳେ ମୋଣ୍ଟେରୀ ସହ ଡର୍ଟମଣ୍ଡର ମୁକାବିଲା ହେବ। ପୂର୍ବରୁ କ୍ୱାର୍ଟର ଫାଇନାଲରେ ପିଏସ୍‌ଜି ସହ ବେୟର୍ଣ୍ଣ ମ୍ୟୁନିକ୍, ପାଲମେଇରାସ ସହ ଚେଲସୀର ମୁକାବିଲା ଚୂଡାନ୍ତ ହୋଇଛି।



ବିଶ୍ୱର ଅନ୍ୟତମ ପ୍ରସିଦ୍ଧ କ୍ଲବ୍ ଇଟାଲୀର ଜୁଭେଣ୍ଟସ ସହ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଆସିଥିଲା। କିନ୍ତୁ କ୍ୟାମ୍ପିଙ୍ଗ୍ ୱାର୍ଲ୍ଡ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁକାବିଲାରେ ଖେଳର ୯ମ ମିନିଟ୍‌ରେ ମାଞ୍ଚେଷ୍ଟର ସିଟି ବର୍ଣ୍ଣାଡୋ ସିଲ୍‌ଭାଙ୍କ ଗୋଲରେ ଅଗ୍ରଣୀ ନେଇଥିଲା। ପୂର୍ବତନ ବାର୍ସିଲୋନା ଖେଳାଳି ମାଲକମ୍ ଏହି ଗୋଲଟିକୁ ଶୁଝାଇ ଦେଇଥିଲେ। ଦଳ ପକ୍ଷରୁ ଜୋଆଓ କାଲସେଲୋ ଆଉ ଏକ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ନିର୍ଦ୍ଧାରିତ ସମୟ ଖେଳ ଶେଷ ପୂର୍ବରୁ ଏର୍ଲିଙ୍ଗ ହଲାଣ୍ଡ ଆଉ ଏକ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଯାହା ଫଳରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ଅଲ ହିଲାଲ ପକ୍ଷରୁ କାଲିଡୋଉ କୌଲିବାଲି ଗୋଲ ଦେଇ ପୁଣି ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାର ୧୦ ମିନିଟ୍ ପରେ ଫିଲ ଫୋଡେନ୍ ଗୋଲ ଶୁଝାଇ ୩-୩ରେ ଖେଳକୁ ସମାନ ସ୍ତରକୁ ନେଇଆସିଥିଲେ। ଖେଳର ୧୧୨ତମ ମିନିଟ୍‌ରେ ସର୍ଗେଜ୍ ମିଲିଙ୍କୋଭିଚ୍ ସାଭିଚ୍‌ଙ୍କ ହେଡରକୁ ଗୋଲ ରକ୍ଷକ ଏଡରସନ ଅଟକାଇବା ଫଳରେ ବଲଟି ବାହାରକୁ ଆସିଯାଇଥିଲା। ଏହି ସୁଯୋଗର ସଦ୍‌ବ୍ୟବହାର କରି ଲିଓନାର୍ଡୋ ଦଳ ଲାଗି ଦ୍ୱିତୀୟ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଫଳରେ ଅଲ ହିଲାଲ ନିର୍ଦ୍ଧାରିତ ସମୟ ପରେ ୪-୩ ଗୋଲରେ ବିଜୟୀ ହୋଇଥିଲା।

ଅନ୍ୟ ଏକ ମ୍ୟାଚ୍‌ରେ ବ୍ରାଜିଲୀୟ କ୍ଲବ୍ ପ୍ରାଧାନ୍ୟ ବିସ୍ତାର କରି ୨-୦ ଗୋଲରେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଜର୍ମାନ ଖେଳାଳି କାନୋ ଓ ବଦଳ ଖେଳାଳି ହର୍କ୍ୟୁଲେସ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଇଣ୍ଟର ମିଲାନ ଏହି ମ୍ୟାଚ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିଲା। ବିଶେଷ କରି ଲୌଟାରେ ମାର୍ଟିନେଜ୍ ଓ ଫେଡେରିକୋ ଦିମାର୍କୋ ଗୋଲ ଦେବାର ଦୁଇଟି ସହଜ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ। ସେହିପରି ବ୍ରାଜିଲର ଦୁଇ କ୍ଲବ୍ ଫ୍ଲୁମିନେନ୍‌ସେ ଓ ପାଲମେଇରାସ ସେମାନଙ୍କ ଶକ୍ତିଶାଳୀ ୟୁରୋପୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ଲବ୍‌ସ୍ତରରେ ବିଶ୍ୱର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ୟୁରୋପୀୟ ଦଳ ଅଧିକ ସଫଳତା ହାସଲ କରିବାରେ ସମର୍ଥ ହୋଇପାରି ନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS